

୧୭ କୋଟିର ମାଲିକ ଗୁକେଶ
ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 281| ଭାଗ ୩୨ | ସଂଖ୍ୟା୨୮୧ | Bhubaneswar | Saturday 4 January 2025 | Page 8 Rs. 4.00 | ଭୁବନେଶ୍ୱର ଶନିବାର ୪ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ରାଜଭବନରେ ନୂଆ ରାଜ୍ୟପାଳ



**ଭୁବନେଶ୍ୱର,୩।୧ (ସଂଚାର ବ୍ୟୁରୋ):** ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଭାବେ ଡ଼କ୍ଟର ହରି ବାବୁ କମ୍ଭମ୍‌ପତି ଶପଥ ନେବା ସହିତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଆଜି ପୂର୍ବାହ୍ନ ଘ.୧୦.୧୫ମିନିଟ୍ ସମୟରେ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଚକ୍ରଧାରୀ ଶରଣ ସିଂ ମାନ୍ୟବର ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଡ. କମ୍ଭମ୍‌ପତିଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ପ୍ରାରମ୍ଭରେ ରାଜ୍ୟର ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ରାଷ୍ଟ୍ରପତିଙ୍କ ସ୍ୱାକ୍ଷରିତ ନିଯୁକ୍ତିପତ୍ର (ୱାରେଂଟ ଅଫ୍ ଆପଏଂଟମେଣ୍ଟ) ପାଠ କରିଥିଲେ। ଶପଥ ପାଠ ପରେ ମୁଖ୍ୟ ଶାସନ ସଚିବ ରାଜ୍ୟପାଳଙ୍କ ଅନୁମତି ପ୍ରାପ୍ତ ପରେ ଉତ୍ସବର ପରିସମାପ୍ତି ଘୋଷଣା କରିଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ମଧ୍ୟ ଏହି ଅବସରରେ ମଞ୍ଚାସୀନ ଥିଲେ। ଶପଥ ଗ୍ରହଣ ପରେ ନବ ନିଯୁକ୍ତ ରାଜ୍ୟପାଳଙ୍କ ସମ୍ମାନାର୍ଥେ ରାଜଭବନ ପରିସରରେ ଗାର୍ଡ଼ ଅଫ୍



ଅନର ପୋଲିସ୍ ବାହିନୀ ପକ୍ଷରୁ ପ୍ରଦାନ କରାଯାଇଥିଲା। ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳଙ୍କ ସହଧର୍ମିଣୀ ତଥା ଲେଡ଼ି ଗଭର୍ଣ୍ଣର ଶ୍ରୀମତୀ ଜୟଶ୍ରୀ କମ୍ଭମ୍‌ପତି ପୃଷ୍ଠା-୬

# ଚାଷୀଙ୍କ ପାଇଁ ପେଡ଼ି ଖୋଲିଦେଲେ ମୋହନ

- ଅଦିନିଆ ବର୍ଷା ଜନିତ କ୍ଷୟକ୍ଷତିକୁ ବିପର୍ଯ୍ୟୟର ମାନ୍ୟତା
- ୬.୬୬ଲକ୍ଷ ଚାଷୀଙ୍କୁ ୨୯୧ କୋଟି ୫୯ ଲକ୍ଷ ଇନ୍‌ପୁଟ୍ ସବ୍‌ସିଡ଼ି
- ୨ ଲକ୍ଷ ୬୧ ହଜାର ଚାଷୀଙ୍କୁ ମିଳିବ ବୀମା ସହାୟତା
- ଚଳିତ ବର୍ଷ ୨.୪ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦନ ଲକ୍ଷ୍ୟ



**ଭୁବନେଶ୍ୱର,୩।୧ (ସଂଚାର ବ୍ୟୁରୋ):** ଅଦିନିଆ ବର୍ଷାକୁ ରାଜ୍ୟ ସରକାର ଏକ ବିପର୍ଯ୍ୟୟ ଭାବେ ଗ୍ରହଣ କରିଛନ୍ତି । ତେଣୁ, ରାଜ୍ୟର ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରାଯିବ । ଯେଉଁଚାଷୀ ମାନଙ୍କର ୩୩ ପ୍ରତିଶତ ବା ଅଧିକ ଫସଲ କ୍ଷତି ହୋଇଥିବ, ସେହି ଚାଷୀଙ୍କୁ ସହାୟତା ମିଳିବ । ଆଜି ତିନିଦିନିଆ କୃଷି ଓଡ଼ିଶା-୨୦୨୫ କାର୍ଯ୍ୟକ୍ରମକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ଘୋଷଣା କରିଛନ୍ତି ।

ଏସଡିଆରଏଫ ପାଣ୍ଠିରୁ ୨୯୧ କୋଟି ୫୯ ଲକ୍ଷ ଟଙ୍କାର ଇନ୍ପୁଟ୍ ସବ୍ସିଡି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ପ୍ରଦାନ କରାଯିବ। ଜିଲ୍ଲାପାଳଙ୍କ ରିପୋର୍ଟ ଅନୁଯାୟୀ ୬ ଲକ୍ଷ ୬୬ ହଜାର ୭୨୦ ଜଣ ଚାଷୀଙ୍କର ୨ ଲକ୍ଷ ୨୬ ହଜାର ୭୯୧ ହେକ୍ଟର ଜମିରେ ୩୩ ପ୍ରତିଶତରୁ ଅଧିକ ଫସଲ କ୍ଷତି ହୋଇଛି । ଏହା ସହିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨ ଲକ୍ଷ ୬୧ ହଜାର ଚାଷୀଙ୍କ ଆବେଦନ ହସ୍ତଗତ ହୋଇଛି । ବୀମାଭୁକ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ଆଜିଠାରୁ ଡିବିଟି ଜରିଆରେ କ୍ଷତିପୂରଣ ପ୍ରଦାନ କରାଯାଉଛି। କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବା ପରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ହୋଇଥିବା ଚାଷୀମାନଙ୍କ ଆବେଦନ ସମୟ ତିନି ଦିନ ବଢାଯାଇଥିଲା । ଏଥିପାଇଁ ସବୁ ବୀମାଭୁକ୍ତ ଚାଷୀମାନେ ଆବେଦନ କରିବାର ସୁଯୋଗ ପାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ, ଇନ୍ପୁଟ୍ ସବସିଡି ସହିତ, ଆଉ କେଉଁ ପ୍ରକାର ସାହାଯ୍ୟ ପ୍ରଦାନ କରାଯାଇପାରିବ, ସରକାର ସେ ଦିଗରେ ବିଚାର କରୁଛନ୍ତି । ଆମ ସରକାର ସର୍ବଦା ଚାଷୀଙ୍କ ସହିତ ଅଛନ୍ତି । କୃଷକଙ୍କ ମଙ୍ଗଳ ପାଇଁ ସବୁ ପ୍ରକାର ସାହାଯ୍ୟ କରିବାକୁ ଚେଷ୍ଟିତ ହେଉଛନ୍ତି ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଆମ ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଲୋକ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ କାମ କରି ଜୀବିକା ନିର୍ବାହ କରିଥାନ୍ତି । ତେଣୁ ଯେଉଁଠି ଏତେ ସଂଖ୍ୟକ ଲୋକେ ଗୋଟିଏ ବୃତ୍ତିରେ କାମ କରନ୍ତି, ସେମାନଙ୍କ ବିକାଶ କରିବା ସହ ସୁଖ ଦୁଃଖରେ ଠିଆ ହେବା ଯେ କୌଣସି ସରକାରଙ୍କ ନୈତିକ ଦାୟିତ୍ୱ । କୋଭିଡ ମହାମାରୀ ବେଳେ କେବଳ କୃଷକ ମାନେ ହିଁ ଦେଶର ଅର୍ଥନୀତିକୁ ବଞ୍ଚାଇ ସମସ୍ତଙ୍କ ମୁହଁରେ ଆହାର ପୃଷ୍ଠା-୬ ଦେଇଥିଲେ । ଏହି ମହତ କାର୍ଯ୍ୟ ପାଇଁ ଆପଣ ସମସ୍ତେ ଧନ୍ୟବାଦ ପୃଷ୍ଠା-୬

## ବ୍ଲାକ୍‌ମେଲ୍ କରୁଥିଲେ ଦିଦି

ଓଡ଼ିଶାକୁ ଏକ ପ୍ରକାର ବ୍ଲାକମେଲ୍ କରୁଥିଲା ଆମ ପଡ଼ୋଶୀ ରାଜ୍ୟ । ପଶ୍ଚିମବଙ୍ଗ ଆଳୁ ଟ୍ରକକୁ ରାଜ୍ୟର ସୀମାରେ ଅଟକାଇ ଦେଉଥିଲା । ତେଣୁ ଆମେ ନିଷ୍ପତ୍ତି ନେଇଛୁ, ମମତା ଦିଦିଙ୍କୁ ଆଉ ବ୍ଲାକମେଲ୍ କରିବାକୁ ସୁଯୋଗ ଦେବୁନି ଏଭଳି କହି ପଶ୍ଚିମବଙ୍ଗ ସରକାରଙ୍କୁ ଟାର୍ଗେଟ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଉପ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ରାଜ୍ୟରେ ଦୂର ହେବ ଆଳୁ ଅଭାବ । ଏବେ କୃଷକମାନଙ୍କୁ କେବଳ ଧାନ ଉପରେ ନିର୍ଭର ନକରି ନୂଆ ଟେକନିକ୍ ପ୍ରୟୋଗରେ ଅନ୍ୟାନ୍ୟ ଫସଲ କରିବା ପାଇଁ ପରାମର୍ଶ ଦିଆଯାଇଛି । ଏହା ସହ ରାଜ୍ୟରେ ଚାଷୀମାନଙ୍କୁ ଉନ୍ନତ ମାନର ଆଳୁ ବିହନ ଯୋଗାଇ ଦେଇଛୁ । ଏହା ସହ ରାଜ୍ୟରେ ଖୁବ ଶୀଘ୍ର ୫୮ଟି ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବ ବୋଲି ସେ କହିଛନ୍ତି ।

# କ୍ୟାବିନେଟ ନିଷ୍ପତ୍ତି: ବଢ଼ିଲା ଭିନ୍ନକ୍ଷମ ଭତ୍ତା



- ମାର୍ଚ୍ଚ ୩୧ ସୁଦ୍ଧା ଆବେଦନ କଲେ ମିଳିବ ସୁଭଦ୍ରାର ଦୁଇଟି କିସ୍ତି
- ସୂର୍ଯ୍ୟ ଘର ଯୋଜନାରେ କେନ୍ଦ୍ର ସହ ରାଜ୍ୟ ଦେବ ରିହାତି
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପାଇଁ ୮୭୪ କୋଟି
- ଯୋଗାଣ ନିଗମ ଋଣ ପାଇଁ ଗ୍ୟାରେଣ୍ଟର ରହିବେ ସରକାର

**ଭୁବନେଶ୍ୱର,୩।୧ (ସଂଚାର ବ୍ୟୁରୋ):** ସୁଭଦ୍ରା ଯୋଜନାକୁ ନେଇ ବଡ଼ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ମାର୍ଚ୍ଚ ୩୧ ସୁଦ୍ଧା ଯେଉଁମାନେ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଥିବେ ସେମାନଙ୍କୁ ଚଳିତ ବର୍ଷର ୧୦ ହଜାର ଟଙ୍କା ମିଳିବ । ଅର୍ଥାତ ବର୍ଷ ୨୦୨୫ର ଦୁଇଟି କିସ୍ତି ଟଙ୍କା ପାଇବେ । ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି କହିଛନ୍ତି ଯେ, ରାଜ୍ୟ କ୍ୟାବିନେଟ ବୈଠକରେ ୯ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି ।

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାକୁ ୫ ବର୍ଷ ପାଇଁ ଅନୁମୋଦନ ମିଳିଛି । ୫ ବର୍ଷରେ ଖର୍ଚ୍ଚ ହେବ ୭୫୦ କୋଟି ଟଙ୍କା। ଶକ୍ତି ବିଭାଗ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ପାଇଁ ରାଜ୍ୟ ସରକାର ୬୦ ହଜାର ପର୍ଯ୍ୟନ୍ତ ରିହାତି ଦେବେ। ଏକ କିଲୋଓ୍ବାଟ ପାଇଁ କେନ୍ଦ୍ର ସରକାର ୩୦ ହଜାର ଟଙ୍କା ଦେଉଥିବା ବେଳେ ରାଜ୍ୟ ସରକାର ଦେବେ ୨୫ ହଜାର ଟଙ୍କା ରିହାତି। ଦୁଇ କିଲୋୱାଟ ପାଇଁ କେନ୍ଦ୍ର ସରକାର ୩୦ ହଜାର ଦେଉଥିବା ବେଳେ ରାଜ୍ୟ ସରକାର ଆଉ ୨୫ ହଜାର ରିହାତି ଦେବେ। ସେହିଭଳି ୩ କିଲୋୱାଟର ସୋଲାର ପ୍ୟାନେଲ ପାଇଁ କେନ୍ଦ୍ର ସରକାର ୧୮ ହଜାର ଟଙ୍କା ସବସିଡି ଦେଉଥିବା ବେଳେ ରାଜ୍ୟ ସରକାର ଦେବେ ଆଉ ୧୦ ହଜାର ଟଙ୍କା। ଏହିଭଳି ତିନି କିଲୋଓ୍ବାଟ ପର୍ଯ୍ୟନ୍ତ ସୋଲାର ପ୍ୟାନେଲ ପାଇଁ କେନ୍ଦ୍ର ଓ ରାଜ୍ୟର ରିହାତି ମିଶାଇ ଜଣେ ହିତାଧିକାରୀ ପ୍ରାୟ ଲକ୍ଷେ ୨୦ ହଜାର ପର୍ଯ୍ୟନ୍ତ ରିହାତି ପାଇପାରିବେ।

ସେହିଭଳି ଭିନ୍ନକ୍ଷମଙ୍କ ପାଇଁ ଆଜି କ୍ୟାବିନେଟରେ ବଡ ନିଷ୍ପତ୍ତି ନିଆଯାଇଛି। ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ କିମ୍ବା ୯୮୦ ବର୍ଷ ବୟସ୍କ ଭିନ୍ନକ୍ଷମଙ୍କ ପାଇଁ ଭତ୍ତା ରାଶି ୩୫୦୦କୁ ବୃଦ୍ଧି କରାଯାଇଛି। ପୂର୍ବରୁ ସେମାନେ ୧୨ଶହ ଟଙ୍କା ପାଉଥିଲେ। ଏହାଦ୍ୱାରା ରାଜ୍ୟର ପ୍ରାୟ ୫୮ ହଜାର ଭିନ୍ନକ୍ଷମ ଉପକୃତ ହେବେ।

ଏଥିସହ ସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସଂପ୍ରସାରଣକୁ କ୍ୟାବିନେଟ ଅନୁମୋଦନ ମିଳିଛି। ରାଜ୍ୟରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଏହି ଯୋଜନାରେ ୨୦୨୧-୨୨ରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୮୭୪ କୋଟି ଟଙ୍କାର ଖର୍ଚ୍ଚ ଅଟକଳକୁ କ୍ୟାବିନେଟ ମଂଜୁରି ମିଳିଛି।

ରାଜ୍ୟ ଯୋଗାଣ ନିଗମ ଚାଷୀଙ୍କ ଠାରୁ ଧାନ କିଣିଥାଏ ଏବଂ ଚାଷୀଙ୍କୁ ୨୪ରୁ ୪୮ ଘଣ୍ଟା ମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ ନିଜସ୍ୱ ପୃଷ୍ଠା-୬

# କ୍ରିଡା ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ଘୋଷଣା



- ଖୋ ଖୋ ଟିମକୁ ୩ ବର୍ଷ ପାଇଁ ସ୍ପନସର୍ କରିବ ଓଡ଼ିଶା
- ରାଜ୍ୟ ସରକାର ଖର୍ଚ୍ଚ କରିବେ ବର୍ଷକୁ ୫ କୋଟି
- ୩ ବର୍ଷରେ ୧୫ କୋଟି

**ଭୁବନେଶ୍ୱର, ୩।୧ (ସଂଚାର ବ୍ୟୁରୋ) :** ଖୋ ଖୋ ଖେଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନେଇଛନ୍ତି ବଡ ନିଷ୍ପତ୍ତି। ଓଡ଼ିଶା ସରକାର ଏହି ଖେଳକୁ ଯୋଗାଇ ଦେବେ ପ୍ରୋତ୍ସାହନ। ପୂର୍ବରୁ ଜାତୀୟ ହକି ଖେଳକୁ ଓଡ଼ିଶା ସ୍ପନସର୍ କରିଥିବା ବେଳେ, ଏବେ ଖୋ ଖୋ ଖେଳକୁ ପ୍ରୋତ୍ସାହନ ଦେବାକୁ ଆଗେଇ ଆସିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାର 'ଖୋ ଖୋ' ଖେଳର ଜାତୀୟ ଟିମକୁ ଆଗାମୀ ୩ ବର୍ଷ ପାଇଁ ସ୍ପନସର କରିବେ। ଏହି ସ୍ପନସରସିପର ଅବଧି ୨୦୨୫ ଜାନୁଆରୀରୁ ୨୦୨୭ ଡିସେମ୍ବର ପର୍ଯ୍ୟନ୍ତ ରହିବ। ଏଥିପାଇଁ ବର୍ଷକୁ ୫ କୋଟି ଟଙ୍କା ଲେଖାଏଁ ସମୁଦାୟ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ଓଡ଼ିଶା ଖଣି ନିଗମ ପକ୍ଷରୁ ଏହି ଅର୍ଥ ପ୍ରଦାନ କରାଯିବ। ଏହାଦ୍ୱାରା ଭାରତୀୟ ଖୋ ଖୋ ଖେଳାଳୀ ପ୍ରୋତ୍ସାହନ ପାଇବା ସହିତ ଓଡ଼ିଶା ମଧ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ଖେଳରେ ବ୍ରାଣ୍ଡିଂ ଜରିଆରେ ବିଶ୍ୱସ୍ତରରେ ରାଜ୍ୟର ଛବିକୁ ଉଜ୍ଜଳ କରିପାରିବ ।

## ବିକଶିତ ଓଡ଼ିଶା ପାଇଁ ନୂଆ ଅଧ୍ୟାୟ

# ପ୍ରମୁଖ ସହର ସହ ଯୋଡ଼ିହେଲା ଭୁବନେଶ୍ୱର




**ଭୁବନେଶ୍ୱର,୩।୧ (ସଂଚାର ବ୍ୟୁରୋ):** ବିକଶିତ ଓଡ଼ିଶା ପାଇଁ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି । ଆଜି ଅପରାହ୍ନରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ଓ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ଦେଶର ପ୍ରମୁଖ ସ୍ଥାନଗୁଡ଼ିକୁ ବିମାନ ସେବାର ଶୁଭାରମ୍ଭ ହୋଇଛି । ଭୁବନେଶ୍ୱରରୁ ଜୟପୁର, କୋଚି, ଲକ୍ଷ୍ନୌ ଓ ପାଟ୍‌ନା ଏବଂ ଝାରସୁଗୁଡ଼ାରୁ ହାଇଦ୍ରାବାଦ, ରାୟପୁର ଓ ଲକ୍ଷ୍ନୌକୁ ବିମାନ ଚଳାଚଳ କରିବ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ ନୂଆ ଡେଷ୍ଟିନେସନ୍ ପଲିସି (ଏନ୍‌ଡିପି) ୨୦୨୪ ଆଧାରରେ ଏପରି ଉଡ଼ାଣ ରାଜ୍ୟର ବିମାନସେବା ଭିତ୍ତିଭୂମିକୁ ପ୍ରଶସ୍ତ କରିବ ବୋଲି କୁହାଯାଇଛି । ଆଜିର ଉଡ଼ାଣ କାର୍ଯ୍ୟକ୍ରମରେ ଭୁବନେଶ୍ୱର-ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ପତାକା ପୃଷ୍ଠା-୬

# ବିଜେଡିରେ ବୁଢ଼ା ସାଜିଛନ୍ତି ଯୁବକ

କେନ୍ଦ୍ର ବିରୋଧରେ ମୈଦାନ ସଜାଡୁଥିବା ବିଜେଡି ଦଳରେ ଭୟଙ୍କର କନ୍ଦଳ। କଟକ ଜିଲ୍ଲାରେ ଏହାର ସଙ୍କେତ ଦେଖିବାକୁ ମିଳୁଛି। ଜିଲ୍ଲାର ବରିଷ୍ଠ ନେତାଙ୍କୁ ବାଦ ଦେଇ କିଛି ବାହାର ଜିଲ୍ଲାର ଯୁବ ନେତା ଲେଢେଇର ମଙ୍ଗ ଧରୁଛନ୍ତି। ବୋଧହୁଏ ଦଳର ତଥାକଥିତ ନୀତି ନିର୍ଦ୍ଧାରକମାନେ ଗତ ନିର୍ବାଚନରେ କରିଥିବା ଉଦ୍ଦେଶ୍ୟମୂଳକ ଷଡଯନ୍ତ୍ରରୁ କିଛି ବି ଶିଖିଲେନି।

- ହାତରୁ ଛାଡୁ ନାହାନ୍ତି ସଂଗଠନ
- ମଇଦାନ ଛାଡୁଛନ୍ତି ଯୁବ ନେତା

**ଭୁବନେଶ୍ୱର,୩।୧ (ସଂଚାର ବ୍ୟୁରୋ):** ବିଜେଡିର ବୟସ୍କ ନେତା, ବିଶେଷକରି ୫୦ ଟପିଥିବା ନେତା ଏବେ ଯୁବ ଓ ଛାତ୍ର ବୈଠକର ମୁଖିଆ ସାଜିବା ସହିତ ରଣନୀତି ପ୍ରସ୍ତୁତ କରୁଛନ୍ତି । ଏହାକୁ ନେଇ ଏବେ ବିଜେଡିର ଯୁବନେତାଙ୍କ ମଧ୍ୟରେ ଅସନ୍ତୋଷ ବଢିବା ସହିତ ବୁଢାଙ୍କ ପାଇଁ ଆଉ କିଛି ହୋଇପାରିବ ନାହିଁ ବୋଲି ଶୁଣାଇଲେଣି ।



ଆସନ୍ତା ଛଅ ତାରିଖରେ କେନ୍ଦ୍ର ବିରୁଦ୍ଧରେ ଲଢେଇ ପାଇଁ ଯୁବ ଓ ଛାତ୍ର ନେତାଙ୍କୁ ମନାଇବା ଲାଗି ଏବେ ବିଜେଡିରେ ଚାଲିଛି ତୁହାକୁ ତୁହା ଆଲୋଚନା ଓ ବୈଠକ । ଏ ନେଇ ଦଳୀୟ କାର୍ଯ୍ୟାଳୟରେ ଯୁବ ନେତାଙ୍କର ବୈଠକ ବସିଥିଲା । ହେଲେ ଏଥିରେ ଯୋଗ ଦେଇଥିଲେ ୫୫ ଛୁଇଁଥିବା ବିଧାୟକ ଡକ୍ଟର ଅରୁଣ ସାହୁ, ସଦ୍ୟ ଶ୍ୱଶୁର ହୋଇଥିବା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାଶବର୍ମା, ୫୦ ଟପିଥିବା ପ୍ରଣବ ପ୍ରକାଶ ଦାସ ଓ ବିଧାୟକ ବ୍ୟୋମକେଶ ରାୟ ପ୍ରମୁଖ । ଏମାନଙ୍କ ସହିତ ଆଉ କିଛି ବୟସ୍କ ନେତା ଯୁବ ଛାତ୍ର ସମ୍ମିଳନୀରେ ଉପସ୍ଥିତ ଥିଲେ । ହେଲେ ଯୁବ ନେତାମାନେ କିନ୍ତୁ ପୃଷ୍ଠା-୬

# ଫସିଗଲେ ଦର୍ଜି, ଖସିଯିବେ କି ଫର୍ଜି ?

ଇନ୍ଫୋସିଟି ଥାନା ଅଞ୍ଚଳରୁ ହଂସୀତା ଅଭିଲିପ୍ସା ଓ ଅନୀଲ ମହାନ୍ତି ଗିରଫ ଘଟଣାରେ କମିଶନରେଟ ପୋଲିସକୁ ସହାୟତା କରିବ ଆୟକର ବିଭାଗ। ତଦନ୍ତ ବେଳେ ମିଳିଛି ଖଣି ମାଫିଆ, ସୁନା ଦୋକାନୀ, ଜିମ୍ ମାଲିକ ଓ ଟେଲର ଲିଙ୍କ । ଅଭିଯୁକ୍ତଙ୍କ ପାଇଁ ଅଡୁଆ ଯେତିକି ବଢ଼ିଛି, ପୋଲିସ ପାଇଁ ମଧ୍ୟ ତଦନ୍ତ ସେତିକି କାଠିକର ପାଠ ପାଲଟିଛି। କାରଣ ଏମାନଙ୍କ ଲିଙ୍କ, ବ୍ୟାଙ୍କ ଟ୍ରାଞ୍ଜାକସନ, ସିଡ଼ିଆର ରିପୋର୍ଟ , ସବୁଥିରୁ ମିଳିଛି ପ୍ରଭାବଶାଳୀଙ୍କ ସହ ସମ୍ପର୍କର ସୁରାକ। ତେବେ ରିମାଣ୍ଡ ପୂର୍ବରୁ ରବିଟକିଜ ଅଞ୍ଚଳର ଜଣେ ଟେଲରଙ୍କ ପୁଅକୁ ଜେରା କରିଛି ପୋଲିସ । ଉକ୍ତ ଯୁବକ ସହ ଲେଟ ନାଇଟ ପାର୍ଟି କରିବା, ବିଦେଶ ଯିବା ନେଇ ପ୍ରମାଣ ମିଳିଛି। କେବଳ ସେତିକି ନୁହେଁ ଜଣେ ଖଣି ମାଫିଆ ଓ ତାଙ୍କ ସହଯୋଗୀଙ୍କ ଲିଙ୍କ ଜଣାପଡ଼ିବା ପରେ ସେମାନେ ଏବେ ଫେରାର ହୋଇଯାଇଥିବା ବେଳେ ଆଉ ଜଣେ ଜିମ ମାଲିକ ଅନିଲଙ୍କ ଠାରୁ ୧୦ କୋଟିରୁ ଉର୍ଦ୍ଧ୍ୱ ନେଇଛନ୍ତି। ରିମାଣ୍ଡରେ ଆଣିବା ପରେ ସ୍ପେଶାଲ କ୍ରାଇମ ୟୁନିଟ ଅନେକ ଦିଗକୁ ନେଇ ଖୋଳତାଡ଼ କରିପାରେ । ଟେଣ୍ଡର ଫିକ୍ସିଂ, ହାଇପ୍ରୋଫାଇଲ ଲୋକଙ୍କ ନାଁ ନେଇ ଠକେଇ, ଚାକିରି ଦେବା ଓ ଟ୍ରାନ୍ସଫର କରିବାକୁ କହି ଠକେଇ, ଏମାନଙ୍କ ସହଯୋଗୀ, କେଉଁ କେଉଁ ଜାଗାରେ କଳା ଟଙ୍କା ବିନିଯୋଗ କରିଛନ୍ତି, ଏଭଳି ଅନେକ ପ୍ରଶ୍ନର ହୋଇପାରେ ଖୋଳତାଡ଼। ତେବେ ଆଜି ଅନୀଲ ଓ ହଂସୀତାଙ୍କ ଦୁଇଟି ଘରୋଇ ବ୍ୟାଙ୍କରେ ଥିବା ଆକାଉଣ୍ଟ ର ଡିଟେଲସ ମାଗି ଏହି ଠକେଇର ଚେର ଖୋଜିବାରେ ଲାଗିଛି କମିଶନରେଟ ପୋଲିସ। ରଘୁନାଥପୁରରେ ଥିବା ଅନିଲଙ୍କ ଅଫିସରେ ରେଡ଼ କରିବା ସହ ଜବତ କମ୍ପ୍ୟୁଟର, ହାର୍ଡଡିସ୍କ , ମୋବାଇଲକୁ ଫରେନସିକ ଲ୍ୟାବକୁ ପଠାଯାଇଛି। ତେବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଗ୍ରସରି ଦୋକାନ ଓ ପରେ ଗାଗୁରାମ ଦୋକାନ କରିଥିବା ଅନୀଲ କୋଟି କୋଟି ଟଙ୍କାର ମାଲିକ କେମିତି ହେଲେ ? ସୁଦୂର କଳାହାଣ୍ଡି ନର୍ଲା ରୁ ଆସିଥିବା ହଂସୀତା ପ୍ରଥମେ ରାଜଧାନୀର ଏକ ସ୍ପାରେ କାମ କରୁଥିବା ବେଳେ ସେ ମଧ୍ୟ କିଭଳି ଲୋକଙ୍କୁ ଚୁନ ଲଗାଇ କୋଟିପତି ହୋଇଗଲେ ସେ ନେଇ ମଧ୍ୟ ଆରମ୍ଭ ହୋଇଛି ଖୋଲତାଡ଼। ଏସବୁ ଭିତରେ ଆୟକର ବିଭାଗର ସହଯୋଗ କମିଶନରେଟ ପୋଲିସ ଲୋଡିଥିବାରୁ କିଛି ଖଣି ବ୍ୟବସାୟୀ, ଜିମ୍ ମାଲିକ, ମଦ ମାଫିଆ ଓ ଟେଲରଙ୍କ ପ୍ରତି ବଢ଼ିବାରେ ଲାଗିଛି ଅଡୁଆ । ରଘୁନାଥପୁରର ଜେଡ ୱାନ ଆପାର୍ଟମେଣ୍ଟରେ ଏମାନଙ୍କ ନାଁ ରେ ୨ଟି ଫ୍ଲାଟ ରହିଛି । କିନ୍ତୁ ଡୋରରେ ସେନସର ଲାଗିଥିବାରୁ ପୋଲିସକୁ ଅଧାରୁ ଫେରିବାକୁ ପଡିଛି ।





## କାନ ଡେରିଥା

ତଣ୍ଟିକଣ୍ଟା ହୋଇ ଲାଗିଛି
ହଂସିକା
ପୋଲିସ ପାଉନି ବାଟ
ତଦନ୍ତରେ ଯେତେ
ଭିତରକୁଯାଏ
ଦେଖେ ନୂଆ ନୂଆ ଚାଟ।

# ନୂଆ ବର୍ଷରେ ତିନି ଦଳର କର୍ମୀଙ୍କ ମନ ଫିକା



- ବିଜେପିରେ ଆଶାୟୀ ହତାଶ
- କଂଗ୍ରେସରେ ତାରିଖ ପରେ ତାରିଖ
- ବିଜେଡିରେ ସନ୍ଦେହର ଧୂଆଁ

**ଭୁବନେଶ୍ୱର,୩।୧ (ସଂଚାର ବ୍ୟୁରୋ):** ନୂଆବର୍ଷ ପାଳନରେ ସାରା ରାଜ୍ୟ ମସଗୁଲ୍ ଥିବାବେଳେ ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳର କର୍ମୀଙ୍କ ଭିତରେ କିନ୍ତୁ ଉତ୍ସାହ ନାହିଁ । ଶାସକ ବିଜେପି ସମେତ ଦୁଇ ବିରୋଧି ବିଜେଡି ଓ କଂଗ୍ରେସର କର୍ମୀମାନଙ୍କ ମନ ପୂରା ଫିକା ଫିକା ।

ଶାସକ ବିଜେପି ଦଳର କର୍ମୀମାନେ ଯଦିଓ ପ୍ରଥମଥର ସରକାରରେ ରହି ନୂଆବର୍ଷ ପାଳନ କରୁଛନ୍ତି କିନ୍ତୁ ସରକାରରେ ବିଭିନ୍ନ ପଦ ପଦବୀ ପାଇବାକୁ ଥିବା ଆଶାୟୀ ଓ ସେମାନଙ୍କ ଚେଲା ଚାମୁଣ୍ଡାମାନେ କିନ୍ତୁ ଖୁସି ନାହାନ୍ତି। ସାତ ମାସ ହେଲା ସେମାନେ ଚାତକ ଭଳି ଚାହିଁ ରହିଛନ୍ତି। ଯୋଜନା ବୋର୍ଡ ଠାରୁ ନିଗମ ପର୍ଯ୍ୟନ୍ତ କେଉଁଠି ହେଲେ ଦଳୀୟ ନେତାଙ୍କୁ ନିଯୁକ୍ତି ମିଳୁନାହିଁ । ଆଶାୟୀଙ୍କ ସଂଖ୍ୟା ପାହାଡ ପ୍ରମାଣେ ହୋଇଥିବାବେଳେ ଜଣେ ହେଲେ ଥଇଥାନ ହୋଇନାହାନ୍ତି। ଅନ୍ତତଃ ନୂଆବର୍ଷରେ ସେମାନଙ୍କୁ ନୂଆ ନିଯୁକ୍ତି ମିଳିବ ବୋଲି ନେତା ଓ କର୍ମୀମାନେ ଆଶା କରିଥିଲେ । ତାହା ବି ପାଣିଫୋଟକା ଭଳି ହୋଇଗଲା। ସେହିଭଳି ଦଳର ନୂଆ ସଭାପତି ନିଯୁକ୍ତି ନେଇ କୌଣସି ସ୍ପଷ୍ଟ ଚିତ୍ର ମିଳୁନଥିବାରୁ ଏହି ପଦପାଇଁ ଆଶାୟୀମାନଙ୍କ ଉତ୍କଣ୍ଠା ବି ବଢିବାରେ ଲାଗିଛି । ବିଜେପି ଭଳି ସମାନ ଅବସ୍ଥା କଂଗ୍ରେସ ଦଳରେ । ଅବଶ୍ୟ ସେମାନଙ୍କର ଚିନ୍ତା ଥଇଥାନ ନୁହେଁ । ସେମାନେ ଅପେକ୍ଷା କରିଚନ୍ତି ଦଳର ରାଜ୍ୟ ମୁଖ୍ୟ ନିଯୁକ୍ତିକୁ ନେଇ । ପ୍ରଥମେ ଦଶହରା, ପରେ ଦୀପାବଳୀ ଏହା ପରେ ନୂଆବର୍ଷ, ସବୁ କଷ୍ଟ ପୂରିଗଲା । ହେଲେ ପ୍ରଦେଶ କଂଗ୍ରେସର ସଭାପତି ନିଯୁକ୍ତ ହୋଇପାରିଲେ ନାହିଁ। ହିନ୍ଦୀ ଚଳଚିତ୍ର ଦାମିନି ର ଡାଇଲଗ ତାରିଖ୍ ପରେ ତାରିଖ୍ ସ୍ଥିତି ଏବେ କଂଗ୍ରେସ ଦଳରେ ଚାଲିଛି ବୋଲି ଦଳୀୟ ନେତାମାନେ ବି କହିଲେଣି। ଦଳ ମୁରବୀ ବିହୀନ ଥିବାରୁ ଶାସକ ଦଳକୁ ମୁକାବିଲା କରିବା ତ ଦୂରରକଥା ନିଜ ଘରକୁ ବି ସଜାଡି ପାରୁନାହିଁ । ତେବେ ରାଜ୍ୟର ମୁଖ୍ୟ ବିରୋଧି ଦଳ ବିଜେଡିର ସ୍ଥିତି ଟିକେ ଭିନ୍ନ । ଦଳର ନୂଆବର୍ଷ କେବଳ ପରସ୍ପରର ଗୋହି ଖୋଳିବାରେ ବିତିଯାଇଛି । ଦଳର ଥୋକେ ସନ୍ୟାସୀଙ୍କ ପଟିଆ ହୋଇଥିବାବେଳେ ଆଉ ଥୋକେ ସେମାନଙ୍କୁ ପାନେ ଦେବାପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି। ସନ୍ୟାସୀଙ୍କ ଅନୁଗତମାନେ ଅର୍ଥ ଲୋଭରେ ପଡି ପୁଣିଥରେ ସନ୍ୟାସୀଙ୍କୁ ମଇଦାନକୁ ଆଣିବାପାଇଁ ଉଦ୍ୟମ ଚଳାଇଛନ୍ତି । ଏହାକୁ ନେଇ ଦଳ ଭିତରେ ଅସନ୍ତୋଷ ବଢି ପୃଷ୍ଠା-୬

## ଜାତୀୟ ସଡକ ସୁରକ୍ଷା ସମୀକ୍ଷା ବୈଠକ



**କେନ୍ଦ୍ରାପଡା, ୩।୧ (ସଂଚାର ବ୍ୟୁରୋ) :** ଜାତୀୟ ସଡକ ସୁରକ୍ଷା ମାସିକ ସଚେତନତା କାର୍ଯ୍ୟକ୍ରମ ପାଳନ ହେଉଥିବା ବେଳେ ଏନେଇ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଜିଲ୍ଲା ପରିବହନ ଅଧିକାରୀ ଧିରେନ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ,ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ଏସଡିଓ, ଏମବିଆଇ ବସନ୍ତ ସେନାପତି, ଡିଟିଏମ ବିଶ୍ୱଜିତ୍ ଦାସ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟୁଥିବା ସ୍ଥାନକୁ ଚିହ୍ନଟ କରି ପଦକ୍ଷେପ ନେବା, ଜିଲ୍ଲା କ୍ରୀଡାବିତ୍ ମାନଙ୍କ ଦ୍ୱାରା ଶୋଭାଯାତ୍ରା ଓ ସଚେତନତା କାର୍ଯ୍ୟକ୍ରମ କରାଇବା, ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଚେତନତା ପାଇଁ ରଚନା, ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତା କରାଇବା, ପୋଲିସ ଏବଂ ପରିବହନ ବିଭାଗ ଦ୍ୱାରା ଗାଡି ଚେକିଂ କରେଇବା, ନିଶାଶକ୍ତ ଡ୍ରାଇଭର ଓ ନାବାଳକଙ୍କ ପ୍ରତି ଗାଡି ଚାଳନାରେ ରୋକ ଲଗାଇବା, ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ବ୍ୟାନର ପୋଷ୍ଟର ଲଗାଇବା, ସଚେତନତା ଲିଫଲେଟ ବଣ୍ଟନ କରିବା ଅଦି ସଂପର୍କରେ ଆଲୋଚନା କରାଯାଇ ଥିଲା ।

## ଶ୍ରମିକ ସଂଘ ପକ୍ଷରୁ ଶ୍ରମ ଅଧିକାରୀଙ୍କୁ ଦାବିପତ୍ର



**କେନ୍ଦ୍ରାପଡା, ୩।୧ (ସଂଚାର ବ୍ୟୁରୋ) :** ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘ ତରଫରୁ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଶୁକ୍ରବାର ଦିନ ଭେଟିଛନ୍ତି । ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂହଙ୍କୁ ୯ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ରେ ଅନୁବନ୍ଧିତ ମହିଳା ନିର୍ମାଣ ଶ୍ରମିକ ମାନଙ୍କୁ ପରିଚୟପତ୍ର ପ୍ରଦାନ, ଫେରସ୍ତ କରାଯାଇ ଥିବା ମହିଳା ନିର୍ମାଣ ଶ୍ରମିକ ମାନଙ୍କ ଦରଖାସ୍ତ ଗ୍ରହଣ କରାଯାଇ ପରିଚୟ ପତ୍ର ପ୍ରଦାନ କରିବା । ୨୦୨୦ ରେ ହୋଇଥରବା ଶିକ୍ଷାବୃତି ଦରଖାସ୍ତକୁ ବିଚାର କରାଯାଇ ଶ୍ରମିକ ମାନଙ୍କ ପିଲାଙ୍କୁ ବୃତିରାଶି ପ୍ରଦାନ କରାଯିବା, ଅଫଲାଇନ ରେ କରାଯାଇ ଥିବା ଝିଅ ବିଭାଘର ଦରଖାସ୍ତ ତୁରନ୍ତ ବିଚାର କରାଯାଇ ଅନୁଦାନ ପ୍ରଦାନ କରିବା, ବିଭିନ୍ନ କାରଣରୁ ପଡି ରହିଥିବା ମଞ୍ଜୁରି ପ୍ରାପ୍ତ ଅନୁଦାନ ତୁରନ୍ତ ପୁରଣ କରିବା ଆଦି ଦାବି ଗୁଡିକ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ସାଧାରଣ ସଂପାଦକ ଅଶୋକ କୁମାର ତ୍ରିପାଠୀଙ୍କ ସହିତ କାମିନୀ ମିଶ୍ର, ମନୋଜ ପରିଡା, ବାହାଲି ଟୁଡୁ, ଅନିରୁଦ୍ଧ ପୃଷ୍ଟି, ବିଶ୍ୱମ୍ବର ଗିରି, ଅକ୍ଷୟ ଲେଙ୍କା, ଭଗବାନ ବେହେରା, ପ୍ରଦିପ୍ତ କୁମାର ସାମଲ, ପ୍ରମୁଖ ଉପସ୍ଥିତ ରହି ଦାବି ଗୁଡିକୁ ତୁରନ୍ତ ସମାଧାନ କରି ଅର୍ଥରାଶି ପ୍ରଦାନ କରିବାକୁ ଦାବି କରିଛନ୍ତି ।

## ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ 'ନେପାଳ'ରେ ବସ୍ତ୍ର ବଣ୍ଟନ



**କେନ୍ଦ୍ରାପଡ଼ା, ୩।୧ (ସଂଚାର ବ୍ୟୁରୋ):** ନେପାଳରେ ପହଞ୍ଚି ବସ୍ତ୍ର ବଣ୍ଟନ କଲା କେନ୍ଦ୍ରାପଡ଼ାର ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ। ନୂତନ ବର୍ଷ ଅବସରରେ ଟ୍ରଷ୍ଟ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଓଡ଼ିଶାରେ ଏପରି ଏକ ଗ୍ରାମ ରହିଛି ଯାହାର ନାମ ହେଉଛି ନେପାଳ । କିନ୍ତୁ ଏହି ଆଦିବାସୀ ଅଧ୍ୟୁଷିତ ଗ୍ରାମଟି ଜନବସତି ଠାରୁ ବେଶ ଦୂରରେ। ନୟାଗଡ଼ ଜିଲ୍ଲା ଓଡଗାଁ ବ୍ଲକ ବାଣପୁର ପଞ୍ଚାୟତର ଏହି ଗାଁ ଟି ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ । ସ୍ୱାଧୀନତାର ୭୫ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏହି ଗ୍ରାମର ଲୋକେ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ । ଏହି ଗ୍ରାମରେ ଗ୍ରାମବାସୀଙ୍କ ସଂଖ୍ୟା ପ୍ରାୟ ତିନି ଶହ ହେବ, ପରିବାର ସଂଖ୍ୟା ପାଖାପାଖି ୪୦ ହେବ । ଗ୍ରାମ ସମ୍ପର୍କରେ ଖବର ପାଇ ରାଜ୍ୟର ଅଗ୍ରଣୀ ସାମାଜିକ ସେବା ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର କର୍ମକର୍ତ୍ତା ଉକ୍ତ ଗ୍ରାମରେ ପହଁଞ୍ଚିଥିଲେ। ସେଠାରେ ସ୍ଥାନୀୟ ଗ୍ରାମବାସୀଙ୍କ ସମସ୍ୟାକୁ ଉପଲବ୍ଧି କରି ଶୀତର ପ୍ରକୋପକୁ ଦୃଷ୍ଟିରେ ରଖି ପୋଷାକ ବାଣ୍ଟିଥିଲା ଟ୍ରଷ୍ଟ । ଶ୍ରୀ ଜଗନ୍ନାଥ ଚାରିଟେବୁଲ ସଙ୍ଗଠନର ଏଭଳି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ବିଜେପି ପକ୍ଷରୁ ଚାଷୀ ସମାବେଶ

**ରାଜନଗର, ୩।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଡେରା ପଞ୍ଚାୟତ ଅନ୍ତର୍ଗତ ବଧି ଗ୍ରାମରେ ବିଜେପି ପକ୍ଷରୁ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେପି ନେତା ନିଳମଣି ସାହାଣୀଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଭୂବନ ମୋହନ ଜେନା ଯୋଗଦେଇ ଜସଶ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଜ୍ୟର ଜନପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କୃଷକ ମାନଙ୍କ ସାମଗ୍ରିକ ବିକାଶ ଏବଂ କୃଷକମାନଙ୍କର କଲ୍ୟାଣ ପାଇଁ ମୁକ୍ତ ହସ୍ତରେ ପର୍ଯ୍ୟାପ୍ତ ଅର୍ଥ ପ୍ରଦାନ କରି ଚାଷୀଙ୍କ ରୋଜଗାରକୁ ଦ୍ୱିଗୁଣିତ କରିବାର ଥିବାରୁ ଉଭୟଙ୍କୁ ଭୂୟସୀ ପ୍ରଶଂସା କରିବା ସହିତ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଚାଷୀମାନଙ୍କ ବିକାଶ ଧାରାର ପ୍ରତିଛବି ଆଜି ଡେରା ପଞ୍ଚାୟତରେ ଦେଖିବାକୁ ମିଳିଛି ବୋଲି କହିଥିଲେ। ଏଥିରେ ରାଜ୍ୟ କୃଷକ ମୋର୍ଚ୍ଚାର ସଦସ୍ୟ ରାଜକିଶୋର ସାହୁ, ରାଜ୍ୟ ମଣ୍ଡିଚାଲ ସଦସ୍ୟ ପବିତ୍ର ପରିଡ଼ା, ଜିଲ୍ଲା ଉପସଭାପତି ସଦାଶିବ ଜେନା, ଯୁବନେତା ଦିଲ୍ଲୀପ ରଞ୍ଜନ ପାଲ, ବିଜୟ ବଳ, କ୍ରୀଷ୍ଣା ବେହେରା, ପ୍ରମୋଦ ଦାସ ପ୍ରମୁଖ ଯୋଗଦେଇଥିଲେ।



# ତଅପୋଇଙ୍କ ପାଇଁ ଆବାସ ଯୋଜନା ସାତ ସପନ

**ମହାକାଳପଡ଼ା, ୩।୧ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାରଙ୍କ ଠାରୁ କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ପକ୍କା ଗୃହ ଯୋଗାଇ ଦେବାକୁ ଆବାସ ଯୋଜନା ମାଧ୍ୟମରେ ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା। କେହି ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ଆବାସ ଯୋଜନାରୁ ବଞ୍ଚିତ ନହେବେ ସେଥିପାଇଁ ସରକାରୀ ଅଧିକାରୀମାନଙ୍କୁ ଘନଘନ ବୈଠକ କରି ନିର୍ଦ୍ଦେଶ ମଧ୍ୟ ଦିଆଯାଉଛି। ହେଲେ ବାସ୍ତବିକ୍ ସାଧାରଣ ଲୋକଙ୍କ ପାଖରେ ସରକାରଙ୍କ ଯୋଜନା ପହଞ୍ଚିବା ସମ୍ଭବ ହେଉନଥିବା ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି। ଆମେ ଆଜି ଆପଣଙ୍କୁ ଏମିତି ଜଣେ ମହିଳାଙ୍କ କଥା କହିବୁ ଯାହା ବିଷୟରେ ଶୁଣିଲେ ଆପଣ ସରକାରଙ୍କ ବ୍ୟବସ୍ଥା ସାଧାରଣ ଲୋକଙ୍କ ପାଇଁ କେତେ ଯେ ପ୍ରଭାବଶାଳୀ ତାହା ଆପଣ ସ୍ପଷ୍ଟ ଭାବରେ ଜାଣି ପାରିବେ।

ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ତାଙ୍କୁ ଘର ପ୍ରଶାସନ ତରଫରୁ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳି ପାରିଲା ନାହିଁ। ଘର ଦେବାକୁ ପ୍ରତିଶ୍ରୁତି ଦେଇକ ସମସ୍ତେ ତାଙ୍କୁ ଅବହେଳା କରିଛନ୍ତି। ବୟସର ଅପରାହ୍ନରେ ପହଞ୍ଚି ଭାଗ୍ୟକୁ ଆଦରି ଜୀବନ କାଟିବା ଛଡ଼ା ଆଉ କିଛି ଉପାୟ ନାହିଁ। ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅମିରାବାଦ (ବାଙ୍କି ଛନ୍ଦା)



ଗ୍ରାମର ତଅପୋଇ ପାଇଟାଳଙ୍କ ଏବେ ସରକାରୀ ଯୋଜନାରେ

**ପ୍ରତିଶ୍ରୁତି ଦେଇ ଠକିଦେଲେ ଲୋକ ପ୍ରତିନିଧି**

**ପାଗଳି ଝିଅକୁ ଧରି ଚାଳ ଘରେ ବିତୁଛି ଜୀବନ**

ବଞ୍ଚିତ। ସ୍ୱାମୀ ଗୌରାଙ୍ଗ ପାଇଟାଳ ୧୩ ବର୍ଷ ହେବ ମୃତ୍ୟୁ ବରଣ କରିଛନ୍ତି। ଝିଅ ଛବି ପାଇଟାଳ ଜଣେ ମାନସିକ ବିକାରଗ୍ରସ୍ତ ଅବିବାହିତ ଯୁବତୀ। ସ୍ୱାମୀଙ୍କ ମୃତ୍ୟୁ ପରେ ନିଜ ଜନ୍ମକଲା ପୁଅ ବି ପରକରି ଦେଲା। ନିଜ ସ୍ତ୍ରୀକୁ ଧରି ପୁଅ ଏବେ ଶଶୁର ଘରେ ରହୁଛି। ଭାଗ୍ୟକୁ ଆଦରି ବିଧବା ତଅପୋଇ ଏବେ ପାଗିଳି ଝିଅକୁ ଧରି ଚାଳ ଛପର ଘରେ ରହୁଛନ୍ତି। ଆଜି ପର୍ଯ୍ୟନ୍ତ ତାଙ୍କୁ ଆବାସ ଯୋଜନା ରେ ଘର ଖଣ୍ଡିଏ ମିଳି ନାହିଁ ବୋଲି କାନ୍ଦି କାନ୍ଦି କହିଛନ୍ତି।

ଘର ଖଣ୍ଡିଏ ପାଇଁ କେତେ କାହାକୁ ଗୁହାରି କରି କରି ଥକିଲେଣି ହେଲେ ତାଙ୍କ କଥା କେହି ଶୁଣୁ ନାହାଁନ୍ତି। ବିଗତ ଦିନରେ ପୂର୍ବତନ ସରପଞ୍ଚ ତାଙ୍କୁ ଘର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଘର ପାଖରେ ଥିବା ଗଛ କାଟିବାକୁ କହିଲେ। ସେ ଗଛ ବି କାଟିଲେ ହେଲେ ଘର ଦେବାତ ଦୂରର କଥା ଦେଖା ଦର୍ଶନ ବି ଦେଲେନି। ଏମିତି ଅବସ୍ଥାରେ ଆଉ କିଛି ଉପାୟ ନପାଇ ବଖରାଇ ଚାଳ ଛପର ଘରେ ରହୁଛନ୍ତି। ଘର ଖଣ୍ଡିଏ ମିଳିଲେ ଜୀବନର ବାକି ସମୟକୁ ପାଗିଳି ଝିଅକୁ ଧରି ବଞ୍ଚି ଯାଆନ୍ତେ ବୋଲି କହିଛନ୍ତି ତଅପୋଇ। ପ୍ରଶାସନ ତଅପୋଇ ପାଇଟାଳଙ୍କୁ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍ ପାଇଁ କମଳାଙ୍କୁ ନିମନ୍ତ୍ରଣ

**ପ୍ରଧାନମନ୍ତ୍ରୀ ମନ୍ କି ବାତ୍‌ରେ ପ୍ରଶଂସା କରିଥିଲେ, ପରେ ମଂଚ ଉପରେ ମୁଣ୍ଡିଆ ମାରିଥିଲେ**

**କେନ୍ଦ୍ରାପଡା, ୩।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡାର କମଳା ଚଳିତ ବର୍ଷ ଦିଲ୍ଲୀରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସରେ ପାଳନ ସମୟରେ ଯୋଗ ଦେବେ । ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ମୁହଁରୁ କମଳାଙ୍କ ପ୍ରଶଂସା ଯେତିକି ଚର୍ଚ୍ଚା ହୋଇନଥିଲା ଏବେ ଦିଲ୍ଲୀ ରୁ ନିମନ୍ତ୍ରଣ କୁ ନେଇ ଅଧିକ ଚର୍ଚ୍ଚା ଜୋର ଧରିଛି । କେନ୍ଦ୍ରାପଡା ବ୍ଲକ ଅଧିନ ଗୁଲନଗର ପଂଚାୟତର ଖଇରାବାଦ ଗ୍ରାମର କମଳା ମହାରଣାଙ୍କୁ ଆଗାମୀ ଜାନୁଆରୀ ୨୬ ତାରିଖରେ ଦଲ୍ଲୀରେ ଅନୁଷ୍ଠିତ ଜାତୀୟ ସ୍ତରର ପ୍ରାରେଡ ଦେଖିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ ନିମନ୍ତ୍ରଣ ମିଳିଛି ।



ବ୍ୟବହୃତ ତଥା ବର୍ଜ୍ୟ ପଲିଥିନ ଓ ଅନ୍ୟାନ୍ୟ ଅଦରକାରୀ ସାମଗ୍ରୀକୁ ସଂଗ୍ରହ କରି ସେଥିରୁ ବ୍ୟବହାର ଯୋଗ୍ୟ ଉପକରଣ ତିଆରି କରୁଥିବା କମଳାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୩ ମସିହା ଫେବୃଆରୀ ୨୬ ତାରିଖ ସାପ୍ତାହିକ ମନକିବାତ୍ କାର୍ଯ୍ୟକ୍ରମରେ ଉଲ୍ଲେଖ କରିଥିଲେ। ସେବେଠାରୁ କେନ୍ଦ୍ରାପଡାର ସାଧାରଣ ମହିଳା କମଳାଙ୍କର ସୃଜନଶୀଳ ଶକ୍ତିର ବ୍ୟାପକ ପ୍ରଚାର ପ୍ରସାର ଘଟିଛି । ପରେ ଜୁନ ମାସରେ ପ୍ରଧାନମନ୍ତ୍ରୀ ମୋଦୀ କେନ୍ଦ୍ରାପଡାରେ ଅନୁଷ୍ଠିତ ଏକ ସାଦାରଣ ସଭାର ମଂଚ ଉପରେ କମଳାଙ୍କୁ ଆଣ୍ଠୁମାଡି ପ୍ରଣାମ କରିବା ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ଆଗାମୀ ଜାନୁଆରୀ ୨୬ରେ ରାଷ୍ଟ୍ରୀୟ ପ୍ୟାରେଡରେ ଯୋଗ ଦେବାକୁ ନିମନ୍ତ୍ରଣ ଅସିବା ପରେ ପ୍ରଶାସନ ପକ୍ଷରୁ ସେ ଦିଲ୍ଲୀ ଯିବାପାଇଁ ୩ଟି ଟିକେଟ୍ କଟାଯିବା ସହ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି ।

## ବିଜେପି ମହିଳା ମୋର୍ଚ୍ଚାର ଆଲୋଚନା



**କେନ୍ଦ୍ରାପଡା, ୩।୧ (ସଂଚାର ବ୍ୟୁରୋ) :** ବିଜେପି ମହିଳା ମୋର୍ଚ୍ଚାର ସାଂଗଠନିକ ସମାବେଶ ଓ ଆଲୋଚନା ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ତଥା ବିଜେପି ନାରୀ ନେତ୍ରୀ ଡ଼ଃ ଜ୍ୟୋସ୍ନାରାଣୀ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ମହିଳାଙ୍କ କାର୍ଯ୍ୟକର୍ତ୍ତା ସମାବେଶ ଗରାପୁର ସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ଓ ରାଜ୍ୟର ବିଜେପି ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମହିଳା ବିକାଶ ଓ ସଶକ୍ତିକରଣ କାର୍ଯ୍ୟକ୍ରମ ଓ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତାର ସୁଫଳ ଯେପରି ସମସ୍ତ ଯୋଗ୍ୟ ମହିଳା ହିତାଧିକାରୀ ପାଇପାରିବେ ସେ ଦିଗରେ ମହିଳା କର୍ମକର୍ତ୍ତାମାନେ ସଚେତନ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଂଚଳରେ ସକ୍ରୀୟ ଭାବେ ଉଦ୍ୟମ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଏହି ଆଲୋଚନା ସମୟରେ ବହୁ ସଂଖ୍ୟକ ମହିଳା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

### ନିର୍ମାଣାଧୀନ ସେତୁ ଓ ରାସ୍ତା କାମ ତଦାରଖ କଲେ ଅଧିକାରୀ

## ମନ୍ଥର କାମକୁ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ

**ମହାକାଳପଡା, ୩।୧ (ସଂଚାର ବ୍ୟୁରୋ):** ଦୀର୍ଘ ୭ ବର୍ଷ ହେବ ମହାକାଳପଡ଼ା-ଚଣ୍ଡିଆପଲ୍ଲୀ ସେତୁ ନିର୍ମାଣ କାମ ସରୁନି। ପୋଲର ମନ୍ଥର କାମକୁ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେହିପରି ଜମ୍ବୁ -ମାର୍ଶାଘାଇ ମୁଖ୍ୟ ରାସ୍ତାର କାର୍ଯ୍ୟ ମଧ୍ୟ ଶେଷ ହୋଇନି। ଅନେକ ସମୟରେ ସମସ୍ୟାର ସମ୍ମୁଖିନ ହେଉଛନ୍ତି ଜନସାଧାରଣ। ଏନେଇ ଆଜି ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ପରିଦର୍ଶନରେ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଗୋବରୀ ନଦୀ ଉପରେ ନିର୍ମାଣାଧୀନ ଚଣ୍ଡିଆପଲ୍ଲୀ ସେତୁର କାମ ଚାଲୁ ରହିଛି ଏହି କାମ ମନ୍ଥର ଗତିରେ ଚାଲୁଥିବାରୁ ଅଞ୍ଚଳବାସି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ତୁରନ୍ତ ଅଗ୍ରଗତି ନିମନ୍ତେ ଆଜି ଘଟଣା ସ୍ଥଳରେ



ପହଞ୍ଚି ଥିଲେ ରାସ୍ତା ଓ ଗୃହ ନିର୍ମାଣର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ତ୍ରିନାଥ ବେହେରା। ମାର୍ଶାଘାଇ ଲକ ଠାରୁ ଜମ୍ବୁ ପର୍ଯ୍ୟନ୍ତ ନିର୍ମାଣଧିନ ରାସ୍ତାର ଅଗ୍ରଗତି ବିଷୟରେ ପଚାରି ବୁଝିଥିଲେ।

ସୂଚନା ଥାଉ କି ଉକ୍ତ ଦୁଇ ପ୍ରକଳ୍ପର କାମ ଅତି ମନ୍ଥର ଗତିରେ ଚାଲୁଥିଲା ଯାହାକୁ ନେଇ ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ଅସନ୍ତୋଷ ପ୍ରକାଶ କରିବା ସହ ନିର୍ଦ୍ଧାରିତ ସମୟରେ କାମ ସାରିବାକୁ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କୁ ତାଗିଦ କରିଥିଲେ। ଆଜି ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧିକାରୀମାନେ ମହାକାଳପଡା ବ୍ଲକର ନିର୍ମାଣଧିନ ଉପରୋକ୍ତ ଦୁଇ କାର୍ଯ୍ୟର ତଦାରଖ କରିବା ସହିତ କାର୍ଯ୍ୟକୁ ଯଥା ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚଣ୍ଡିଆପଲ୍ଲୀ ସେତୁ ନିର୍ମାଣ ଫଳରେ ମହାକାଳପଡ଼ାର ବିଜୟନଗର ଠାରୁ ଜମ୍ବୁ ପର୍ଯ୍ୟନ୍ତ ପ୍ରାୟ ୧୦ ଟି ପଞ୍ଚାୟତର ଲୋକେ ବ୍ଲକ ସଦର ମହକୁମା ସହିତ ଦୂରତ୍ୱ ବହୁ ପରିମାଣରେ କମିଯିବ। ବିଭାଗୀୟ ଅଧିକାରୀଙ୍କ ଅନୁଧ୍ୟାନ ପରେ ପୋଲ କାର୍ଯ୍ୟରେ ଅଗ୍ରଗତି ହେଉଛି କି ନାହିଁ ତାହା ଦେଖିବାକୁ ବାକି।

## ଛାତ୍ର ସୁରକ୍ଷା ମଞ୍ଚର ଛାତ୍ର ସମ୍ମିଳନୀ

**ରାଜନଗର, ୩।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ରାଜନଗର ହାଇସ୍କୁଲ ପଡ଼ିଆ ନିକଟରେ ଛାତ୍ର ସୁରକ୍ଷା ମଞ୍ଚ ତରଫରୁ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସୁରକ୍ଷା ମଞ୍ଚର ପ୍ରତିଷ୍ଠାତା ଅଧ୍ୟାପକ ସଞ୍ଜୟ କୁମାର ବାଗଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପ୍ରାଧ୍ୟାପକ ତଥା ଗାଳ୍ପିକ ରତ୍ନାକର ନାୟକ, ସମ୍ମାନୀୟ ଅତିଥି ଭାବେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପିକା ତନୁଶ୍ରୀ ମିଶ୍ର ପ୍ରମୁଖ ଯୋଗଦେଇ ଭାରତମାତାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହ ଛାତ୍ର ଛାତ୍ରୀମାନେ ଆଜିର ନାଗରିକ, ଦେଶର ଭାଗ୍ୟ ବିଧାତା ବୋଲି କହିଥିଲେ। ଛାତ୍ର ସୁରକ୍ଷା ମଞ୍ଚର ସଭାପତି ଦେବଦତ୍ତ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ସୁଭଦ୍ରା ସାମଲ, ସଙ୍ଗୀତା ପ୍ରଧାନ, ପାୟଲ ରାଉତରାୟ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସୁରକ୍ଷା ମଞ୍ଚର ପ୍ରତିଷ୍ଠାତା ଶ୍ରୀ ବାଗ ମଞ୍ଚର ପ୍ରତିଷ୍ଠାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ରାଜନଗର ବ୍ଲକର ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ ଯୋଗଦେଇଥିଲେ।




## ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କୁଜଙ୍ଗ, ୩।୧ (ସଂଚାର ବ୍ୟୁରୋ):** କୁଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଧିକ୍ଷକ ତଥା ଚିକିତ୍ସକ ଡା. ପ୍ରସନ୍ନ କୁମାର ପଣ୍ଡାଙ୍କୁ ଡାକ୍ତରଖାନା ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ବିଦ୍ୟୁଲତା ମଣ୍ଡପରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ଚିକିତ୍ସା ଅଧିକାରିଣୀ ଡା. ଚେତନା ପୁରୋହିତଙ୍କ ଅଧ୍ୟକ୍ଷତା କରିଥିଲେ। ସୁମନ୍ତ କୁମାର ବେହେରାଙ୍କ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନିକଟ ଅତିତରେ ଅବସର ଗ୍ରହଣ କରିଥିବା ସମସ୍ତ ସ୍ୱାସ୍ଥ୍ୟ ପରିଦର୍ଶିକା ନିର୍ମଳା ଓଝା, ପ୍ରେମଲତା ବାରିକ, ସୌଦାମିନି ଲେଙ୍କା, କାଂଚନବାଳା ରାଉଳ, ପ୍ରଭାତି ପାଣି, ଫାର୍ମାସିଷ୍ଟ ନିରଞ୍ଜନ ବଦ୍ଧନ, ମହିଳା ସ୍ୱାସ୍ଥ୍ୟକର୍ମୀ ଅବନ୍ତୀ ରାଉତ, ନର୍ମଦା ଦାସଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ସେମାନଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କୁଜଙ୍ଗ ଇଣ୍ଡିଆନ୍ ବ୍ୟାଙ୍କର ଶାଖା ପରିଚାଳକ ସୁବ୍ରତ ସାହୁ, ଉପ-କୋଷାଗାର ଅଧିକାରୀ ଜନ୍ ମେଜର ଦଳାଇ, କୁଜଙ୍ଗ ଥାନା ସବ୍ ଇନ୍ସପେକ୍ଟର ଅନିଲ କୁମାର ସାହୁ, ବରିଷ୍ଠ ଚିକିତ୍ସାକାରୀ ଡା. ସ୍ମୃତି ରଂଜନ ମହାପାତ୍ର, ଡା. ଶିବ ପ୍ରସାଦ ସେଠି, ଡା. ଜୀବନଜ୍ୟୋତି ସ୍ୱାଇଁ, ଡା. ଐଶ୍ୱର୍ଯ୍ୟା ମହାନ୍ତି, ଡା. ସଞ୍ଜୟ ରାଜ୍, ଡା. ପ୍ରତିକ୍ ଦାସ, ଡା. ପ୍ରୀତମ ଶ୍ରୀକୁମାର, ପିଏଇଓ ସନ୍ଧ୍ୟାବତୀ ସାହୁ, ଡା. ଦୁର୍ଗାପ୍ରସାଦ ମିଶ୍ର, ଡା. ସମ୍ବିତ୍ କୁମାର ଲେଙ୍କା ପ୍ରମୁଖ ଡା. ପଣ୍ଡାଙ୍କ କର୍ତ୍ତବ୍ୟ ପରାୟଣ ଓ ଜୀବନଶୈଳି ତଥା କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସେବା ଯୋଗାଇବାର ଅବଦାନକୁ ସ୍ମରଣ କରିଥିଲେ। ସେକ୍‌ସନ୍ ଅଫିସର ତନ୍ମୟ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଦିଲ୍ଲିପ କୁମାର ରାମ୍ ଓ ସାଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ଖର୍ଚ୍ଚ ହେଉନି ଗାଁ କଲ୍ୟାଣ ସମିତି ଅର୍ଥ

**କାଗଜପତ୍ରରେ କାମ ଦେଖାଇ ଲୁଟୁଛନ୍ତି ଟଙ୍କା, ବିଗୁଡୁଛି ଗାଁର ପରିବେଶ**

**ମହାକାଳପଡ଼ା, ୩।୧ (ସଂଚାର ବ୍ୟୁରୋ):** ଗାଁ ପରିବେଶ ସଫା ସୁତୁରା ରଖିବା ସହ ଜନସାଧାରଣଙ୍କ ସୁସ୍ଥ ଜୀବନ ଯାପନ ପାଇଁ ଗାଁ କଲ୍ୟାଣ ସମିତି ମାଧ୍ୟମରେ ସରକାରଙ୍କ ତରଫରୁ ଖର୍ଚ୍ଚ କରାଯାଉଛି କୋଟି କୋଟି ଟଙ୍କା। ପ୍ରତି ଗାଁରେ ସମିତି ଗଢା ହୋଇ ଗାଁ ର ସାମୂହିକ ଉନ୍ନତିକରଣ ପାଇଁ ଲକ୍ଷ ରଖାଯାଇଛି। ଯେଉଁଥିରେ ଆଶା ଦିଦି, ଅଙ୍ଗନୱାଡି ଦିଦି, ୱାର୍ଡ ସଭ୍ୟ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟ, ଯୁବକ ସଂଘ ସଦସ୍ୟ, ଗ୍ରାମ କମିଟି ସଦସ୍ୟ ଆଦି ରହିଛନ୍ତି। ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ ତରଫରୁ ପ୍ରତି ଗାଁ କଲ୍ୟାଣ ସମିତିଙ୍କୁ ବାର୍ଷିକ ଦଶ ହଜାର ଟଙ୍କା ଗାଁର ସ୍ୱଚ୍ଛତା, ପରିମଳତା, ସ୍ୱାସ୍ଥ୍ୟ କାଡ୍, ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ଆଦି କାର୍ଯ୍ୟ କରିବାକୁ ଆସୁଛି। ହେଲେ ଏସବୁ ଅର୍ଥ ଗାଁ ର ସାମୂହିକ ଉନ୍ନତିକରଣରେ ଖର୍ଚ୍ଚ ନ ହୋଇ ବାଟମାରଣା ହେଉଥିବା ଅଭିଯୋଗ ହେଉଛି।

ମହାକାଳପଡ଼ା ବ୍ଲକ୍‌ରେ ୩୧ ଗୋଟି ଗ୍ରାମ ପଞ୍ଚାୟତ ରହିଛି। ସବୁ ପଞ୍ଚାୟତ ଅଧୀନରେ ଥିବା ଗ୍ରାମ ମାନଙ୍କରେ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି। ପ୍ରତି ମାସରେ ସମସ୍ତଙ୍କ ଉପସ୍ଥିତିରେ ବୈଠକ କରାଯାଇ ଗାଁ ପରିବେଶ ସଫା ସୁତୁରା, କିଶୋର କିଶୋରୀମାନଙ୍କ ସ୍ୱାସ୍ଥ୍ୟ ରକ୍ଷା, ନଳକୂପ ପରିଷ୍କାର ପରିଛନ୍ନତା ସହିତ ସ୍ୱାସ୍ଥ୍ୟ କାଡ୍, ସଚେତନତା କାର୍ଯ୍ୟକ୍ରମ ଆଦି କରିବାର ନିୟମ ରହିଛି। ପ୍ରତି ବୈଠକରେ ଆଶା ଦିଦି ୧୫୦ ଟଙ୍କା, ଅଙ୍ଗନୱାଡ଼ି ଦିଦି ୧୦୦ ଟଙ୍କା ଓ ୱାର୍ଡ ସଭ୍ୟ ୫୦ ଟଙ୍କା ପାଇବାର ସରକାରଙ୍କ ବ୍ୟବସ୍ଥା ରହିଛି। ହେଲେ ନା ବୈଠକ ହେଉଛି ନା କୌଣସି ଆଖି ଦୃଶିଆ କାମ। ଗାଁ ପରିବେଶ କଥା ନକହିବା ଭଲ। ଏମିତିକି ନଳକୂପ ଗୁଡ଼ିକ ମଧ୍ୟ ସଫା ହେଉନି କି ବ୍ଲିଚିଂ ପଡୁନି। ଖାଲି କାଗଜପତ୍ରରେ କାମ ସାରିଦେଇ ବର୍ଷକୁ ଆସୁଥିବା ୧୦ ହଜାର ଟଙ୍କା ଆତ୍ମସାତ କରାଯାଉଛି ବୋଲି ବିଭିନ୍ନ ସମୟରେ ଅଭିଯୋଗ ହେଉଛି।

ବିଜ୍ଞାପନରେ ଚକା ଚକ୍ ହେଉଛି ସିନା ହେଲେ ବାସ୍ତବତା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ଖାଲି କାଗଜପତ୍ରରେ କାମ ସାରିଦେଇ ଟଙ୍କା ହେରଫେର କରାଯାଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିଭାଗୀୟ ତତ୍ପରତା ଦେଖାଇଲେ ସରକାରଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନ ହୋଇ ପାରନ୍ତା ବୋଲି ଦାବି ହେଉଛି।

## ଦୁର୍ନୀତିର ଗନ୍ତାଘର ରାଜକନିକା ବ୍ଲକ

**ସୂଚନା ଆଇନ ବଳରେ ତଥ୍ୟ ମାଗିଲେ ମିଳୁନାହିଁ**

**ରାଜକନିକା, ୩।୧ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଜନ ସୂଚନା ଅଧିକାରୀଙ୍କୁ ସୂଚନା ଅଧିକାର ଆଇନ୍ ବଳରେ ସୂଚନା ମାଗିବାର ଦୁଇ ମାସ ବିତି ଥିଲେ ବି ଏଯାବତ୍ ଦେଇ ନ ଥିବାରୁ ରାଜକନିକା ବିଡିଓଙ୍କ ପାଖେ ପ୍ରଥମ ଅପିଲ୍ କରି ତ୍ୱରିତ୍ ପ୍ରଦାନ କରିବାକୁ ଦାବି କରିଛନ୍ତି ଦେଉଳସାହି ଗ୍ରାମର ସୂଚନା ଅଧିକାର କର୍ମୀ ସୁଶାନ୍ତ ନାୟକ।

ତାଙ୍କ ଅଭିଯୋଗ ଅନୁଯାୟୀ ଗତ ବର୍ଷ ୨୬ ଅକ୍ଟୋବରରେ ଓଲାଭର ସହ ଶିକ୍ଷା ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରଣ କାର୍ଯ୍ୟ ନିମନ୍ତେ ବିଗତ ସରକାରରେ ୫ଟି ଅନ୍ତର୍ଗତ କରାଯାଇ ବିଦ୍ୟାଳୟର ଉନ୍ନତିକରଣ କରାଯିବାର ପ୍ରସ୍ତାବ ରହିଥିଲା। ହେଲେ ଏହି କାର୍ଯ୍ୟରେ ଘୋର ଅନିୟମିତତା ଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏଥିନେଇ ସୂଚନା ଅଧିକାର କର୍ମୀ ସୁଶାନ୍ତ ମାଗିଥିବା ତଥ୍ୟ ମୁତାବକ ଉନ୍ନତିକରଣ ପାଇଁ ଆସିଥିବା ଟଙ୍କାର ପରିମାଣ, ଖର୍ଚ୍ଚ ହୋଇଥିବା ଏଷ୍ଟିମେଟ୍ କରି ଆଉ ବିଲ୍ଇ, ଲାଇବ୍ରେରୀ ପାଇଁ ଫର୍ଣ୍ଣିଚର, କମ୍ପ୍ୟୁଟର କିଣାର ଜିଏସଟି ବିଲ ଓ ସିସିଟିଭିର ସବିଶେଷ ତଥ୍ୟ, ଆଲୋକିକରଣ ପାଇଁ ଲାଗିଥିବା ଷ୍ଟ୍ରୀଟ୍ ଲାଇଟ୍, ପାନୀୟ ଜଳ ପାଇଁ ଲାଗିବାକୁ ଥିବା ଫିଲଟରର ତଥ୍ୟ, ସ୍ମାର୍ଟ କ୍ଲାସ ରୁମ୍‌ର ସମସ୍ତ ଡେକ୍ସବେଞ୍ଚର ସଂଖ୍ୟା, ଇ-ପାଠ୍ୟକ୍ରମ ନିମନ୍ତେ ଲାଗିଥିବା ଏଲ ଇ ଡି ସଂଖ୍ୟାର ଭାଉଚର ନକଲ, ଶୌଚାଳୟ ନିର୍ମାଣର ସମସ୍ତ ସ୍ପେଶିଫିକ୍ ନକଲ ଓ ଯଦି ୫ଟି ଅନ୍ତର୍ଗତ କାର୍ଯ୍ୟ ସମ୍ପନ୍ନ ହୋଇଥାଏ ତେବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟ ସମାପ୍ତର ପ୍ରମାଣ ପତ୍ର ଆଦି ଦେବାକୁ ସୂଚନା ଅଧିକାର କର୍ମୀଙ୍କ ପକ୍ଷରୁ ଦରଖାସ୍ତ ଦିଆଯାଇଥିଲା। ହେଲେ ବ୍ଲକ ଜନ ସୂଚନା ଅଧିକାରୀ ଜାଣିଶୁଣି ଏହାର ତଥ୍ୟ ଏଯାବତ୍ ଦେଉ ନହାନ୍ତି ବୋଲି ରାଜକନିକା ବିଡିଓଙ୍କ ପାଖେ ଗତ ମାସ ୬ ତାରିଖ ଦିନ ପ୍ରଥମ ଅପିଲ୍ କରି ତୁରନ୍ତ ସମସ୍ତ ତଥ୍ୟ ଦେବାକୁ ସେ ନିବେଦନ କରିଛନ୍ତି ।

**ଓଲାଭର ଫାଇଭ୍-ଟି ସ୍କୁଲ କାର୍ଯ୍ୟ ଦୁର୍ନୀତି ଚରମ ସୀମାରେ**

## ବାଲି ମାଫିଆଙ୍କ ନିଦ ହଜାଉଛନ୍ତି ଖଣି ଅଧିକାରୀ

**କେନ୍ଦ୍ରାପଡା, ୩।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଦିନକୁ ଦିନ ବିଭିନ୍ନ ନଦୀରେ ବେଆଇନ ଭାବେ ଖୁଲମ ଖୁଲା ବାଲି ଚୋରି ହେବାରେ ଲାଗିଛି। ସ୍ଥାନୀୟ ପ୍ରଶାସନ ଆଖି ସାମ୍ନାରେ ବେଧଡକ ଭାବେ ବାଲି ଚୋରି ହେଉଥିବା ବେଳେ ଏଥିରେ କାହାର ନଜିର୍ ପଡୁଥିବା ଅଭିଯୋଗ ହେଉଥିବା ବେଳେ ଏବେ ଜିଲ୍ଲା ଲଘୁ ଖଣିଜ ବିଭାଗର ଘଟଣାକୁ ଗୁରୁତ୍ୱ ଦେଇଛି। ପୂର୍ବରୁ ରାଜସ୍ୱ ଫାଙ୍କି କୋଟି କୋଟି ଟଙ୍କାର ବାଲି ମାଫିଆ ବାଲି ଲୁଟି ନେବା ସହ ସରକାରୀ ରାଜସ୍ୱ ହାନି ହୋଇଥିଲା । ପୂର୍ବ ପରି ଭିନ୍ନ ଭିନ୍ନ ସ୍ଥାନ ମାନଙ୍କରେ ନଦୀରେ ଗଛିତ ଥିବା ବାଲି ଉପରେ ପୁନର୍ବାର ନଜର ରଖି ମାଫିଆ ମାନେ ବାଲି ଚୋରି କରୁଥିବା ସମୟରେ ବାଲି ଗାଡ଼ିକୁ ଅଚାନକ ମାଡ଼ି ବସୁଛି ଜିଲ୍ଲା ଖଣି ବିଭାଗ ।

ଛମାସ ଧରି ଯୋଗ ଦେଇଥିବା ଜିଲ୍ଲା ଲଘୁ ଖଣିଜ ବିଭାଗ ବିଭାଗର ଅଧିକାରୀ ରଣଜିତ୍ ବେହେରା ଅଚାନକ ଚଢ଼ାଉ କରିବା ସହ ପୂର୍ବ ବକୟା ଅର୍ଥ ରାଶି ଆଦାୟ କରି ବର୍ତ୍ତମାନ ସୁଦ୍ଧା ପାଖାପାଖି ଏକ କୋଟି ଟଙ୍କା ରାଜସ୍ୱ ଆଦାୟ କରିଥିବା ଜଣାପଡିଛି । ବିଭିନ୍ନ ସମୟରେ ଚଢାଉ ଜାରି ରହିଥିବା ବେଳେ ପୁଣି ଶୁକ୍ରବାର ସନ୍ଧ୍ୟାରେ ତିନୋଟି ଗାଡି ଜବତ କରାଯାଇଥିବା ସୂଚନା ମିଳିଛି। ସେଥିମଧ୍ୟରେ ୩ଟି ଜାକ ହାଇୱା ରହିଛି । କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ପ୍ରବେଶ ପଥରେ ଚଢ଼ଉ କରାଯାଇ ବେଆଇନ ଭାବରେ ବିଭିନ୍ନ ଲଘୁ ଖଣିଜ ପରିବହନରେ ବ୍ୟବହୃତ ଟ୍ରାକ୍ଟର ଓ ହାଇୱାଗୁଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଗାଡ଼ିରେ ଚାଲାଣ କାଗଜପତ୍ର ଠିକ ନଥିବାରୁ ସେଗୁଡ଼ିକ ଜବତ କରି ବିଭିନ୍ନ ପୁଲିସକୁ ଜିମା ଦିଆଯାଇଛି। ଜରିମାନା ପଇଠ ନ କଲେ, ଗାଡ଼ିଗୁଡ଼ିକୁ ଅଦାଲତ ଚାଲାଣ କରାଯିବ ବୋଲି ବିଭାଗୀୟ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

ଏଠାରେ ସୂଚନା ଯୋଗ୍ୟ ଗତ ୨୩ ଡିସେମ୍ବର କୁଦାନଗରୀ ଥାନା ଅଧୀନ ଥିବା ଚିତ୍ରୋପ୍ତଳା ନଦୀରୁ ବାଲି ଚୋରି ହେଉଥିବା ବେଳେ ଜିଲ୍ଲା ସୋତନ୍ତ୍ର ପୋଲିସ ଟିମ୍ ଚଢ଼ାଉ କରି ତିନୋଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲା । ଉକ୍ତ ବାଲି ଗାଡ଼ିକୁ ଖଣି ବିଭାଗ ପାଞ୍ଚ ଲକ୍ଷରୁ ଉର୍ଦ୍ଧ ଟଙ୍କା ଫାଇନ୍ କରିବା ସହ ଗାଡ଼ିକୁ ଜବତ ମଧ୍ୟ କରିଥିଲା । ଏହି ସମୟରେ ଗାଡି ଚାଳକ ସହ ତିନି ଜଣ ଥାନାରେ ଅଟକ ରଖିଥିଲେ। ପୁନଃଶ୍ଚ ଶୁକ୍ରବାର ଆଉ ତିନୋଟି ଗାଡି (ହାଇୱା) ଜବତ କରାଯାଇ ବାଲି ଗାଡ଼ିକୁ ପାଟକୁରା ପୁଲିସକୁ ଜିମା ଦିଆଯାଇଥିବା ଜଣାପଡିଛି । ବର୍ତ୍ତମାନ ପାଗ ଶୁଖିଲା ରହିଛି। ନଦୀରୁ ବାଲି ଚୋରି ପାଇଁ ତିନି ଚାରି ମାସ ସୁଯୋଗ ଥିବାରୁ ବାଲି ମାଫିଆ ପୁରା ସକ୍ରିୟ ରହୁବା ସହ ଅଧିକ ମାତ୍ରାରେ ବାଲି ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳୁଛି ।

**କେନ୍ଦ୍ରାପଡ଼ା ଖଣି ବିଭାଗର ଚଢ଼ଉ ଜାରି**

**ଛଅ ମାସରେ ୧ କୋଟି ଟଙ୍କାର ରାଜସ୍ୱ ଆଦାୟ**

**ଚିତ୍ରୋପ୍ତଳା ନଦୀରୁ ତିନୋଟି ହାଇୱା ଜବତ**

# ଚାଷୀ କାନ୍ଦ ନାଟକ ଧରାପଡ଼ିବା ପରେ ଏବେ ବିଜେଡିର ଦରବୃଦ୍ଧି ନାଟକ



**ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ):** ରାଜନୈତିକ ସଙ୍କଟ ଭିତରେ ଗତି କରୁଥିବା ବିଜୁ ଜନତା ଦଳ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ଏବେ ବାରମ୍ବାର ନାଟକର ସାହାରା ନେଉଛି। ଦୁଇଦିନ ତଳେ ଚାଷୀଙ୍କ ଫସଲ କ୍ଷୟକ୍ଷତି ଦେଖିବା ବାହାନାରେ ବିଜୁ ଜନତା ଦଳ ଯେଉଁ ନାଟକ ରଚିଥିଲା ତାହା ପଦାରେ ପଡ଼ିସାରିଛି। ଓଡ଼ିଶାର ଲୋକେ ଦେଖିଲେ କିଭଳି ଜଣେ ବିଜେଡିର କୁଜି ନେତା ଜିନ୍ସ ପ୍ୟାଂଟ୍ ପିନ୍ଧି ଗାଡିରେ ଆସିଲେ, ପୋଷାକ ବଦଳାଇ ଗାମୁଛା ପିନ୍ଧିଲେ, ନବୀନ ବାବୁ ସେଠାରେ ପହଁଚିବା ପରେ ସେ ଚାଷୀ ହୋଇ କାନ୍ଦିଲେ ଏବଂ ଗଣମାଧ୍ୟମ ଚାଲିଯିବା ପରେ ଭଲ ଅଭିନୟ ହୋଇଛି ଭାବି ହସିଲେ। ଏହି ସମସ୍ତ କଥା ଓଡ଼ିଶାର ଗଣମାଧ୍ୟମରେ ପ୍ରସାରିତ ହୋଇସାରିଛି। ଏସବୁ ଡ୍ରାମା ଦେଖିଲେ ଲାଗୁଛି ଯେ, ବିଜୁ ଜନତା ଦଳ ଓ ନବୀନ ବାବୁ ଚାଷୀମାନଙ୍କୁ କିଭଳି ପ୍ରତାରଣା କରିପାରନ୍ତି ଓ ସେମାନଙ୍କ ମନରେ କେତେ ଛଳନା ଭରି ରହିଛି। ବିଜୁ ଜନତା ଦଳର ସେହି ଦିନର ଅଭିନୟ ଦେଖି ଲାଗୁଛି ଯେ, ତାଙ୍କ ଦଳର ନାଁ ବିଜୁ ଯାତ୍ରା ଦଳ ହେବା ଦରକାର। ସେହି ଦିନର ନାଟକ ବିଜୁ ଜନତା ଦଳ ଓ ନବୀନ ବାବୁଙ୍କୁ ଲୋକହସା କରିବା ପରେ ଏବେ ସେମାନେ ଦରବୃଦ୍ଧି ହୋଇଛି ବୋଲି କହି ପୁଣି ନୂଆ ନାଟକ ରଚି ଦୁଇ ଦିନ ତଳର ରଚିଥିବା ପୁରୁଣା ନାଟକ ଉପରୁ ଦୃଷ୍ଟି ହଟାଇବା ପାଇଁ ଚାହୁଁଛନ୍ତି ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଅନିଲ ବିଶ୍ୱାଳ କହିଛନ୍ତି। ରାଜ୍ୟ ମୁଖପାତ୍ର ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ଏପ୍ରିଲ ୨୦୨୪ରେ ପରିସଂଖ୍ୟାନ ମନ୍ତ୍ରଣାଳୟ ଯେଉଁ ତଥ୍ୟ ପ୍ରକାଶ କରିଥିଲା ସେଥିରେ ଓଡ଼ିଶାର ଦରଦାମ ବୃଦ୍ଧି ହାର ଦେଶରେ ୧ନଂ ସ୍ଥାନରେ ଥିଲା। କେବଳ ସେତିକି ନୁହେଁ ସେହି ରିପୋର୍ଟରେ ସେତେବେଳେ ପ୍ରକାଶିତ ହୋଇଥିଲା ଯେ, ଓଡ଼ିଶା ପ୍ରାୟ ୧ବର୍ଷ ଧରି ଦରଦାମ ବୃଦ୍ଧି ହାରରେ ଦେଶରେ ସବୁଠୁ ଆଗରେ ରହିଛି। ସେତେବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ କିଏ ଥିଲେ? ନବୀନ ବାବୁଙ୍କର ଏହା କେଉଁ ସୁଶାସନର ପ୍ରଦର୍ଶନ ଥିଲା ତାହା ବିଜୁ ଜନତା ଦଳ ସ୍ପଷ୍ଟ କଲେ ଭଲ ହୁଅନ୍ତା।

# ଏକାଧିକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୩।୧:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଦିଲ୍ଲୀରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ ନୂଆବର୍ଷର ଶୁଭେଚ୍ଛା ଜଣାଇବା ସହ ବିଶ୍ୱାସ ବ୍ୟକ୍ତ କରିଥିଲେ ଯେ ୨୦୨୫ ଭାରତର ବିକାଶ ପାଇଁ ଏକ ବିପୁଳ ସୁଯୋଗର ବର୍ଷ ହେବ, ଯାହା ଦେଶକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ଆଡକୁ ଆଗେଇ ନେବ। ଆଜି ଭାରତ ରାଜନୈତିକ ଓ ଅର୍ଥନୈତିକ ସ୍ଥିରତାର ଏକ ବିଶ୍ୱ ପ୍ରତୀକ ଭାବେ ଉଭା ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଗାମୀ ବର୍ଷରେ ଦେଶର ଭାବମୂର୍ତ୍ତି ଆହୁରି ସୁଦୃଢ଼ ହେବ ବୋଲି ସେ କହିଛନ୍ତି। ଶ୍ରୀ ମୋଦୀ ୨୦୨୫ ପାଇଁ ଭିଜନ୍ ବିଷୟରେ ଆଲୋକପାତ କରିଥିଲେ, ଏହାକୁ ବିଶ୍ୱର ସର୍ବବୃହତ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବା, ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗପାଇଁ ଯୁବକମାନଙ୍କୁ ସଶକ୍ତ କରିବା, ନୂତନ କୃଷି ରେକର୍ଡ ସ୍ଥାପନ କରିବା, ମହିଳାଙ୍କ ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ସହଜ ଜୀବନଧାରଣ ଉପରେ ଧ୍ୟାନ ଦେଇ ପ୍ରତ୍ୟେକ ନାଗରିକଙ୍କ ଜୀବନର ଗୁଣବତ୍ତା ରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ଉଦଘାଟିତ ହୋଇଥିବା ପ୍ରକଳ୍ପଗୁଡ଼ିକରେ ଗରିବଙ୍କ ପାଇଁ ଘର ଏବଂ ସ୍କୁଲ ଓ କଲେଜ ସହ ଜଡ଼ିତ ପ୍ରକଳ୍ପ ରହିଛି। ବିଶେଷ କରି ଯେଉଁମାନେ ଏକ ନୂଆ ଇନିଂସ ଆରମ୍ଭ କରୁଛନ୍ତି, ସେମାନଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବସ୍ତି ସ୍ଥାନରେ ପକ୍କା ଘର ଏବଂ ଭଡ଼ା ଘର ବଦଳରେ ନିଜ ଘର ରହିଛି, ବାସ୍ତବରେ ଏହା ଏକ ନୂତନ ଆରମ୍ଭ। ଲୋକଙ୍କୁ ଦିଆଯାଇଥିବା ଘରଗୁଡ଼ିକ ଆତ୍ମସମ୍ମାନ, ସ୍ୱାଭିମାନ ଏବଂ ନୂତନ ଆକାଂକ୍ଷା ଓ ସ୍ୱପ୍ନର ପ୍ରତୀକ ବୋଲି ଶ୍ରୀ ମୋଦୀ କହିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସେ ସେମାନଙ୍କ ଉତ୍ସବ ଏବଂ ପର୍ବର ଏକ ଅଂଶ ହେବା ପାଇଁ ଉପସ୍ଥିତ ଥିଲେ। ଅତୀତରେ ଜରୁରୀକାଳୀନ ପରିସ୍ଥିତିର କଳା ଦିନକୁ ମନେ ପକାଇ ଶ୍ରୀ ମୋଦୀ କହିଥିଲେ ଯେ ସେ ଏବଂ ତାଙ୍କ ଭଳି ଅନ୍ୟ ଅନେକ ଦଳୀୟ କର୍ମୀ ଯେଉଁମାନେ ଜରୁରୀକାଳୀନ ପରିସ୍ଥିତି ବିରୋଧରେ ନିରବ ଆନ୍ଦୋଳନରେ ସାମିଲ ଥିଲେ, ସେମାନେ ଅଶୋକ ବିହାରରେ ରହିଥିଲେ। 'ସମଗ୍ର ଦେଶ ଆଜି ବିକଶିତ ଭାରତ ନିର୍ମାଣରେ ନିୟୋଜିତ ଅଛି', ଶ୍ରୀ ମୋଦୀ କହିଥିଲେ। ଭାରତର ପ୍ରତ୍ୟେକ ନାଗରିକଙ୍କୁ ବିକଶିତ ଭାରତରେ ପକ୍କା ଘର ଦେବା ପାଇଁ ଆମେ ଏକ ସଂକଳ୍ପ ନେଇ କାମ କରୁଛୁ ବୋଲି ସେ କହିଥିଲେ। ଏହି ସଂକଳ୍ପକୁ ସାକାର କରିବାରେ ଦିଲ୍ଲୀର ପ୍ରମୁଖ ଭୂମିକା ରହିଛି ବୋଲି ସେ କହିଛନ୍ତି। ତେଣୁ କେନ୍ଦ୍ର ସରକାର ବସ୍ତିଗୁଡ଼ିକ ସ୍ଥାନରେ ପକ୍କା ଘର କରିବା ପାଇଁ ଯୋଜନା ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି। ଦୁଇ ବର୍ଷ ତଳେ ସେ ବସ୍ତି ବାସିନ୍ଦାଙ୍କ ପାଇଁ କାଲକାଜୀ ଏକ୍ସଟେନ୍ସନରେ ୩୦୦୦ରୁ ଅଧିକ ଘର ଉଦଘାଟନ କରିବାର ସୁଯୋଗ ପାଇଥିଲେ ବୋଲି ପ୍ରଧାନମନ୍ତ୍ରୀ ସ୍ମରଣ କରିଥିଲେ।

**ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନମୂଳକ ପ୍ରକଳ୍ପ ଆରମ୍ଭ**

**ବସ୍ତି ବଦଳରେ ସ୍ଥାୟୀ ଘର ନିର୍ମାଣ ପାଇଁ ଅଭିଯାନ**

**ଗରିବ ପରିବାରର ପିଲାଙ୍କ ପାଇଁ ନୂଆ ନୀତି**

## ଟ୍ୱିନ୍ ସିଟି କ୍ରାଇମ୍

### ପୂର୍ବ ଶତ୍ରୁତାକୁ ନେଇ ଗଳା ଚିପିଦେଲେ



**ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ଚୌଧୁରୀ ବଳଦେବ ପ୍ରସାଦ ନନ୍ଦ ଙ୍କର ଏତଲା ଆଧାରରେ ଲକ୍ଷ୍ମୀସାଗର ଥାନା ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ କରି ସମ୍ପୃକ୍ତ ଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଓ ଅଭିଯୁକ୍ତ ଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ନଥିଲା ଓ ବିଭିନ୍ନ କାରଣ କୁ ନେଇ ସେମାନଙ୍କ ମଧ୍ୟରେ ପୂର୍ବରୁ ଝଗଡା ଲାଗିରହିଥିଲା। ଆଜି ସକାଳ ପ୍ରାୟ ୯ ଟାରେ ଅଭିଯୋଗକାରୀ ତାଙ୍କର ଅଫିସ ଯିବାପାଇଁ କାର ଟିକୁ ବାହାର କରୁଥିବା ବେଳେ ଅଭିଯୁକ୍ତ ଜାଣିଶୁଣି ତାଙ୍କର ସ୍କୁଟି ଟିକୁ କାର ପଛରେ ରଖିଥିଲେ ଓ ଅଭିଯୋଗକାରୀଙ୍କ ଉପରେ ଚିଢ଼ାଇ କରିଥିଲେ। ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ଜଣକ ତାଙ୍କର ଗଳା କୁ ଜୋର ରେ ଚିପି ଧରିଥିଲେ, ଫଳରେ ଅଭିଯୋଗକାରୀ ଅଜ୍ଞାନ ଅବସ୍ଥାରେ ହୋଇପଡ଼ିଥିଲେ ଓ କୌଣସି କ୍ରମେ ଅଭିଯୁକ୍ତଙ୍କ କବଳରୁ ନିଜକୁ ବଞ୍ଚାଇ ଥିଲେ। ଏହା ପରେ ଅଭିଯୁକ୍ତ ଜଣକ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଏକ ଇଟା ରେ ମୁଣ୍ଡ କୁ ଆକ୍ରମଣ କରିଥିଲେ। ଅଭିଯୋଗକାରୀଙ୍କର ଆହତ ଚିତ୍କାର ଶୁଣି ତାଙ୍କର ସ୍ତ୍ରୀ ଘଟଣା ସ୍ଥଳ କୁ ତାଙ୍କୁ ଉଦ୍ଧାର କରିବା ପାଇଁ ଦୌଡି ଆସିଥିଲେ। ଅଭିଯୁକ୍ତ ତାଙ୍କୁ ମଧ୍ୟ ଗାଳି ଗୁଲଜ କରିବା ସହ ଦୁର୍ବ୍ୟବହାର ଦେଖାଇ ଥିଲେ। ସ୍ଥାନୀୟ ଲୋକମାନଙ୍କ ହସ୍ତକ୍ଷେପ ହେତୁ ଅଭିଯୁକ୍ତ ଜଣକ ସେମାନଙ୍କୁ ହତ୍ୟା କରିବାର ଧମକ ଦେଇ ଘଟଣା ସ୍ଥଳ ରୁ ଚାଲି ଯାଇଥିଲେ। ଅଭିଯୋଗକାରୀ ଏନେଇ ପିସିଆର କୁ ଯୋଗାଯୋଗ କରିଥିବାରୁ ପିସିଆର ଘଟଣା ସ୍ଥଳ ରେ ପହଞ୍ଚି ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟଲ କୁ ନେଇ ଯାଇଥିଲେ। ଏହି ମାମଲାର ତଦନ୍ତ କରି ଲକ୍ଷ୍ମୀସାଗର ଥାନା ପୁଲିସ ଅଭିଯୁକ୍ତ ଙ୍କୁ ଗିରଫ କରି ଥାନା କୁ ଆଣିଥିଲେ। ପଚରା ଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ।

### ଚୋରା ଦେଶୀମଦ ସହ ଅଭିଯୁକ୍ତ ଗିରଫ



**ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ):** ଖଣ୍ଡଗିରି ଥାନା ପୁଲିସ ବେଆଇନ ଦେଶୀମଦ ବିକ୍ରୟ କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ଖଣ୍ଡଗିରି ଥାନାଧ୍ୟାକାରୀଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଥାନାର ସ୍ପେଶାଲ ଟିମ ଜାଗମରା ଖେଳ ପଡିଆ ପଛ ପାର୍ଶ୍ୱରେ ଅତର୍କିତ ଚଢଉ କରିବା ସହିତ ବେଆଇନ ଦେଶୀମଦ ବିକ୍ରୟ ଅଭିଯୋଗରେ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ତଲାସି ବେଳେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୨୦ ଲିଟର ଦେଶୀମଦ ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ଏହି ଦେଶୀମଦ ବିକ୍ରୟ କରିବା ନେଇ କୌଣସି ଅନୁମତି ପତ୍ର ଦେଖାଇ ପାରିନଥିବା ବେଳେ ନିଜର ଅପରାଧ ସ୍ୱୀକାର କରିଥିଲେ।

### ମୋଟର ସାଇକେଲ ଚୋରି ଅଭିଯୋଗରେ ଦୁଇବର୍ଷ ସଶ୍ରମ କାରାଦଣ୍ଡ



**ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ସତ୍ୟପ୍ରକାଶ ବେହେରା ଗତ ୧ରିଖ ସକାଳ ପ୍ରାୟ ୮.୩୦ ରେ କ୍ୟାପିଟାଲ ହସ୍ପିଟାଲକୁ ଯାଇଥିବା ବେଳେ, ସେଠାରେ ତାଙ୍କର ମୋଟରସାଇକେଲଟିକୁ ପାର୍କିଂ କରିଦେଇ ଟିକେଟ୍ କାଉଣ୍ଟରକୁ ଟିକେଟ୍ ଆଣିବା ପାଇଁ ଯାଇଥିଲେ। କିଛି ସମୟ ପରେ ସେ ଫେରିବା ପରେ ପାର୍କିଂ କରି ରଖୁବା ସ୍ଥାନରୁ ତାଙ୍କର ମୋଟରସାଇକେଲଟିକୁ ଆଉ ପାଇନଥିଲେ। କ୍ୟାପିଟାଲ ହସ୍ପିଟାଲ ପରିସର ମଧ୍ୟରେ ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ମୋଟରସାଇକେଲଟିକୁ ପାଇପାରିନଥିଲେ। ପରେ ସେ ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗକୁ ଭିତ୍ତିକରି କ୍ୟାପିଟାଲ ଥାନା କେସ ନଂ. -୧୪୮/୨୦୨୪, ଦଫା- ୩୭୯ ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ, ଏହି ମାମଲାର ତଦନ୍ତ ଦାଇତ୍ୱ ଏଏସଆଇ ପ୍ରମୋଦ କୁମାର ମାଝିଙ୍କୁ ହସ୍ତାନ୍ତର କରାଯାଇଥିଲା।

# ଓଡ଼ିଶାର ବରିଷ୍ଠ କୀଟତତ୍ତ୍ୱବିତ୍‌ଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନସେସ୍ (ଆଇଏଏସ୍)ର କୀଟତତ୍ତ୍ୱ ବିଭାଗ ପକ୍ଷରୁ ନିକଟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର ପାଞ୍ଚ ଜଣ ବରିଷ୍ଠ ତଥା ଜାତୀୟ ସ୍ତରର ଖ୍ୟାତି ସମ୍ପନ୍ନ କୀଟତତ୍ତ୍ୱବିତ୍ ପ୍ରଫେସର ଏନ୍.ସି ପଟ୍ଟନାୟକ, ପ୍ରଫେସର ଏ. ପି ସାମଲ, ପ୍ରଫେସର ବାସୁଦେବ ମିଶ୍ର, ପ୍ରଫେସର ଉମାକାନ୍ତ ନନ୍ଦ ଓ ପ୍ରଫେସର ଅଚ୍ୟୁତାନନ୍ଦ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦୀର୍ଘ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେମାନଙ୍କର ଜୀବନବ୍ୟାପୀ ସାଧନା, ଗବେଷଣା, ଅଧ୍ୟାପନା ତଥା କୃଷକ ସମାଜ ପାଇଁ ଅସୀମ ଅବଦାନ ରହିଛି। ଏଭଳି କାର୍ଯ୍ୟକ୍ରମର ଆୟୋଜନ ନିମନ୍ତେ ଏହି ୫ ଜଣ ବରିଷ୍ଠ କୀଟତତ୍ତ୍ୱବିତ୍‌ମାନେ ସୋଆକୁ ପ୍ରଶଂସା କରିବା ସହ ଆଇଏଏସ୍‌ର କୀଟତତ୍ତ୍ୱ ବିଭାଗର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଉପଦେଷ୍ଟା ପ୍ରଫେସର ବିଜୟ କୁମାର ସାହୁ, ପ୍ରଫେସର ସନ୍ତୋଷ କୁମାର ପଣ୍ଡା ଓ ପ୍ରଫେସର ବ୍ରଜ କିଶୋର ସାହୁ ଯୋଗ ଦେଇ ନିଜ ନିଜର ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୀଟତତ୍ତ୍ୱ ବିଭାଗର ମୁଖ୍ୟ ପ୍ରଫେସର ବିଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ପ୍ରଭାତ କୁମାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସହରୀ ଶାସନ ଉପରେ ରିଫ୍ରେସର ତାଲିମ

## ଦକ୍ଷତା ଓ ଉତ୍ତରଦାୟିତ୍ୱ ଦିଗରେ ସହାୟକ ହେବ




**ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ):** ରାଜ୍ୟ ସହରାଞ୍ଚଳ ବିକାଶ ଏଜେନ୍ସି ଓଡିଶାର ସମସ୍ତ ୧୧୫ ପୌର ସଂସ୍ଥାରେ କାର୍ଯ୍ୟ କରୁଥିବା କମ୍ୟୁନିଟି ସଂଗଠକ, ଏମ୍.ଆଇ. ଏସ୍ ପ୍ରଫେସନାଲ / କନସଲଟାଣ୍ଟ ଏବଂ ଆକାଉଣ୍ଟାଣ୍ଟଙ୍କ ପାଇଁ "ସହରୀ ଶାସନ" ଉପରେ ଏକ ରିଫ୍ରେସର ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ତୃଣମୂଳ ସ୍ତରରେ ସହରୀ ଶାସନ ଏବଂ ଦକ୍ଷତା ବୃଦ୍ଧି ପାଇଁ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରତିବଦ୍ଧତା ଅଧୀନରେ ଏହି ତାଲିମ ଏକ ପ୍ରମୁଖ ପଦକ୍ଷେପ। ଅଂଶଗ୍ରହଣକାରୀମାନଙ୍କ ସହିତ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ଆଲୋଚନା ପ୍ରସଙ୍ଗରେ ବିକଶିତ ଓଡ଼ିଶା @ ୨୦୩୬ ଏବଂ ବିକଶିତ ଭାରତ @ ୨୦୪୭ ର ଦୂରଦୃଷ୍ଟି ହାସଲ କରିବାରେ ସାମୂହିକ ଉଦ୍ୟମ ତଥା ଉତ୍ସର୍ଗୀକୃତତାର ମୁଖ୍ୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ନାଗରିକ-କେନ୍ଦ୍ରିକ ପଦକ୍ଷେପ ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ପୌର ସଂସ୍ଥା ଗୁଡିକର କାର୍ଯ୍ୟକ୍ଷମତାକୁ ସୁନିଶ୍ଚିତ କରିବାରେ କାର୍ଯ୍ୟରତ ଗୋଷ୍ଠୀ ସଂଗଠକ ଓ ବୈଷୟିକ କର୍ମଚାରୀ ମାନଙ୍କର ଭୂମିକାକୁ ଶ୍ରୀମତୀ ପାଢ଼ୀ ପ୍ରଶଂସା କରିଥିଲେ। ସହରାଞ୍ଚଳ ଭିତ୍ତିଭୂମିରେ ଉନ୍ନତି ଆଣିବା, ସ୍ୱଚ୍ଛତା ବୃଦ୍ଧି ଏବଂ ଓଡ଼ିଶାର ସହର ଏବଂ ସହରଗୁଡ଼ିକରେ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ସୁନିଶ୍ଚିତ କରିବାରେ ଦିଗରେ ଅଂଶଗ୍ରହଣକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହରୀ ଶାସନ କ୍ଷେତ୍ରରେ ସର୍ବୋତ୍ତମ ଅଭ୍ୟାସ, ପରିଚାଳନା ସୂଚନା ପ୍ରଣାଳୀର ପ୍ରଭାବଶାଳୀ ବ୍ୟବହାର, ଆର୍ଥିକ ପରିଚାଳନା ଏବଂ ସମ୍ପ୍ରଦାୟର ଅଂଶଗ୍ରହଣ ଉପରେ ଅଧିବେଶନରେ ବିଶେଷ ଭାବରେ ଆଲୋଚନା କରିଥିଲେ। ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ ଆତ୍ମନିର୍ଭରଶୀଳ ହେବା ଏବଂ ସମସ୍ତ ସହରୀ ବାସିନ୍ଦାଙ୍କ ପାଇଁ ଏକ ଉଚ୍ଚ ମାନର ଜୀବନ ସୁନିଶ୍ଚିତ କରିବା ପାଇଁ ପୌରାଞ୍ଚଳ ଗୁଡିକୁ ସଶକ୍ତ କରିବାର ଲକ୍ଷ୍ୟ ସହିତ ସମାନ ଅଟେ।

● ଫ୍ରେଣ୍ଡସ ଇଲେଭେନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ

# ପ୍ରତିଷ୍ଠା ଦିବସ ଓ ନବବର୍ଷ ପାଳନ




**କଟକ,୩।୧(ସଂଚାର ବ୍ୟୁରୋ):** ଫ୍ରେଣ୍ଡସ ଇଲେଭେନ ଚାରିଟେବୁଲ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକୀ ଉତ୍ସବ ଏବଂ ଇଂରାଜୀ ନବବର୍ଷ ଅଟଳା ସ୍ଥିତ "ମୋହିନୀ ପ୍ରମିଳା ଜରାଶ୍ରମ" ଠାରେ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଛି। ଆଶ୍ରମ ରେ ଥିବା ଅନ୍ତେବାସୀଙ୍କ ନିମନ୍ତେ ଖାଦ୍ୟପେୟ ର ବ୍ୟବସ୍ଥା କରାଯିବା ସହ ଅନ୍ତେବାସୀ ମାନଙ୍କ ଦ୍ୱାରା ନାମ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା। ଟ୍ରଷ୍ଟ୍ ର ସମ୍ପାଦକ ରୁଦ୍ର ନାରାୟଣ ଦାସ, ସଭାପତି ବିଶ୍ୱରଞ୍ଜନ ରାଉତ, କୋଷାଧ୍ୟକ୍ଷ ସତ୍ୟଜିତ ରାୟ ଏବଂ ଉପଦେଷ୍ଟା ଚିତ୍ତରଞ୍ଜନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋହିନୀ ପ୍ରମିଳା ଜରାନିବାସର ଅଧ୍ୟକ୍ଷ ରମାନାଥ ନାୟକ, ସମସ୍ତ କର୍ମକର୍ତ୍ତା ଏବଂ ଟ୍ରଷ୍ଟର ସଦସ୍ୟ ମାନଙ୍କର ସହଯୋଗରେ କାର୍ଯକ୍ରମ ଟି ସାଫଲ୍ୟ ମଣ୍ଡିତ ହୋଇଥିଲା। ପରିଶେଷରେ ଟ୍ରଷ୍ଟ ସଦସ୍ୟ ସତ୍ୟ ପ୍ରକାଶ ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଅନନ୍ୟା ମହୋତ୍ସବ ଉଦଯାପିତ

**ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ):** ସୁନ୍ଦର ମୋ ଭାଷା ସାହିତ୍ୟ ଜମ୍ବୁରା, କେନ୍ଦୁଝରର ତ୍ରୟୋଦଶ ଜାତୀୟ ସ୍ତରୀୟ କଳା ସାହିତ୍ୟ ଶିକ୍ଷା ସଂସ୍କୃତି ବିଜ୍ଞାନ ସମ୍ବାଦ ଓ ସମାଜ ସେବା ଅନନ୍ୟା ମହୋତ୍ସବ -୨୦୨୪ ରାଜଧାନୀ ଭୁବନେଶ୍ୱରର ମଦର୍ସ ପବ୍ଲିକ ସ୍କୁଲ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି।୩ଟି ଅଧିବେଶନରେ ପରିଚାଳିତ କାର୍ଯ୍ୟକ୍ରମ ଯଥାକ୍ରମେ ଭାଷା ମହକ ମଞ୍ଚ,ବୌଦ୍ଧିକ ଓ ସାଂସ୍କୃତିକ ମଞ୍ଚ ଓ ସମ୍ବର୍ଦ୍ଧନା କଳା ମଞ୍ଚ ରୂପେ ଯଥାକ୍ରମେ ନୃସିଂହ ଚରଣ ସେନାପତି ଓ ଡଃ ନାରାୟଣ ଚନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ସମାଜସେବୀ ବିଜୟ କୁମାର ମିଶ୍ର,ମୁଖ୍ୟ ମଞ୍ଚରେ ସମାଜସେବୀ ଶିକ୍ଷାବିତ୍ ସାହିତ୍ୟିକ ଶଶଧର ପଣ୍ଡା ଓ ଅନ୍ତିମ ଅଧିବେଶନରେ ଓଡ଼ିଶାର ମହାନ୍ ପ୍ରତିଭା ଡଃ ପ୍ରସନ୍ନ ପାଟ୍ଟଶାଣୀ ମୁଖ୍ୟ ଅତିଥି ଭାବେ ମଞ୍ଚ ମଣ୍ଡନ କରିଥିଲେ। ସାହିତ୍ୟ ଆମ ସ୍ପନ୍ଦନ ଆଉ ଅନନ୍ୟା ଏକ ଫୁସ୍ ଫୁସ୍ ଶ୍ରୀ ପଣ୍ଡା କହିଥିବା ବେଳେ ଅନନ୍ୟାର ସାହିତ୍ୟର ସୁରଭିରେ ବିଶ୍ୱ ସୁରଭିତ ହେବାର ଆଶା ଅନନ୍ୟା କରିପାରିବ ବୋଲି ଡଃ ପାଟ୍ଟଶାଣୀ ଆଶା ପୋଷଣ କରିଥିଲେ।ଅନ୍ୟତମ ଅତିଥି ଭାବେ ମୁଖ୍ୟ ବକ୍ତା ହାଟଡିହୀ ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ,ବିଶିଷ୍ଟ ଅତିଥି ଓଡ଼ିଶା କଳା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ନିର୍ବାଚନ ଯୁଗ୍ମ ସଚିବ ପ୍ରମୋଦ କୁମାର ସାହୁ,ନିର୍ଦ୍ଦେଶକ ଚନ୍ଦନ ମହାପାତ୍ର,ନିର୍ଦ୍ଦେଶକ ବିଶ୍ୱରଂଜନ ମହାନ୍ତି,



ପ୍ରାକ୍ତନ ସହ ଜିଲ୍ଲାପାଳ ଅଲେଖ ପ୍ରସାଦ ମହାରଣା,ଅଧ୍ୟାପିକା ପୁଷ୍ପିତା ପହି,ସାହିତ୍ୟିକା ଅପର୍ଣ୍ଣା ଦାଶ,ନୃସିଂହ ମହାପାତ୍ର,ରମେଶ ଚନ୍ଦ୍ର ଟାକ୍ରୀ,ପ୍ରଫୁଲ୍ଲ କୁମାର ହୋତା ମଞ୍ଚ ମଣ୍ଡନ କରିଥିଲେ।ଏଲିଜା ଜେନାଙ୍କ ଦୁର୍ଗା ସହସ୍ର ନାମ ଓ ଅଙ୍କିତା ଦାଶଙ୍କ ଶ୍ରୀଜଗନ୍ନାଥ ଅଷ୍ଟକମ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।ସୁଶ୍ରୀ ଅନନ୍ୟା ସେନାପତିଙ୍କ ଦ୍ୱାରା ବାର୍ଷିକ ବିବରଣୀ ପଠନ କରାଯାଇଥିଲା।

# ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଯୁବପିଢ଼ି ଆଗଭର ହୁଅନ୍ତୁ



**ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ):** ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ଏକ ସାଧାରଣ ସଭା ସମ୍ପ୍ରତି ଶ୍ରୀ ସୀତା ବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ତଥା ଓଡିଶା ବାହାରେ ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ର ପ୍ରଚାର , ପ୍ରସାର ଓ ସୁରକ୍ଷା ନିମନ୍ତେ ଯୁବପିଢ଼ି ଆଗଭର ହେବା ଉଚିତ୍ ବୋଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଧ୍ୟାପକ ବିଶ୍ୱରଂଜନ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ବାଗ୍ମୀ ଡକ୍ଟର ପ୍ରଫୁଲ୍ଲ ରଥ ଯୁବସମାଜ ଆମ ସଂସ୍କୃତି ଠାରୁ ଦୂରେଇ ଯାଉଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ନ୍ୟାସୀ ମଣ୍ଡଳର ସାଧାରଣ ସମ୍ପାଦକ ଶ୍ରୀ ପର୍ଶୁରାମ ଦ୍ୱିବେଦୀ ଓ ସମ୍ପାଦକ ରାମ ନାରାୟଣ ମିଶ୍ର ବିଛିନ୍ନାଞ୍ଚଳ ରେ ଓଡ଼ିଆ ଭାଷା ର ସ୍ଥିତି ଓ ନ୍ୟାସୀ ମଣ୍ଡଳ ପକ୍ଷରୁ ଚାଲିଥିବା କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସ୍ନାୟୁ ଶଲ୍ୟ ବିଶେଷଜ୍ଞ ଡାକ୍ତର ଅଶୋକ କୁମାର ମହାପାତ୍ର ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଝାଡଖଣ୍ଡ ନିବାସୀ ଶ୍ରୀ ବେଣୁଧର ପଣ୍ଡା ଓ ଅମର କବି ଶତପଥୀ ସେଠାରେ ଓଡ଼ିଆ ଭାଷାର ସ୍ଥିତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଶ୍ରୀ ଭଜକୃଷ୍ଣ ମହାନ୍ତି, ଡ. ଆରତି କର ଓ ଗୋଲକ ବିହାରୀ ନାୟକ ଙ୍କ ସଂଯୋଜନାରେ ଡ. ପ୍ରେମଲତା ଦେବୀ, ଅଲେଖ ନନ୍ଦୀ, ବଂଶୀଧର ସେଠୀ, ରଜନୀକାନ୍ତ ପଟ୍ଟନାୟକ, ରମାକାନ୍ତ ମିଶ୍ର ସଭାଟିକୁ ପରିଚାଳନା କରିଥିଲାବେଳେ ଶ୍ରୀ ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରବାସୀ ଭାରତୀୟ ଦିବସ ପାଇଁ ସିଲଭର ସିଟି ପ୍ରସ୍ତୁତ



**କଟକ,୩।୧(ସଂଚାର ବ୍ୟୁରୋ):** ଆସନ୍ତା ୮ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଯାଉଛି ପ୍ରବାସୀ ଭାରତୀୟ ଦିବସ ସମାରୋହ। ଏହି ସମାରୋହକୁ ନେଇ ସବୁଠି ପ୍ରସ୍ତୁତି ଜୋରଦାର। ତେବେ କଟକ ସହରକୁ କେବେ ଏବଂ କେତେ ଜଣ ପ୍ରବାସୀ ଭାରତୀୟ ଆସିବେ, ତାହା ଏଯାଏଁ ସ୍ଥିର ହୋଇନାହିଁ। କିନ୍ତୁ ସେମାନଙ୍କୁ ସହର ଭିତରେ ୫ଟି ପ୍ରମୁଖ ସ୍ଥାନ ବୁଲାଇ ନେବା ଲାଗି ଆନୁଷ୍ଠାନିକ ଭାବେ ନିଷ୍ପତ୍ତି ହୋଇଛି। ମାରି ଟାଇମ୍ ମ୍ୟୁଜିୟମ୍, ସିଲଭର ସିଟି ବୋଟ୍ କ୍ଲବ, ନେତାଜୀ ଜନ୍ମସ୍ଥାନ, ବାରବାଟୀ ଦୁର୍ଗ, ଜଷ୍ଟିସ ମ୍ୟୁଜିୟମ୍ ଆଦି ସ୍ଥାନ ବୁଲିବେ ପ୍ରବାସୀ ଭାରତୀୟ। ସେଥିପାଇଁ କଟକ ସହରକୁ ପୁଣି ଏକ ନୂଆ ରୁପ ଦିଆଯାଉଛି। ବିଶେଷ କରି ରିଙ୍ଗ୍ ରୋଡ୍ ମରାମତି ଏବଂ ରାସ୍ତା କଡରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ତେବେ କାମ ଶୀଘ୍ର ସାରିବା ଲାଗି ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସମୟ ଆଗରୁ କାମ ସରିବ ବୋଲି ବିଧାୟିକା ସୋଫିଆ ଫିର୍ଦୋଷ କହିଛନ୍ତି।

# ବାଣ ବିସ୍ଫୋରଣରେ ଉଡିଲା ଛାତ, ଜଣେ ମୃତ

**ଜଗତସିଂହପୁର,୩।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ବଡ଼ବାଗ ଗାଁରେ ବଡ ଧରଣର ବାଣ ବିସ୍ଫୋରଣ ହୋଇଛି। ଜଗତସିଂହପୁର ଥାନା ବଡ଼ଗ୍ରାମର ସୁଶୀଲ ଦାସଙ୍କ ଘରେ ବିସ୍ଫୋରଣ ଘଟି ଘରର ଛାତ ଭୁଶୁଡି ପଡିଛି। ଖବର ପାଇ ଅଗ୍ନିଶମ ଗାଡି ପହଁଚି ନିଆଁକୁ ଆୟତ କରିବା ସହ ଜଣେ ବ୍ୟକ୍ତି ମୃତ ଘଟିଥିବା ବେଳେ ୪ରୁ ଊର୍ଦ୍ଧ୍ୱ ଛାତ ତଳେ ଚାପି ହୋଇ ରହିଥିବା ଜଣାପଡିଛି। ଘଟଣା ସ୍ଥଳରେ ଜଗତସିଂହପୁର ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି।

# ସରକାରଙ୍କ ନିର୍ଦ୍ଦେଶକୁ ଫୁଁ...

## ଭୋଜି ଭାତ ଭିତରେ ଭୁଲିଗଲେ ରୋଗୀ ସେବା



**ବାସୁଦେବପୁର,୩।୧(ସଂଚାର ବ୍ୟୁରୋ):** ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଙ୍କ ତିରୋଧାନ ପରେ ତାଙ୍କୁ ସମ୍ମାନ ଜଣାଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରାଷ୍ଟ୍ରିୟ ଶୋକ ଦିବସ ପାଳୁଥିବା ବେଳେ ଏହା ର ବ୍ୟତିକ୍ରମ ଭଦ୍ରକ ଜିଲ୍ଲା ବାସୁଦେବ ପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଦେଖି ବାକୁ ମିଳିଛି। ଖୋଦ ମୁଖ୍ୟମନ୍ତ୍ରୀ ଓ ଭଦ୍ରକ ଜିଲ୍ଲାପାଳ ନୂଆ ବର୍ଷ ଅବସରରେ ଉପହାର ଓ ଫୁଲ ତୋଡ଼ା ନ ଦେବାକୁ ନିର୍ଦ୍ଦେଶ ଦେବା ସହ ସରକାରୀ କାର୍ଯ୍ୟାଳୟ ମାନଙ୍କ ରେ ଭୋଜିଭାତ ଆୟୋଜନ ନକରିବାକୁ ନିର୍ଦ୍ଦେଶ ଦେଇଥିବା ସତ୍ୱେ ତାକୁ ବାଏଁ ବାଏଁ ଉଡାଇ ଦେଇଛନ୍ତି ବାସୁଦେବପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ର ଆସିଷ୍ଟାଣ୍ଟ ଇନଚାର୍ଜ ତଥା ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଡାକ୍ତର ଅମରେନ୍ଦ୍ର ଜେନା। ସରକାରୀ ଡିଉଟି ପରିବର୍ତ୍ତେ ବେସରକାରୀ ଭାବେ ସେବା ଯୋଗାଇ ଦେବାରେ ମାହିର ବାବୁ ଅମରେନ୍ଦ୍ର ଙ୍କ ନିର୍ଦ୍ଦେଶ ରେ ଡାକ୍ତରଖାନା ପରିସରରେ ଥିବା ଆହାର କେନ୍ଦ୍ର ଭିତରେ ଚାଲି ଥିଲା ମାଂସ ଭାତ ଓ ନାଲି ପାଣି ର ଆସର। ନିଜ ନିଜର ଡିଉଟି ଛାଡି ସିକୁରିଟି କର୍ମଚାରୀ ଓ ତାଙ୍କ ସୁପରଭାଇଜର ଭାବଗ୍ରାହୀ ନାୟକ, ଆମ୍ବୁଲାନ୍ସ ଡ୍ରାଇଭର, କର୍ମଚାରୀ ମାନେ ଲାଗି ପଡ଼ିଥିଲେ ଭୋଜିଭାତ ରେ। ଏହି ସମୟରେ ରୋଗୀ ସେବା ଓ ସିକୁରିଟି ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲେ ବି କାହାରି ଏଥି ପ୍ରତି ନିଘା ନ ଥିଲା। ବେସରକାରୀ ଭାବେ ବିଭିନ୍ନ କ୍ଲିନିକ ରେ କାମ କରୁଥିବା ଡାକ୍ତର ଅମରେନ୍ଦ୍ର ଜେନା କ୍ଲିନିକ ର ମାଲିକ, ଔଷଧ ଦୋକାନୀ ଓ ଦଲାଲ ମାନଙ୍କୁ ମଧ୍ୟ ଏହି ଭୋଜି ରେ ଆପାୟିତ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଆସର ଜମିଥିବା ବେଳେ ଖବର ପାଇ ଗଣ ମାଧ୍ୟମ ପ୍ରତିନିଧି ମାନେ ପହଂଚି ସରକାରୀ କାର୍ଯ୍ୟାଳୟ ରେ ରାଷ୍ଟ୍ରୀୟ ଶୋକ ଦିବସ ପାଳନ ବେଳେ କିଏ ଓ କାହା ନିର୍ଦ୍ଦେଶ ରେ ଏପରି ଭୋଜି ହେଉଛି ପଚାରିବାରୁ ଖାଉଥିବା କର୍ମଚାରୀ ମାନେ ଜେନା ସାରେ ଆୟୋଜନ କରିଛନ୍ତି ବୋଲି କହିଥିବାବେଳେ ଡାକ୍ତର ଜେନା ଆମର କଣ ଖୁସି ବାସି ନାହିଁନା କଣ ବୋଲି ଓଲଟି ପ୍ରଶ୍ନ ପଚାରି ଥିଲେ। ଏ ବାବଦରେ ଅଫିସର ଇନ ଚାର୍ଜ ଡ଼ଃ ସୁଶାନ୍ତ ସାମନ୍ତ ଙ୍କୁ ଫୋନ ଯୋଗେ ପଚାରିବାରୁ ସେ ନିଜର ଅସହାୟତା ପ୍ରକାଶ କରିବା ସହ ମୋ ବିନା ଅନୁମତି ରେ ଏହା କରାଯାଇଛି ବୋଲି କହିଥିଲେ। ଏବେ ପ୍ରଶ୍ନ ଉଠୁଛି କାହା ଅନୁମତି ରେ ପ୍ରାଇଭେଟ କ୍ଲିନିକ ମାଲିକ ଓ ଦଲାଲ ମାନଙ୍କୁ ନେଇ ଡାକ୍ତରଖାନା ପରିସରରେ ଚାଲିଥିଲା ଭୋଜି ଭାତ ତାହା ପୁଣି ରାଷ୍ଟ୍ରୀୟ ଶୋକ ରାଜ୍ୟ ଓ ଦେଶ ପାଳୁ ଥିବା ବେଳେ। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜିଲ୍ଲାପାଳ ମହୋଦୟ ଘଟଣା ଉପରେ ତଦନ୍ତ କରି ଦୋଷୀ କର୍ମଚାରୀ ଙ୍କ ଉପରେ କଣ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଉପରେ ରହିଛି ସମସ୍ତଙ୍କ ନଜର।

**ରାଷ୍ଟ୍ରୀୟ ଶୋକ ବେଳେ ବାସୁଦେବପୁର ଗୋଷ୍ଠୀ ସେବା କେନ୍ଦ୍ର ଉତ୍ସବ ମୁଖର**

# ସାବାଡ଼ ହେବେ ସାଇବର ସଇତାନ

**ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ):** ସାଇବର ଠକେଇ.. ଏହାର ଶିକାର କିଏ ଓ କେତେବେଳେ ହେବ, ତାହା କେହି କହିପାରିବେନି। ସାରା ବିଶ୍ୱରେ ଏବେ ଏହି ସାଇବର ଠକେଇ ଏବେ ମୁଣ୍ଡବ୍ୟଥାର କାରଣ ହୋଇଛି। କାରଣ ଆଖି ପିଛୁଳାକେ ଆକାଉଣ୍ଟରୁ ଗାଏବ ହୋଇଯାଉଛି କଷ୍ଟ ଉପାର୍ଜିତ ଟଙ୍କା। ଆଉ ଥରେ ସେହି ଟଙ୍କା ଗଲା ପରେ ଆଉ ଫେରିବା ପାଇବା ଆଶା ଛାଡ଼ି ଦେଉଛନ୍ତି। କାରଣ କେଉଁଠି ଏହି ସାଇବର ଲୁଟ ଅପରେଟ୍ ହେଉଛି, ତା'ର ମୂଳକୁ ଏପର୍ଯ୍ୟନ୍ତ ଖୋଜି ବାହାର କରାଯାଇପାରିନାହିଁ। ଏବେ ସାଇବର ଠକେଇ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବା ବେଳେ ସାଇବର ଅପରାଧ ରୋକିବାକୁ ଓଡ଼ିଶା ପୁଲିସ ନୂଆ ଷ୍ଟ୍ରାଟେଜୀ ଆପଣେଇଛି। ପୋଲିସ କର୍ମଚାରୀଙ୍କୁ ଟ୍ରେନିଂ ଦିଆଯିବ। ସାଇବର ସଇତାନଙ୍କୁ ସାବାଡ଼ କରିବା ପାଇଁ ନିଆଯିବ ଏଆଇର ସହାୟତା।



ଜୀବନ ଅମୃତ ଅନୁଚିନ୍ତା

ବିବେକାନନ୍ଦ-ସମର୍ପିତ ଭକ୍ତର ଦିବ୍ୟ ନେତ୍ରଯୁଗଳରେ ଅଖିଳ ବ୍ରହ୍ମାଣ୍ଡନାଥ ପରଂବ୍ରହ୍ମ ସଦା ପ୍ରତିଫଳିତ, ଠିକ ସେହିପରି ପରମବ୍ରହ୍ମଙ୍କ ଅନନ୍ତ ନେତ୍ରରେ ଭକ୍ତର ସମଗ୍ର ପୃଥିବୀ ସଦା ପ୍ରତିଫଳିତ।



# ଏନଡିଏ ଭାଙ୍ଗିବାକୁ ପ୍ରୟାସ

କେନ୍ଦ୍ରରେ ବିଜେପି ନେତୃତ୍ୱାଧିନ ଏନଡିଏ କ୍ଷମତାକୁ ଆସିବାର ୬ ମାସ ବିତିଗଲାଣି। ମୂଳରୁ କଂଗ୍ରେସ ଆଶଙ୍କା କରୁଥିଲା ଯେ, ଏହି ସରକାର ଅଧିକ ଦିନ ଚାଲିବ ନାହିଁ। ବିଜେପିର ସହଯୋଗୀ ଦଳମାନେ ଅସନ୍ତୁଷ୍ଟ ହୋଇ ଏନଡିଏ ଛାଡ଼ିବେ। ବିଜେପିର ଲୋକସଭା ସଦସ୍ୟ ସଂଖ୍ୟା ୨୪୦ରେ ସୀମିତ ରହିଛି। ସରକାର ତିଷ୍ଠି ରହିବାକୁ ଆହୁରି ୩୨ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ତେଣୁ ଏନଡିଏରେ ବିଦ୍ରୋହ ଏବଂ କିଛି ଅଂଶୀଦାର ଦଳ ମେଣ୍ଟରୁ ବାହାରିଲେ ସରକାର ଭୁଶୁଡ଼ି ପଡ଼ିବ। କିନ୍ତୁ ସେଭଳି କୌଣସି ସଙ୍କେତ ମିଳୁନି। ଏଥିପାଇଁ କଂଗ୍ରେସ ହତାଶ। ବିଜେପିର ଦୁଇ ପ୍ରମୁଖ ସହଯୋଗୀ ହେଲେ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଜେଡିୟୁ। ଲୋକସଭାରେ ଜେଡିୟୁର ୧୨ ଜଣ ଏବଂ ଟିଡିପିର ୧୬ଜଣ ସଦସ୍ୟ ଅଛନ୍ତି। ଏହି ଦୁଇ ଦଳର ମୋଟ ୨୮ ସଦସ୍ୟଙ୍କ ସମର୍ଥନ ବଳରେ ମୋଦି ସରକାର ଚାଲିଛି। ଯେଉଁଦିନ ନୀତିଶ ଓ ନାଇଡୁ ଏନଡିଏରୁ ଓହରିଯିବେ ସେହିଦିନ ମୋଦିଙ୍କ ତୃତୀୟ ଇନିଂସ ସରିଯିବ। ଚନ୍ଦ୍ରବାବୁ ନାଇଡୁ ଜଣେ କଂଗ୍ରେସ ବିରୋଧୀ ନେତା। ତେଣୁ ତାଙ୍କୁ ଏନଡିଏ ଛାଡ଼ି ବିରୋଧୀ ମହାମେଣ୍ଟ ଇଣ୍ଡିଆ ବ୍ଲକରେ ସାମିଲ କରିବାକୁ ପ୍ରରୋଚିତ କରିବା କଷ୍ଟକର। ଅନ୍ୟ ପକ୍ଷରେ ନୀତିଶ କୁମାର ଜଣେ ଅସ୍ଥିର ନେତା। ତାଙ୍କୁ ପ୍ରଲୋଭିତ ଏବଂ ପ୍ରରୋଚିତ କରି ଇଣ୍ଡିଆ ବ୍ଲକରେ ସାମିଲ କରିବା ସମ୍ଭବ। ଏଥିଲାଗି ଏବେ ନୀତିଶଙ୍କୁ ଏନଡିଏ ଛାଡ଼ିବାକୁ ପ୍ରରୋଚିତ କରିବା ଉଦ୍ୟମ ଆରମ୍ଭ ହୋଇଛି। କହିବା ବାହୁଲ୍ୟ ଯେ, ରାଜନୀତିରେ କେହି କାହାର ଚିରଦିନ ପାଇଁ ଶତ୍ରୁ ବା ମିତ୍ର ନୁହଁନ୍ତି। କ୍ଷମତା ରାଜନୀତିରେ କେତେବେଳେ କିଏ କାହାର ହାତ ଧରିବ ତାହା କୁହାଯାଇପାରିବ ନାହିଁ। ଅତୀତରେ ଭାରତୀୟ ରାଜନୀତିରେ ଏହା ଅନେକ ଥର ଦେଖିବାକୁ ମିଳିଛି। ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ସେଥିପାଇଁ ଏବେଠାରୁ ଦୁଇ ପକ୍ଷର ବିରୋଧୀ ରାଜନୈତିକ ମେଣ୍ଟ ଏନଡିଏ ଏବଂ ଇଣ୍ଡିଆ ବ୍ଲକ ପକ୍ଷରୁ ପ୍ରସ୍ତୁତି ଚାଲିଛି। ରାଜ୍ୟରେ ମୁକାବିଲା ଏନଡିଏ ଏବଂ ଇଣ୍ଡିଆ ମଧ୍ୟରେ ହେବ। ବିହାରରେ ଏନଡିଏର ନେତୃତ୍ୱ ନୀତିଶ କୁମାର ନେଉଥିବା ବେଳେ ଇଣ୍ଡିଆ ବ୍ଲକର ନେତୃତ୍ୱ ଆରଜେଡି ନେତା ତେଜସ୍ୱୀ ଯାଦବ ନେଉଛନ୍ତି। ତେଜସ୍ୱୀଙ୍କ ଦଳ ଆର, ଜେଡି ସହିତ କଂଗ୍ରେସ ଏବଂ ବାମପନ୍ଥୀ ଦଳମାନେ ଅଛନ୍ତି। ଏନଡିଏରେ ବିଜେପି ଓ ନୀତିଶଙ୍କ ଜେଡିୟୁ ସହିତ ଚିରାଗ ପାଶ୍ୱାନଙ୍କ ଏଲଜେପି, ଜିତନ ରାମ ମାଞ୍ଝୀ ଏବଂ ଉପେନ୍ଦ୍ର କୁଶୱାହାଙ୍କ ଦଳ ରହିଛି। କିଛି ଦିନ ତଳେ ତେଜସ୍ୱୀ ଗଣମାଧ୍ୟମକୁ କହିଥିଲେ ଯେ, ନୀତିଶ କୁମାରଙ୍କ ପାଇଁ ଇଣ୍ଡିଆ ବ୍ଲକର ଦ୍ୱାର ସବୁ ଦିନ ପାଇଁ ବନ୍ଦ ହୋଇଯାଇଛି। ବାରମ୍ବାର ସେ ଧୋଖା ଦେଉଛନ୍ତି। ଆଉ ତାଙ୍କର ବିଶ୍ୱସନୀୟତା ନାହିଁ। କିନ୍ତୁ ଏବେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଭିନ୍ନ କଥା କହିଛନ୍ତି। ସେ କହିଛନ୍ତି ଯେ, ନୀତିଶଙ୍କ ପାଇଁ ଇଣ୍ଡିଆ ବ୍ଲକର ଦ୍ୱାର ଏବେ ବି ଖୋଲା। ପଛ କଥା ଭୁଲି ସେ ବିରୋଧୀ ମେଣ୍ଟରେ ସାମିଲ ହୁଅନ୍ତୁ। ଉଭୟ ଦଳ ପକ୍ଷରୁ ଦ୍ୱାର ଉନ୍ମୁକ୍ତ କରିବାକୁ ସେ ଆହ୍ୱାନ କରିଛନ୍ତି। ଲାଲୁଙ୍କ ଏହି ପ୍ରସ୍ତାବ ରାଜନୈତିକ ମହଲରେ ଭୁକମ୍ପନ ସୃଷ୍ଟି କରିଛି। ଅତୀତରେ ନୀତିଶ ଦୁଇ ଥର ବିଜେପିର ହାତ ଛାଡ଼ି ଲାଲୁଙ୍କ ସହ ହାତ ମିଳାଇଛନ୍ତି। କିନ୍ତୁ କେବେ ବି ଏହି ବୁଝାମଣା ୫ ବର୍ଷ ତିଷ୍ଠି ନାହିଁ। ବର୍ଷେ/ ଦୁଇ ବର୍ଷ ଭିତରେ ମେଣ୍ଟ ଭାଙ୍ଗିଛି। ଏହା ସତ୍ତ୍ୱେ ଏବେ ଲାଲୁ କାହିଁକି ନୀତିଶଙ୍କ ସହ ସାଲିସ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି? ଏହାର କାରଣ ହେଲା କଂଗ୍ରେସ ଉପରେ ଲାଲୁଙ୍କ ଭରସା ନାହିଁ। କଂଗ୍ରେସ ଓ ବାମପନ୍ଥୀଙ୍କ ସହ ଆସନ ବୁଝାମଣା ଦ୍ୱାରା ଆରଜେଡିର କିଛି ଫାଇଦା ହେବ ନାହିଁ। ଗତ ବିଧାନସଭା ନିର୍ବାଚନରେ ଏହା ପ୍ରମାଣିତ ହୋଇଛି। କିନ୍ତୁ ନୀତିଶଙ୍କ ସହ ହାତ ମିଳାଇଲେ ହୁଏତ ଆରଜେଡି ଏକାକି ସଂଖ୍ୟାଗରିଷ୍ଠତାର ନିକଟତର ହୋଇପାରେ। ୨୦୧୫ରେ ଏହା ହୋଇଥିଲା। କିନ୍ତୁ ଆରଜେଡି ସେତେବେଳେ ବୁଝାମଣା ଅନୁଯାୟୀ ନୀତିଶଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଥିଲା। ଲାଲୁଙ୍କ ପ୍ରସ୍ତାବକୁ ନୀତିଶ ହସରେ ଉଡ଼ାଇ ଦେଇଛନ୍ତି। କିନ୍ତୁ ଆଗାମୀ ଦିନରେ ଏଭଳି ପ୍ରସ୍ତାବ କାର୍ଯ୍ୟକାରୀ ହେବ ନାହିଁ ବୋଲି କୁହାଯାଇପାରିବ ନାହିଁ। ଆରଜେଡି ଓ ଜେଡିୟୁ ହେଉଛନ୍ତି ବିହାର ରାଜନୀତିର ଦୁଇ ପ୍ରମୁଖ ରାଜନୈତିକ ଶକ୍ତି। ଏମାନେ ଏକାଠି ହେଲେ ଏହାକୁ ପରାଜିତ କରିବାର ସାମର୍ଥ୍ୟ କାହାର ନାହିଁ। କିନ୍ତୁ ଏଥର ଯଦି ବା ଆରଜେଡି-ଜେଡିୟୁ ଆସନ ବୁଝାମଣା ହୁଏ ତେବେ ତେଜସ୍ୱୀ କ'ଣ ଏଥର ମୁଖ୍ୟମନ୍ତ୍ରୀ ପଦ ନୀତିଶଙ୍କୁ ଛାଡ଼ିଦେବେ? ସମ୍ଭବତଃ ନୁହେଁ। ତେଣୁ ଲାଲୁଙ୍କ ଏହି ପ୍ରସ୍ତାବର ମୂଲ୍ୟ କ'ଣ? ଲାଲୁଙ୍କ ଏହି ବୟାନ ପଛରେ କଂଗ୍ରେସର ସବୁଜ ସଙ୍କେତ ଥାଇପାରେ। କଂଗ୍ରେସ ଚାହୁଁଛି ନୀତିଶ କୁମାର ଏନଡିଏରୁ ଓହରି ଆସନ୍ତୁ। ଲୋକସଭାରେ ଜେଡିୟୁର ୧୨ ଜଣ ସଦସ୍ୟ ଅଛନ୍ତି। ଯଦି ନୀତିଶ ଏନଡିଏର ଓହରିଯିବେ ତେବେ କେନ୍ଦ୍ରରେ ମୋଦି ସରକାରଭାଙ୍ଗି ଯିବ ସେ କଥା ନୁହେଁ। କିନ୍ତୁ ଏନଡିଏ ଦୁର୍ବଳ ହେବ ଏବଂ ସରକାର ଚାପଗ୍ରସ୍ତ ହେବେ। ଲୋକସଭାରେ ବିଜେପିର ୨୪୦ଜଣ ସଦସ୍ୟ ଅଛନ୍ତି। କିନ୍ତୁ ଏନଡିଏର ସଦସ୍ୟ ସଂଖ୍ୟା ହେଉଛି ୨୯୩। ବିଜେପି କ୍ଷମତା ବଜାୟ ରଖିବାକୁ ହେଲେ ୩୨ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ କରୁଛି। ଯଦି ୨୯୩ରୁ ୨୨ଜଣ ଏନଡିଏରୁ ଓହରଯିବେ ତେବେ ସରକାର ଭାଙ୍ଗିଯିବ। ତେଣୁ କଂଗ୍ରେସ ଚାହୁଁଛି ନୀତିଶ ଯଦି ଏନଡିଏରୁ ଓହରିଯିବ ତେବେ ବିଜେପି ଚାପଗ୍ରସ୍ତ ହେବ ଏବଂ ସରକାରରେ ଅସ୍ଥିରତା ସୃଷ୍ଟି ହେବ। ହୁଏତ ପରବର୍ତ୍ତୀ ସମୟରେ ଅନ୍ୟ କିଛି ଦଳ ମଧ୍ୟ ଏନଡିଏରୁ ଓହରିଯାଇପାରନ୍ତି। ତେଣୁ ମୋଦି ସରକାର ୨୦୨୯ ପର୍ଯ୍ୟନ୍ତ ତିଷ୍ଠିବା କଷ୍ଟକର ହେବ। କଂଗ୍ରେସ ଏହା ଚାହୁଁଛି। ତେଣୁ ଲାଲୁଙ୍କ ମୁହଁରେ କଂଗ୍ରେସ ନୀତିଶଙ୍କୁ ପ୍ରଲୋଭିତ କରିବାକୁ ଉଦ୍ୟମ କରୁଛି। ଏଥିରେ ନୀତିଶ କେତେଦୂର ପ୍ରଭାବିତ ହେବେ ଏବଂ କେତେଦୂର ଏହାକୁ ଗ୍ରହଣ କରିବେ ତାହା ଆକଳନ କରିବା କଷ୍ଟକର। କିନ୍ତୁ ରାଜନୀତିରେ ସବୁ ସମ୍ଭବ। କଂଗ୍ରେସ ବିଜେପିକୁ କ୍ଷମତାରୁ ହଟାଇବା ନିମନ୍ତେ ନୀତିଶ କୁମାରଙ୍କ ନେତୃତ୍ୱରେ କେନ୍ଦ୍ରରେ ଏକ ବିକଳ୍ପ ସରକାର ଗଠନ କରିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ନିମନ୍ତେ ଲାଲୁଙ୍କ ମାଧ୍ୟମରେ ତାଙ୍କୁ ପ୍ରଭାବିତ କରିବାକୁ ଯୋଜନା କରୁଥାଇପାରେ। ନୀତିଶଙ୍କ ସହିତ ଏନଡିଏର ଆଉ କିଏ ଆସିବେ, ସେମାନଙ୍କ ସଂଖ୍ୟା କେତେ ରହିବ ସେଥିନେଇ ଏବେ ହିସାବ ନିକାଶ ଚାଲିଛି। ବିହାର ବିଧାନସଭା ନିର୍ବାଚନ ପରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିପାରେ।

# ବରଗଡ଼ର ପ୍ରସିଦ୍ଧ ଧନୁଯାତ୍ରା



**ଅଲେଖ ଚନ୍ଦ୍ର ସାମଲ**



ଆଜିଠାରୁ ଅର୍ଥାତ୍ ଜାନୁଆରୀ ୩ ଠାରୁ ୧୧ ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା। କଂସ ରାଜାଙ୍କ ରାଜୁତି ଚାଲିବା ସହ ଏଥିପାଇଁ ମଥୁରା ନଗରୀ ପ୍ରସ୍ତୁତ ହୋଇଗଲାଣି। ବରଗଡ଼ ପାଲଟିଯିବ ମଥୁରା ନଗରୀ ଓ ଅମ୍ବାପଲ୍ଲୀ ହୋଇଯିବ ଗୋପପୁର। ଏହି ୧୧ ଦିନ ପର୍ଯ୍ୟନ୍ତ ସମସ୍ତେ ଦ୍ୱାପର ଯୁଗକୁ ଫେରିଯିବେ। ଆଠ କିଲୋମିଟର ପରିଧି ମଧ୍ୟରେ ତିନୋଟି ଦରବାର ଯାହାକୁ ରଙ୍ଗମହଲ, ରାଜ ଦରବାର ଓ ନନ୍ଦରାଜଙ୍କ ଦରବାର କୁହାଯାଏ। ଏହାସହ ଅଠରଟି ମୁକ୍ତାକାଶ ରଙ୍ଗମଞ୍ଚ ମଧ୍ୟ ପ୍ରସ୍ତୁତ ହୋଇଛି। ଏହି ବ୍ୟାପକ କାର୍ଯ୍ୟକ୍ରମ ଭିତରେ ସ୍ଥାନୀୟ ରାମଜୀ ମନ୍ଦିରରେ ଦେବକୀ ଓ ବସୁଦେବଙ୍କ ବିବାହ, ଦୈବ ବାଣୀ, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ମହାରାଜ କଂସଙ୍କ ସିଂହାସନ ଆରୋହଣ ସହ ଏଗାର ଦିନବ୍ୟାପି କଂସଙ୍କ ରାଜୁତି ଚାଲିବ। ପଶ୍ଚିମ ଓଡ଼ିଶାର ବେଶ୍ ବିଖ୍ୟାତ୍ ଧନୁଯାତ୍ରା ପାଳିତ ହୋଇଥିବା ସମ୍ବଲପୁର ଜିଲ୍ଲାର ବରଗଡ଼ ସହରରେ। ତଥ୍ୟରୁ ଯାହା ଜଣାଯାଏ ଏହା ୧୯୪୮ ମସିହାରୁ ପାଳିତ ହୋଇ ଆସୁଛି। ପୌରାଣିକ କଥାବସ୍ତୁର ପୃଷ୍ଠଭୂମିରେ ଧନୁଯାତ୍ରାର ବିଷୟବସ୍ତୁ ଆଧାରିତ। ଧନୁ ପ୍ରାଚୀନ ଯୁଗରେ କିପରି ଏକ ପ୍ରଚଣ୍ଡ ଶକ୍ତିଧର ଅସ୍ତ୍ର ଥିଲା ତାହା ଦର୍ଶାଇବାକୁ ଯାଇ ଓଡ଼ିଆ କବି ଲେଖିଯାଇଛନ୍ତି - 'କପିଳାସ କନ୍ଦରକୁ ଶବଦ ଶୁଭିଲା, ଭୟେ ଦୁର୍ଗା ଶଙ୍କରଙ୍କୁ କୋଳାଗ୍ରତ କଲା।' ଚୈତ୍ର ଶୁକ୍ଳ ନବମୀ ଠାରୁ କିଛି ଦିନ ବ୍ୟାପୀ ନବଦିନ, ଚଉଦ ଦିନ ବା ତା ଠାରୁ ବେଶି। ଓଡ଼ିଶାର ସର୍ବତ୍ର ପୁରପଲ୍ଲୀ ଠାରୁ ଆରମ୍ଭ କରି ନଗର ସହରରେ ରାମଲୀଳା ଉତ୍ସବ ପୁରାଣ ପାଠ ଓ ଗୀତାଭିନୟ ପାଳିତ ହୁଏ। ଏହି କ୍ରମରେ ଜନକଙ୍କ ଧନୁଯାତ୍ରା ଅଭିନୀତ ଓ ପାଳିତ ହୁଏ, କିନ୍ତୁ କଂସ ଦ୍ୱାରା ଆୟୋଜିତ ଧନୁଯାତ୍ରା କେବଳ ପଶ୍ଚିମ ଓଡ଼ିଶାରେ ଦୀର୍ଘ ଏକାଦଶ ଦିବସ ବ୍ୟାପୀ ପାଳନ କରାଯାଏ। ପୌଷ ଶୁକ୍ଳ ଚତୁର୍ଥୀ ଠାରୁ ଏହାର ଅୟମାରମ୍ଭ ହୋଇଥାଏ।

ସୁପ୍ରସିଦ୍ଧ ପୌରାଣିକ କଥାବସ୍ତୁ ଶ୍ରୀକୃଷ୍ଣଙ୍କର ମଥୁର ଲୀଳାର କଂସବଧ ପର୍ଯ୍ୟାୟ ଧନୁଯାତ୍ରାର ମୁଖ୍ୟ ଉପଯୋଗ୍ୟ। ଦେବକୀଙ୍କ ପରିଣୟ ଠାରୁ କଂସ ବଧ ଯାଏ ସମସ୍ତ ଆକର୍ଷଣୀୟ ଦୃଶ୍ୟ ଗୁଡ଼ିକ ବେଶ୍ ନାଟକୀୟ ଓ ମୌଳିକ ରୀତି ସହିତ ପରିବେଶିତ ହୋଇଥାଏ। ସାଧାରଣ ପ୍ରାକୃତିକ ପରିବେଶ ମଧ୍ୟରେ ପୌରାଣିକ ପରିବେଶ ସୃଷ୍ଟି କରି ସେହି ପୁରାଣର ବିଭିନ୍ନ ଦୃଶ୍ୟାବଳୀକୁ ଜୀବନ୍ତ ଭାବରେ ପରିବେଷଣ କରାଯାଇଥାଏ। ପୌଶ ଶୁକ୍ଳ ଚତୁର୍ଥୀ ଠାରୁ ଏହି ମହୋତ୍ସବର ଅୟମାରମ୍ଭ ହୋଇ ଦୀର୍ଘ ଏଗାର ଦିନ ମଧ୍ୟରେ ଗୋପ ଓ ମଥୁରା ଲୀଳାର ବିଭିନ୍ନ ଦୃଶ୍ୟମାନ ପରିବେଷିତ ହୋଇ ପୂର୍ଣ୍ଣିମା ଦିନ କଂସ ବଧ ସହିତ ଉଦ୍‌ଯାପିତ ହୋଇଥାଏ। ବରଗଡ଼ର ହାଟପଦା ପଡ଼ିଆରେ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେଉଥିଲେ ହେଁ ସମଗ୍ର ବରଗଡ଼ ସହର ଯଥାର୍ଥରେ ମଥୁରା ନଗରୀର ଜୀବନ୍ତ ରୂପ ଭାବେ ପ୍ରତୀୟମାନ ହୋଇଥାଏ। ଏଣୁ ଗୋପପୁରର ଭୂମିକା ଏ କ୍ଷେତ୍ରରେ ଉପେକ୍ଷଣୀୟ ନୁହେଁ। ଜିରାନଦୀର ଆର କୂଳରେ ଥିବା ଅମାପାଲି ଗ୍ରାମ ଗୋପପୁରର ଜୀବନ୍ତ ପରିବେଶକୁ ଆଣି ଥୋଇଦିଏ। ବରଗଡ଼ର ସ୍ୱାଭାବିକ ଶୋଭାକୁ ଦ୍ୱିଗୁଣିତ କରି ବହିଯାଉଥିବା କଳନାଦିନୀ ଜିରା ନଦୀ ଏହି ସମୟରେ ହୁଏ ପୁରାଣ ପ୍ରସିଦ୍ଧ ସର୍ବଜନବିଦିତ ଯମୁନା ତଟିନୀ। ଏଠାରେ କାଳୀୟ ଦଳନ ସମ୍ପାଦିତ ହୋଇଥାଏ। ଯାତ୍ରା ପ୍ରାଙ୍ଗଣ ନିକଟସ୍ଥ ଏକ ପୁଷ୍କରିଣୀରେ ନାବକେଳି ଦୃଶ୍ୟ ପ୍ରଦର୍ଶିତ ହୋଇଥାଏ। 'ବସ୍ତ୍ରହରଣ' ଏହି ଯାତ୍ରାକାଳୀନ କୃଷ୍ଣକଥାର ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟ। ମୋଟାମୋଟି ଭାବରେ ମଥୁରାନଗରୀ ରୂପେ ସମଗ୍ର ବରଗଡ଼ ସହର ଗୋପପୁର ରୂପେ ଅମାପାଲି, ଅକ୍ରୁରଙ୍କ ଦ୍ୱାରା ଆନିତ କୃଷ୍ଣ (କଂସବଧ ପୂର୍ବଦିନ)ଙ୍କ ରହଣୀ ସ୍ଥାନ (ମାଉସୀଘର) ହିସାବରେ ଗଜୁର୍‌ଟିକ୍ରା, ଯମୁନା ରୂପେ 'ଜିରା' ଏ ସମସ୍ତେ ମିଶି ଧନୁଯାତ୍ରାକୁ ପୂର୍ଣ୍ଣାଙ୍ଗ କରିଥାଆନ୍ତି।

ଧନୁଯାତ୍ରାରେ ସମସ୍ତ ସାଜସଜ୍ଜା ପ୍ରାକୃତିକ ଭାବେ ପ୍ରସ୍ତୁତ ହୋଇଥାଏ। କଂସ ରାଜାଙ୍କ ମନୋରମ ରାଜପ୍ରାସାଦ ଠାରୁ ରାଜଦରବାର, ବନ୍ଦୀଗୃହ ଓ ରାଜୋଦ୍ୟାନ ବେଶ୍ ଚିତାକର୍ଷକ ହୋଇଥାନ୍ତି। ପ୍ରତିଦିନ କଂସ ମହାରାଜ ମର୍ତ୍ତ୍ୟକୁ ଆସି ନିଜ ଦୂତଙ୍କ ଦ୍ୱାରା ଆଦେଶ ପ୍ରଦାନ କରି ମନରଞ୍ଜନ କାର୍ଯ୍ୟକ୍ରମର ଶୁଭପ୍ରଦାନ କରିଥାନ୍ତି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଭିତରେ ପଶ୍ଚିମ ଓଡ଼ିଶାର ବେଶ ପ୍ରସିଦ୍ଧ ସୁଆଙ୍ଗ, ଦାସକାଠିଆ, ପାଲା ଆଦି ସାଂସ୍କୃତିକ ଓ ସାମାଜିକ ଜୀବନକୁ ପରିବେଷଣ କରିଥାଏ। ଏହି ଧନୁଯାତ୍ରା ସମୟରେ ବରଗଡ଼ବାସୀ ତଥା ବିଶେଷକରି ଅମାପାଲି ନିବାସୀମାନେ ଆମିଷ ଭୋଜନ ସମ୍ପୂର୍ଣ୍ଣ ନିଷେଧ କରିଥାନ୍ତି। କେତେକ ଭକ୍ତ ମାନଙ୍କ ଘରେ ଏହି ସମୟରେ ହୋମ, ପୂଜା ଓ ହରିବଂଶ ପାଠ ହୋଇଥାଏ। ଧନୁଯାତ୍ରା ସମୟରେ କଂସ ଭୂମିକାରେ ଅଭିନୟ କରୁଥିବା ବ୍ୟକ୍ତିଙ୍କର ବା କଂସରାଜାଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥାଏ। କଂସମହାରାଜାଙ୍କର ପରାକ୍ରମଶାଳୀ, ବଳଶାଳୀ ଓ ମହାଦର୍ପିଷ୍ଟ ପ୍ରତିଭା ପ୍ରତିଭାତ ହୋଇଥାଏ। କଂସ ମହାରାଜଙ୍କ ଅନ୍ୟ ଚରିତ୍ର ମାନଙ୍କରେ କୃଷ୍ଣ, ଦେବକୀ, ଉଗ୍ରସେନ, ବସୁଦେବ, ପୁତନା, ଅକ୍ରୁର, ଗୋପୀ ପ୍ରଭୃତି ଚରିତ୍ରମାନେ ବେଶ୍ ନିଖୁଣ ଭାବରେ କଳାନୈପୁଣ୍ୟ ପରିବେଷଣ କରିଥାନ୍ତି। ବରଗଡ଼ର ଏହି ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ସୁପରିଚାଳନା ପାଇଁ ଦୁଇଟି ଧନୁଯାତ୍ରା କମିଟି ପ୍ରତିଷ୍ଠା ହୋଇ ସମସ୍ତ କାର୍ଯ୍ୟ ସମ୍ପାଦିତ କରିଥାନ୍ତି। କୃଷ୍ଣଲୀଳାକୁ ଆଧାର କରି ଏହି ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେଉଥିବାରୁ ନିଶ୍ଚିତ ଭାବରେ ଏହାର ଏକ ପ୍ରୋଜ୍ୱଳ ଧାର୍ମିକ ମୂଲ୍ୟବୋଧ ରହିଛି। ଏହି ସମୟ କାଳମଧ୍ୟରେ ଅଗଣିତ ଭକ୍ତ କେବଳ କୃଷ୍ଣ ଓ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଭକ୍ତିରସାତ୍ମକ ଗୀତମାନ ଭାବେଭୋଳ ହେଉଥାନ୍ତି, ଏପରିକି କି ରାମ କୃଷ୍ଣ ରୂପରେ ଉଭା ହୋଇଥିବା ଦିଓଟି ଶିଶୁଙ୍କୁ ଶତ ଶତ ଭକ୍ତଗଣ ସାକ୍ଷାତ ଭଗବାନ ଜ୍ଞାନରେ ବହୁ ଭକ୍ତିକରି ଫୁଲ ଚନ୍ଦନରେ ମଣ୍ଡିତ କରି ଦଣ୍ଡ ପ୍ରଣାମ କରିଥାନ୍ତି। ଧର୍ମ ଜାଗରଣ କରିବା ଦିଗରେ ଧନୁଯାତ୍ରା ଯେ ଏକ ଉଲ୍ଲେଖନୀୟ ଧର୍ମୋତ୍ସବ ଓ ମହୋତ୍ସବ ଏଥିରେ ଦ୍ୱିରୁକ୍ତି ଉଠିନପାରେ। ଧନୁଯାତ୍ରା ଚତୁର୍ଥୀରୁ ଆରମ୍ଭ ହୁଏ ଓ ଏହି କାଳ ମଧ୍ୟରେ ଆମିଷ ଭୋଜନ ନିଷେଧ ହୁଏ। ମହାଭାରତ ମଧ୍ୟ କହେ - 'ଚତୁର୍ଥୀ ଦଶମୀ ଏକାଦଶୀ ଯେ ସପ୍ତମୀ, ଆମିଷ ଭୁଞ୍ଜନ୍ତି ଯେହୁ ଆବର ପଞ୍ଚମୀ।' - (ଦ୍ରୋଣପର୍ବ) ଧନୁଯାତ୍ରା ଏଣୁ ସମଗ୍ର ହିନ୍ଦୁ ସମାଜର ପ୍ରଧାନ ଯାତ୍ରା। ଏହି ଯାତ୍ରାର ଉଦ୍‌ଯାପନ ହୁଏ ପୌଷପୂର୍ଣ୍ଣିମାରେ। ଠିକ ଏହିଦିନ ପଶ୍ଚିମ ଓଡ଼ିଶାର ଅନ୍ୟ ଏକ ସାମାଜିକ ପର୍ବ ପୁଷ୍‌ପୁନି (ପୌଷପର୍ବ) ମଧ୍ୟ ପାଳିତ ହୁଏ।

**ପୂର୍ବତନ ଡିଏଫ୍‌ଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର**

# ଟଙ୍କାର ଅବମୂଲ୍ୟାୟନ ଓ ପାଞ୍ଚ ଟ୍ରିଲିୟନ ଅର୍ଥବ୍ୟବସ୍ଥା



**ଗୋପାଳ ମହାପାତ୍ର**

ଆମେରିକୀୟ ଡ଼ଲାର ମୁକାବିଲାରେ ଭାରତୀୟ ମୁଦ୍ରା (ଟଙ୍କା)ର ବିନିମୟ ଦର ୮୫ ପାରକରି ସାରିଲାଣି। ଅନ୍ୟ ଅର୍ଥରେ କହିବାକୁ ଗଲେ ଗୋଟିଏ ଡ଼ଲାର କ୍ରୟ କରିବା ପାଇଁ ୮୫ଟଙ୍କା ଦେବାକୁ ପଡ଼ିବ। ଗତ ଏପ୍ରିଲ ମାସରେ ଏହି ବିନିମୟ ଦର ୮୩ ପାଖାପାଖି ଥିଲା। ଏକ ଦଶନ୍ଧି ପୂର୍ବରୁ ଯେତେବେଳେ ନରେନ୍ଦ୍ର ମୋଦୀ ପ୍ରଧାନ ମନ୍ତ୍ରୀ ହେଲେ ସେତେବେଳେ ଡ଼ଲାରର ବିନିମୟ ଦର ୬୧ ପାଖାପାଖି ଥିଲା। ପ୍ରଧାନମନ୍ତ୍ରୀ ଅନେକ ବାର ତାଙ୍କ ଭାଷଣରେ ୫ ଟ୍ରିଲିୟନ ଅର୍ଥ ବ୍ୟବସ୍ଥା କଥା କହିଛନ୍ତି ଓ ଏବେ ମଧ୍ୟ କହୁଛନ୍ତି। ପୁରା ଆତ୍ମବିଶ୍ୱାସ ସହ ଭାରତର ଅର୍ଥବ୍ୟବସ୍ଥାକୁ ୫ ଟ୍ରିଲିୟନ ଡ଼ଲାରରେ ପହଞ୍ଚାଇବା କଥା କହୁଛନ୍ତି। କିନ୍ତୁ ଯେଭଳି ଭାବେ ଡ଼ଲାର ମୁକାବିଲାରେ କ୍ରମାଗତ ଭାବେ ଟଙ୍କା ର ବିନିମୟ ଦର ହ୍ରାସ ପାଇବାରେ ଲାଗିଛି ତାକୁ ଦେଖି ୫ ଟ୍ରିଲିୟନ ଡ଼ଲାର (ପାଖାପାଖି ୩୫୦ ଲକ୍ଷ କୋଟି ଟଙ୍କା)ର ଅର୍ଥ ବ୍ୟବସ୍ଥାକୁ ନେଇ ଆଶଙ୍କା ଉପୁଜିବା ସ୍ୱାଭାବିକ୍। ଭାରତର ଅର୍ଥବ୍ୟବସ୍ଥା ଏବେ ପାଖାପାଖି ୩.୮ ଟ୍ରିଲିୟନ ଡ଼ଲାର। ଐତିହାସିକ ଭାବେ ଟଙ୍କର ବିନିମୟ ଦର ୨୦୨୪ ଡିସେମ୍ବର ୧୯ ତାରିଖ ଠାରୁ ହ୍ରାସ ପାଇଛି। ଭାରତୀୟ ମୁଦ୍ରା (ଟଙ୍କା)ର ଅବମୂଲ୍ୟାୟନ ଘଟିଛି ଓ ଏହା ପ୍ରତି ଡ଼ଲାର ୮୫ଟଙ୍କା ତଳକୁ ଖସି ଆସିଛି। ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଏବେ ସବୁଠାରୁ ନିମ୍ନ ସ୍ତରରେ। ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବିନିମୟ ବଜାରରେ ୧୯ପଇସା ହ୍ରାସ ହେବାରୁ ଟଙ୍କାର ବିନିମୟ ଦର ୮୫ଟଙ୍କା ୩୦ ପଇସା (ଯଦିଓ ଏହା ଅସ୍ଥାୟୀ)ରେ ପହଞ୍ଚିଛି। ଆମରେକୀୟ ଫେଡେରାଲ ରିଜର୍ଭର ୨୦୨୫ର ଅନୁମାନରେ ପରିବର୍ତ୍ତନ କାରଣରୁ ଭାରତୀୟ ମୁଦ୍ରା ଉପରେ ଏହାର ପ୍ରଭାବ ପଡୁଛି। ଏହା ଭାରତୀୟ ଅର୍ଥବ୍ୟବସ୍ଥା ପାଇଁ ଏକ ନୂଆ ଚାଲେଞ୍ଜ ସୃଷ୍ଟି କରିଛି।

ଆମେରିକୀ ଫେଡେରାଲ ରିଜର୍ଭ ବାବଦରେ ପ୍ରଥମେ ଜାଣିବା ଆବଶ୍ୟକ। ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ "ଫେଡେରାଲ ରିଜର୍ଭ" ଆମେରିକାକୁ ଏକ ସୁରକ୍ଷିତ ଏବଂ ସ୍ଥିର ମୌଦ୍ରିକ ଓ ଆର୍ଥୀକ ପ୍ରଣାଳୀ ପ୍ରଦାନ କରିଥାଏ। ଭାରତର ରିଜର୍ଭବ୍ୟାଙ୍କ ଭଳି ଫେଡେରାଲ ରିଜର୍ଭ ବ୍ୟାଙ୍କ ହେଉଛି ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ। ଏହାକୁ ଫେଡେରାଲ ରିଜର୍ଭ ଏପରିକି ଫେଡ୍ ମଧ୍ୟ କୁହାଯାଏ। ଆମେରିକୀ ଫେଡେରାଲ ରିଜର୍ଭର ନିଷ୍ପତ୍ତିର ପ୍ରଭାବ ସାରା ବିଶ୍ୱର ବଜାର ଉପରେ ଦେଖିବାକୁ ମିଳୁଛି। କେବଳ ଫେଡେରାଲ ରିଜର୍ଭ ପିଷ୍ପତ୍ତି ପାଇଁ ଭାରତୀୟ ବଜାର ପ୍ରଭାବିତ ହୋଇନାହିଁ। କିନ୍ତୁ ଯେତେବେଳେ ଟଙ୍କା ଦୁର୍ବଳ ହୋଇଥାଏ ସେତେବେଳେ ବିଦେଶୀ ନିବେଶକଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥାଏ। ଏହାର କାରଣ ହେଉଛି ବିଦେଶୀ ନିବେଶକ ଭାବିଥାନ୍ତି ଯେ ଭବିଷ୍ୟତରେ ଟଙ୍କା ଅଧିକ ଦୁର୍ବଳ ହୋଇପାରେ। ଯଦି ଟଙ୍କା ଦୁର୍ବଳ ହୁଏ (ବିନିମୟ ଦର କମେ) ତେବେ ସେମାନଙ୍କର କ୍ଷତି ହେବ। ଟଙ୍କା ଦୁର୍ବଳ ହେଲେ ଏହାକୁ ମଜଭୁତ ବା ବିନିମୟ ଦର କମାଇବା ପାଇଁ ଭାରତ ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ କେତେକ ପଦକ୍ଷେପ ନେଇପାରନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ସୁଧ ହାର ବଢ଼ାଇପାରେ। ସୁଧ ହାର ବଢ଼ିଲେ ଋଣ ନେବା ମହଙ୍ଗା ହେବ, ବ୍ୟବସାୟ ଉପରେ ଏହାର ପ୍ରଭାବ ପଡ଼ିବାର ଆଶଙ୍କା ରହିଛି।

ଅର୍ଥ ବିଶେଷଜ୍ଞ ମାନଙ୍କ ମତରେ ଆମେରିକୀ ଫେଡେରାଲ ରିଜର୍ଭର ନୀତିରେ ପରିବର୍ତ୍ତନ କାରଣରୁ ଡ଼ଲାର ମୁକାବିଲାରେ ଟଙ୍କାର ଅବମୂଲ୍ୟାୟନ ଘଟିଛି। କରୋନା ମହାମାରୀ ପରେ ବିଶ୍ୱର ସବୁ ଦେଶରେ ଆର୍ଥୀକ ମାନ୍ଦାବସ୍ଥା ଦେଖାଦେଇଥିଲା। ଏହି ଅବସ୍ଥାରୁ ମୁକୁଳିବା ପାଇଁ ସବୁଦେଶ ମାନେ ନିଜ ନିଜର ପରିସ୍ଥିତି ଅନୁସାରେ ବ୍ୟବସ୍ଥାକୁ ଆପଣେଇଥିଲେ। ଆମେରିକୀୟ ଫେଡେରାଲ ମଧ୍ୟ ଆର୍ଥୀକ ମାନ୍ଦାବସ୍ଥାକୁ ଦୂର କରିବା ପାଇଁ ସୁଧ ହାର ହ୍ରାସ କରି ୪.୫ ପ୍ରତିଶତ କରିଦେଇଥିଲା। ଏଭଳି ଭାବେ ଡ଼ଲାରର ସ୍ଥିତିକୁ ମଜଭୁତ କରିବାରେ ସକ୍ଷମ ହୋଇଥିଲା ଆମେରିକୀୟ ଫେଡେରାଲ। ଏବେ କୁହାଯାଇଛି ଯେ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଡ଼ୋନାଲଡ୍ ଟ୍ରମ୍ପଙ୍କ ବିଜୟପରେ ନିବେଶକ ମାନେ ଭାବୁଛନ୍ତି ଯେ ଆମେରିକାରେ ପୁଞ୍ଜିନିବେଶ ସେମାନଙ୍କ ପାଇଁ ଲାଭଜନକ ହେବ। ଏଣୁ ଅନେକ ନିବେଶକ ଭାରତରୁ ସେମାନଙ୍କ ପୁଞ୍ଜି ପ୍ରତ୍ୟାହାର କରି ଆମେରିକାରେ ନିବେଶ କରିବାକୁ ଯାଉଛନ୍ତି। ଏହି କାରଣରୁ ଭାରତୀୟ ବିଦେଶୀ ମୁଦ୍ରା ଭଣ୍ଡାର ମଧ୍ୟ କମିବାରେ ଲାଗିଛି।

ବିଗତକିଛି ସମୟ ହେବ ଡଲାର ମୁକାବିଲାରେ ଟଙ୍କାର ବିନିମୟ ଦର ସ୍ଥିର ଥିଲା। କିନ୍ତୁ ଏବେ ବିନିମୟ ଦର ହ୍ରାସ ପାଇବା ପରେ ବ୍ୟବସାୟ, ପର୍ଯ୍ୟଟକ ଓ ଶିକ୍ଷା ଆଦି କ୍ଷେତ୍ରରେ ଏହାର ପ୍ରଭାବ ପଡ଼ିବାର ଆଶଙ୍କା ଦେଖାଗଲାଣି। ଭାରତ ଆବଶ୍ୟକତାଠାରୁ ଅଧିକ ଅଶୋଧିତ ତୈଳ ଅନ୍ୟ ଦେଶରୁ କ୍ରୟ କରୁଛି। ଯେତେବେଳେ ଅଶୋଧିତ ତୈଳର ଦର ଆନ୍ତର୍ଯ୍ୟତୀୟ ବଜାରରେ ବଢୁଛି ସେତେବେଳେ ଭାରତକୁ ଅଧିକ ମୂଲ୍ୟ ଦେବାକୁ ପଡୁଛି। ଏତଦ୍ ବ୍ୟତୀତ ଔଷଧ ପାଇଁ କଞ୍ଚାମାଲ, ଖାଦ୍ୟ ତେଲ, ଇଲେକ୍ଟ୍ରୋନିକ୍ସ ଉପକରଣ ପାଇଁ ଭାରତ ମଧ୍ୟ ଅନ୍ୟ ଦେଶ ଉପରେ ନିର୍ଭରଶୀଳ। ବିଦେଶଙ୍କୁ ପାଠ ପଢ଼ିବାକୁ ଯାଉଥିବା ଛାତ୍ର ଛାତ୍ରୀ ଏବଂ ପର୍ଯ୍ୟଟକ ମଧ୍ୟ ଟଙ୍କାର ଅବମୂଲ୍ୟାୟନ ପାଇଁ ପ୍ରଭାବିତ ହେବେ। ଏଣୁ ଏହା ଚିନ୍ତାଜନକ ନିଷ୍ଚୟ। ଭାରତ ସରକାର ବ୍ୟବସାୟୀକ କ୍ଷତି ପାଇଁ ଅନେକ ବିଦେଶୀ ଜିନିଷର ଆମଦାନୀ ଉପରେ ପ୍ରତିବନ୍ଧ ଲଗାଉଛନ୍ତି ଓ ଭାରତୀୟ ଜିନିଷକୁ ପ୍ରୋତ୍ସାହିତ କରୁଛନ୍ତି। କିନ୍ତୁ ବ୍ୟବସାୟୀକ କ୍ଷତି କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏତିକି ନୁହେଁ ଦରଦାମ ବୃଦ୍ଧିକୁ ନିୟନ୍ତ୍ରିତ କରିବା ପାଇଁ ରିଜର୍ଭବ୍ୟାଙ୍କ କ୍ରମାଗତ ଭାବେ ରେପୋରେଟକୁ ଉଚ୍ଚହାରରେ ରଖିଛି କିନ୍ତୁ ବଜାରରେ ପଞ୍ଜିର ପ୍ରବାହ ବୃଦ୍ଧି ପାଉନାହିଁ।



ଏହାର ମୁଖ୍ୟ କାରଣ ହେଉଛି ଲୋକଙ୍କ ଆୟ ବୃଦ୍ଧି ନହେବା। ବିଗତ କିଛି ବର୍ଷ ହେବ ଆମ ବିକାଶ ହାର ଏବଂ ସେଥିରେ ବିନିର୍ମାଣ କ୍ଷେତ୍ରର ସ୍ଥିତି ସନ୍ତୋଷ ଜନକ ନୁହେଁ। ଏଣୁ ଡ଼ଲାରର ପ୍ରବାହ କମ୍ ହେଉଛି। ଏଭଳି ସ୍ଥିତିରେ ଟଙ୍କାର ବିନିମୟ ଦା କମିଯାଇଛି।

ବିଗତ ୧୦ ବର୍ଷର ସ୍ଥିତିକୁ ଦେଖିଲେ ସ୍ପଷ୍ଟ ଯେ ୧୦ ବର୍ଷ ମଧ୍ୟରେ ଟଙ୍କାର ବିନିମୟ ମୂଲ୍ୟ ପାଖାପାଖି ୨୨ଟଙ୍କା କମିଯାଇଛି। ୨୦୧୪ ଡିସେମ୍ବରରେ ଡ଼ଲାର ମୁକାବିଲାରେ ଟଙ୍କାର ବିନିମୟ ଦର ୬୩ ଟଙ୍କା ୫୪ ପଇସାଥିଲା। ବିଶ୍ୱ ପରିଦୃଷ୍ୟକୁ ଦେଖି ବିଶେଷଜ୍ଞ ମାନେ ଅନୁମାନ କରୁଛନ୍ତି ଯେ ଆମେରିକୀୟ ଡ଼ଲାର ଆହୁରି ଅଧିକ ମଜଭୁତ ହୋଇପାରେ ଯେଉଁଥିପାଇଁ ବିଶ୍ୱର ଅନ୍ୟ ଦେଶ ମାନେ ପ୍ରଭାବିତ ହେବେ। ଏବେ ବିଦେଶରୁ ଆମଦାନୀ କରାଯାଉଥିବା ବସ୍ତୁର ଦାମ ବଢ଼ିବ। ଭାରତରେ ସୁନାର ମୂଲ୍ୟ ମଧ୍ୟ ବଢ଼ିବ। ବିଦେଶରେ ଚିକିତ୍ସା ପାଇଁ ଭାରତୀୟଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। କିନ୍ତୁ ବିଦେଶରେ ଚାକିରୀ କରୁଥିବା ଲୋକଙ୍କୁ ଏହାର ଲାଭ ମିଳିବ। ବିଦେଶରେ ରହୁଥିବା ଲୋକେ ପୂର୍ବରୁ ଡ଼ଲାର ପଠାଇଲେ ତାଙ୍କ୍ ପରିବାରକୁ ୮୦ ହଜାର ମିଳୁଥିଲା କିନ୍ତୁ ଏବେ ହଜାର ଡ଼ଲାର ପଠାଇଲେ ତାଙ୍କ ପରିବାରକୁ ୮୫ ହଜାର ଟଙ୍କା ମିଳିବ। ଟଙ୍କାର ବିନିମୟ ଦର କମିବା କାରଣରୁ ମୁଦ୍ରାସ୍ଫିତିକୁ ରୋକିବା ରିଜର୍ଭବ୍ୟାଙ୍କ ପାଇଁ କଷ୍ଟକର ହୋଇପଡ଼ିବ। ଏପଟେ ଭାରତ ସରକାର ଅର୍ଥବ୍ୟବସ୍ଥାକୁ ୫ ଲକ୍ଷ କୋଟି ଡ଼ଲାରରେ ପହଞ୍ଚାଇବା ପାଇଁ ସଂକଳ୍ପବଦ୍ଧ। ଟଙ୍କାର ଅବମୂଲ୍ୟାୟନକୁ ଦେଖି ଅର୍ଥବ୍ୟବସ୍ଥା ୫ଲକ୍ଷ କୋଟି ଡ଼ଲାର (୫ ଟ୍ରିଲିୟନ)ରେ ପହଞ୍ଚିବା ନେଇ ସନ୍ଦେହ ରହୁଛି। ମୋଟା ମୋଟି ଭାବେ ଏବେ ସରକାରଙ୍କୁ ପ୍ରତି ବ୍ୟକ୍ତିର ଆୟବୃଦ୍ଧି, କୃଷି କ୍ଷେତ୍ରକୁ ପ୍ରୋତ୍ସାହନ ଏବଂ ବେରୋଜଗାରୀ ଭଳି ବିସ୍ଫୋଟକ ସ୍ଥିତିକୁ ନିୟନ୍ତ୍ରିତ କରିବାକୁ ପଡ଼ିବ।

**ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୮୫୦୯୪**

# ଶଙ୍ଖ ଦିଏ ମୋକ୍ଷ



**ନିରୁପମା ଭୂୟାଁ**

ଭଗବତ୍ ପୁରାଣ ଅନୁସାରେ, ଶ୍ରୀକୃଷ୍ଣଙ୍କ ଶିକ୍ଷା ଶେଷ ହେବା ପରେ ସେ ଗୁରୁ ସନ୍ଦୀପନିଙ୍କୁ ଦକ୍ଷିଣା ଦେବା ପାଇଁ ଚାହିଁଲେ। ଋଷି ସନ୍ଦୀପନି କହିଲେ, ମୋର ଏକ ପୁତ୍ର ସମୁଦ୍ରରେ ବୁଡ଼ି ରହିଛି, ତାକୁ ତୁମେ ନେଇଆସ। ଏହାପରେ ଶ୍ରୀକୃଷ୍ଣ ତାଙ୍କ ପୁତ୍ରକୁ ଆଣିବା ପାଇଁ ସମୁଦ୍ର ମଧ୍ୟକୁ ଗଲେ। ସେଠାରେ ଶଙ୍ଖାସୁରକୁ ବଧ କରି ଋଷି ସନ୍ଦୀପନିଙ୍କ ପୁତ୍ରକୁ ଉଦ୍ଧାର କରିଥିଲେ ଶ୍ରୀକୃଷ୍ଣ। ବିଶ୍ୱାସ କରାଯାଏ, ଶଙ୍ଖାସୁରର ମୃତ୍ୟୁ ପରେ ଯେଉଁ ଖୋଳ ରହିଯାଇଥିଲା, ସେଥିରେ ସୃଷ୍ଟି ହୋଇଥିଲା ଶଙ୍ଖ। ଏହା ବ୍ୟତୀତ ଗ୍ରନ୍ଥରେ ବର୍ଣ୍ଣନା ହୋଇଛି, ସୃଷ୍ଟିରୁ ଆତ୍ମା, ଆତ୍ମାରୁ ପ୍ରକାଶ, ପ୍ରକାଶରୁ ଆକାଶ, ଆକାଶରୁ ବାୟୁ, ବାୟୁରୁ ଅଗ୍ନି, ଅଗ୍ନିରୁ ଜଳ ଓ ଜଳରୁ ପୃଥିବୀ ନିର୍ମାଣ ବା ଉତ୍ପତ୍ତି ହୋଇଛି। ଏହି ସମସ୍ତ ତତ୍ତ୍ୱ ମିଶି ଶଙ୍ଖର ସୃଷ୍ଟି ହୋଇଛି। ଏହା ବ୍ୟତୀତ ବ୍ରହ୍ମବୈବର୍ତ୍ତପୁରାଣ ଅନୁସାରେ ଶଙ୍ଖ ସୂର୍ଯ୍ୟ ଓ ଚନ୍ଦ୍ରମା ପରି ଦେବସ୍ୱରୂପ। ଏଥିରେ ଭଗବାନ ବିଷ୍ଣୁ ଓ ଲକ୍ଷ୍ମୀ ବାସ କରନ୍ତି।

ସୁଖ ସମୃଦ୍ଧି ବଢ଼ାଏ ଶଙ୍ଖ : ବିଶ୍ୱାସ ରହିଛି, ଶଙ୍ଖର ଧ୍ୱନି ବହୁତ ପବିତ୍ର। ଏହାର ଧ୍ୱନିରେ ବହୁ ରୋଗ ଦୂର ହୁଏ। ରାକ୍ଷସ ଓ ଭୂତ ପିଚାଶରୁ ରକ୍ଷା ମିଳିଥାଏ। ଏହାର ଧ୍ୱନିରେ ଦାରିଦ୍ର୍ୟତା ଓ ଦୁଃଖ ଦୂର ହୋଇଥାଏ। ଶଙ୍ଖର ଧ୍ୱନିରେ ଆୟୁ ବୃଦ୍ଧି ହୋଇଥାଏ। ଏହାର ଧ୍ୱନିରେ ବାତାବରଣରେ ଥିବା ଛୋଟ ଛୋଟ କୀଟାଣୁର ମୃତ୍ୟୁ ହୋଇଥାଏ। ଶଙ୍ଖ ତ ଅନେକ ପ୍ରକାରର ରହିଛି। ହେଲେ ବିଶ୍ୱାସ କରାଯାଏ ଯେ ଯଦି ଘରେ ଦକ୍ଷିଣାବର୍ତ୍ତୀ ଶଙ୍ଖ ନିୟମିତ ଭାବରେ ପୂଜାସ୍ଥଳରେ ବ୍ୟବହାର କରାଯାଏ ତାହାଲେ ଘରେ ସୁଖ ସମୃଦ୍ଧି ବଢ଼ିଥାଏ। ଯଦି ଆପଣଙ୍କର ଧନ ପ୍ରାପ୍ତିର ମାର୍ଗ ବନ୍ଦ ହୋଇଯାଇଥାଏ, ତାହାଲେ ଦକ୍ଷିଣାବର୍ତ୍ତୀ ଶଙ୍ଖକୁ ନିୟମିତ ଭାବରେ ପୂଜା କରନ୍ତୁ। ଅଭୁଦ ଲାଭ ପ୍ରାପ୍ତି ହେବ। ଘରେ ନିୟମିତ ଭାବରେ ଶଙ୍ଖ ସହିତ ତୁଳସୀକୁ ପୂଜା କଲେ ଘରୁ ସମସ୍ତ ସମସ୍ୟା ଯେପରି ରୋଗ, କ୍ଲେଶ, ଅଶାନ୍ତି ଆଦି ଦୂର ହୋଇଯିବ। ଯଦି କୌଣସି ବ୍ୟକ୍ତି କଥା କହିବାରେ ଅସମର୍ଥ ଥାଏ, ଏହି ବାଣୀ ଦୋଷ ଦୂର କରିବା ପାଇଁ ପ୍ରତିଦିନ ଶଙ୍ଖ ବଜାଇବାର ଦରକାର। ଶଙ୍ଖ ବଜାଇବା ଦ୍ୱାରା ବ୍ୟକ୍ତିର ବାଣୀ ଦୋଷ ଦୂର ହୋଇ ସେ କଥା କହିପାରେ। ଏହାସହିତ ଆଜ୍‌ମା,



ଶ୍ୱାସନଳୀ ସଂକ୍ରମଣ, ହୃଦ୍‌ରୋଗ ଆଦି ଦୂର ହୋଇଥାଏ। ପୂଜା ଆରମ୍ଭ କରିବା ପୂର୍ବରୁ ଶଙ୍ଖରେ ଜଳ ଭରି କରନ୍ତୁ, ଏଥିରେ ସିନ୍ଦୂର ଓ ଚନ୍ଦନ ଟିକା ଲଗାନ୍ତୁ। ଏହାଦ୍ୱାରା ଶଙ୍ଖରେ ଥିବା ଜଳ ପବିତ୍ର ହୋଇଯାଏ। ଏହାପରେ ଶଙ୍ଖର ଜଳ ସମସ୍ତ ପୂଜା ସାମଗ୍ରୀ ଓ ଉପସ୍ଥିତ ଥିବା ସମସ୍ତ ଲୋକ ଉପରେ ଛିଞ୍ଚନ୍ତୁ। ଏହାଦ୍ୱାରା ପୂଜା ସାମଗ୍ରୀ ପବିତ୍ର ହେବା ସହିତ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତିଙ୍କ ମନ ଓ ତନ ପବିତ୍ର ହୋଇଥାଏ। କୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଶଙ୍ଖ ବଜାଇଲେ ଶୁଭ ହୋଇଥାଏ। ଶଙ୍ଖର ଉପଯୋଗ ଜ୍ୟୋତିଷ ଶାସ୍ତ୍ର ଓ ବାସ୍ତୁରେ ମଧ୍ୟ ଦର୍ଶାଯାଇଛି। ବିଶ୍ୱାସ ରହିଛି ଯେ ଯଦି ଘରେ କୌଣସି ପ୍ରକାରର ବାସ୍ତୁ ଦୋଷ ଥାଏ କିମ୍ବା ଗ୍ରହ ସମ୍ବନ୍ଧିତ ଦୋଷ ଥାଏ, ତାହାଲେ ଘରେ ଶଙ୍ଖ ସ୍ଥାପନା କରନ୍ତୁ। ଏହା ବ୍ୟତୀତ ଶଙ୍ଖ ପ୍ରୟୋଗ କରିବା ଦ୍ୱାରା ଆରୋଗ୍ୟ ବୃଦ୍ଧି, ପିତୃଦୋଷ, ଲକ୍ଷ୍ମୀ ପ୍ରାପ୍ତି, ପୁତ୍ର ପ୍ରାପ୍ତି, ବିବାହରେ ବିଳମ୍ବ ଆଦି ବିଭିନ୍ନ ପ୍ରକାର ସମସ୍ୟା ଦୂର ହୋଇଥାଏ। ବିଶେଷକରି ଦକ୍ଷିଣାବର୍ତ୍ତୀ ଶଙ୍ଖ ପୂଜା କରିବା ଦ୍ୱାରା ଘରୁ ସମସ୍ତ ବାସ୍ତୁ ଦୋଷ, ଦାରିଦ୍ର୍ୟତା ଦୂର ହୋଇଯାଏ।

ଦକ୍ଷିଣାବର୍ତ୍ତୀ ଶଙ୍ଖ ପୂଜା କରନ୍ତୁ : ପୂଜା ପଦ୍ଧତିରେ ଦକ୍ଷିଣାବର୍ତ୍ତୀ ଶଙ୍ଖର ବିଶେଷ ମହତ୍ତ୍ୱ ରହିଛି। ଏହି ଶଙ୍ଖ ଦେବୀ ଲକ୍ଷ୍ମୀଙ୍କ ସ୍ୱରୂପ। ଏହାର ମୁଖ ବନ୍ଦ ଥାଏ। ଏହାକୁ ବଜାଇ ହୁଏ ନାହିଁ। ଏହି ଶଙ୍ଖ ଧନ-ସମ୍ପତ୍ତି, ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ। ଏହାକୁ ପୂଜା କରୁଥିବା ବ୍ୟକ୍ତି ସର୍ବଦା ଖୁସିରେ ରହେ। ଅଭାବ ଅନାଟନ ତା ଠୁ ଦୂରେଇଯାଏ। ବ୍ୟବସାୟରେ ଲାଭବାନ ହୁଏ। ଏହା ସହିତ ଏଥିରେ ପାଣି ଭରି ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଦେଲେ ଆଖି ରୋଗରୁ ମୁକ୍ତି ମିଳେ। ରାତିରେ ଏଥିରେ ଜଳ ଭରି ସକାଳେ ଘରସାରା ଉକ୍ତ ପାଣିକୁ ଛିଞ୍ଚିଦେଲେ ଘରେ ସୁଖ ଶାନ୍ତି ବଢ଼ିଥାଏ ଓ ସମସ୍ତ ସମସ୍ୟା ଦୂରେଇ ଯାଏ। ଏହି ଶଙ୍ଖ ବିଷ୍ଣୁପ୍ରିୟ, ପବିତ୍ର, ଶୁଭ ଫଳଦାୟୀ ଓ ଲକ୍ଷ୍ମୀଙ୍କ ସହୋଦର। ଏପରି ମାନ୍ୟତା ଅଛି, ଯେଉଁ ଘରେ ଦକ୍ଷିଣାବର୍ତ୍ତୀ ଶଙ୍ଖ ସ୍ଥାପନା ହୋଇଥାଏ, ସେଠାରେ ସୁଖ ସମୃଦ୍ଧି ଭରି ରହିଥାଏ। ଯେଉଁ ଘରେ ଦୁସ୍ୱପ୍ନ ଆସିଥାଏ, ସେ ଘରେ ଏହି ଶଙ୍ଖ ସ୍ଥାପନା କଲେ ଏଥିରୁ ମୁକ୍ତି ମିଳେ। କାରଣ ଏହି ଶଙ୍ଖରୁ ବାହାରୁଥିବା ସକାରାତ୍ମକ ଶକ୍ତି ଘର ଉପରେ ପଡୁଥିବା ସମସ୍ତ ନକାରାତ୍ମକ ଶକ୍ତିକୁ ଦୂର କରିଦିଏ। ଘରର ବାତାବରଣ ଶାନ୍ତ ହୋଇଯାଏ। ଏହାକୁ ବ୍ୟବସାୟ ସ୍ଥଳରେ ରଖିଲେ କାର୍ଯ୍ୟରେ ଉନ୍ନତି ହୋଇଥାଏ। ଦକ୍ଷିଣାବର୍ତ୍ତୀ ଶଙ୍ଖ ସ୍ଥାପନା : ଶୁଦ୍ଧିକରଣ : କୌଣସି ଶୁଭ କାର୍ଯ୍ୟ କରିବା ପୂର୍ବରୁ ଶୁଦ୍ଧିକରଣ ଆବଶ୍ୟକ ହୋଇଥାଏ। ଏଣୁ ଦକ୍ଷିଣାବର୍ତ୍ତୀ ଶଙ୍ଖ ସ୍ଥାପିତ କରିବା ପୂର୍ବରୁ ପ୍ରଥମେ ଶଙ୍ଖକୁ ଶୁଦ୍ଧିକରଣ କରନ୍ତୁ। ଶୁଭଦିନ : ଶଙ୍ଖ ସ୍ଥାପନା କରିବା ପାଇଁ ବୁଧବାର ହେଉଛି ଶୁଭଦିନ। ଏହିଦିନ ଶୁଭ ମୁହୂର୍ତ୍ତରେ ଶଙ୍ଖ ସ୍ଥାପନା କରନ୍ତୁ। ସାମଗ୍ରୀ : ପଞ୍ଚାମୃତ, କ୍ଷୀର, ଗଙ୍ଗାଜଳ, ଧୂପଦୀପ, ଚାନ୍ଦୀର ଆସନ ଓ ଲାଲ କପଡ଼ା ଆଦି ଶଙ୍ଖ ସ୍ଥାପନା ପାଇଁ ଆବଶ୍ୟକ ହୋଇଥାଏ। ବିଧି : ବୁଧବାର ଦିନ ଶୁଭ ମୁହୂର୍ତ୍ତରେ ଗାଧୋଇ ପଞ୍ଚାମୃତରେ ଶଙ୍ଖକୁ ପବିତ୍ର କରନ୍ତୁ। ଏହାପରେ କ୍ଷୀର ଓ ଗଙ୍ଗାଜଳରେ ଶଙ୍ଖକୁ ଧୁଅନ୍ତୁ। ଧୂପଦୀପ ଲଗାଇ ଏହାକୁ ପୂଜା କରନ୍ତୁ। ଏହାପରେ ଚାନ୍ଦି ଆସନ ଉପରେ ଲାଲକପଡ଼ା ବିଛା ଉକ୍ତ ଶଙ୍ଖକୁ ପ୍ରତିଷ୍ଠିତ କରନ୍ତୁ। ଧ୍ୟାନ ରଖନ୍ତୁ ଶଙ୍ଖର ଖୋଲା ଅଂଶ ଉପରକୁ ତଥା ଆକାଶ ଆଡ଼କୁ ରହିବ। ଏବେ ଶଙ୍ଖକୁ ଅକ୍ଷତ ଚାଉଳ ଓ ସିନ୍ଦୂର ଭରିଦିଅନ୍ତୁ। ଏହାସହିତ ଶଙ୍ଖ ଉପରେ ସ୍ୱାସ୍ତିକ ଚିହ୍ନ କରନ୍ତୁ। ଏବେ ଶଙ୍ଖ ଉପରେ ଚନ୍ଦନ, ଫୁଲ ଓ ଧୂପଦୀପ ଦେଇ ପୂଜା କରନ୍ତୁ। ଏହିପରି ଭାବରେ ଦକ୍ଷିଣାବର୍ତ୍ତୀ ଶଙ୍ଖ ସ୍ଥାପିତ କରନ୍ତୁ। ଦକ୍ଷିଣାବର୍ତ୍ତୀ ଶଙ୍ଖ ସ୍ଥାପିତ ହୋଇଗଲା ପରେ ପ୍ରତିଦିନ ନିୟମିତ ଭାବରେ ପୂଜା କରନ୍ତୁ ଓ ଦର୍ଶନ କରନ୍ତୁ। ଯଦି ଶୀଘ୍ର ଫଳ ପ୍ରାପ୍ତି ଚାହୁଁଥାନ୍ତି ତାହାଲେ ଶଙ୍ଖରେ ସ୍ଫଟିକ ମାଳା ଦିଅନ୍ତୁ ଓ ଏହା ସହିତ 'ଓଁ ହ୍ରିଂ ଶ୍ରୀଂ ନମଃ ଶ୍ରୀଧରକରସ୍ଥାୟ, ପୟୋନିଧିଜାତାୟଂ ଲକ୍ଷ୍ମୀସହୋଦରାୟ ଫଳପ୍ରଦାୟ ଫଳପ୍ରଦାୟ, ଶ୍ରୀ ଦକ୍ଷିଣାବର୍ତ୍ତ ଶଙ୍ଖାୟ ଶ୍ରୀଂ ହ୍ରିଂ ନମଃ'। ଏହି ମନ୍ତ୍ର ଜପ କରନ୍ତୁ। ଏହାର ପ୍ରଭାବରେ ଦାରିଦ୍ର୍ୟତା ଦୂର ହେବ, ଯଶ ଓ କୀର୍ତ୍ତି ବଢ଼ିବ, ସନ୍ତାନ ପ୍ରାପ୍ତି ହେବ ଓ ଶତ୍ରୁ ଭୟ ଦୂର ହେବ।

**ପୂର୍ବତନ ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ**
**କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର**

## କାସଗଞ୍ଜର ବହୁ ଚର୍ଚ୍ଚିତ ହତ୍ୟା ମାମଲାରେ ଏନଆଇଏ କୋର୍ଟଙ୍କ ରାୟ

# ୨୮ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍



**ଲକ୍ଷ୍ନୌ, ୩।୧:** ଉତ୍ତର ପ୍ରଦେଶର କାସଗଞ୍ଜରେ ଚନ୍ଦନ ଗୁପ୍ତାଙ୍କ ହତ୍ୟା ମାମଲାରେ ୨୮ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଦେଇଛନ୍ତି ଏନଆଇଏ କୋର୍ଟ। ୨୦୧୮ ଜାନୁଆରୀ ୨୬ରେ କାସଗଞ୍ଜରେ ଆୟୋଜିତ ତ୍ରିରଙ୍ଗା ରାଲି ସମୟରେ ଚନ୍ଦନ ଗୁପ୍ତାଙ୍କ ହତ୍ୟା କରାଯାଇ ଥିଲା। ଶୁକ୍ରବାର ସ୍ୱତନ୍ତ୍ର ଜଜ୍ ବିବେକାନନ୍ଦ ଶରଣ ତ୍ରିପାଠୀ ଅଭିଯୁକ୍ତଙ୍କୁ ସଜା ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା, ଦଙ୍ଗା ଏବଂ ଜାତୀୟ ପତାକାକୁ ଅସମ୍ମାନ କରିଥିବା ନେଇ ମାମଲା ରହିଛି। ତେବେ ଚନ୍ଦନ ଗୁପ୍ତାଙ୍କ ପରିବାରକୁ ଦୀର୍ଘ ୭ ବର୍ଷ ପରେ ନ୍ୟାୟ ମିଳିଛି।

ଏନଆଇଏ ସ୍ପେଶାଲ କୋର୍ଟ ଜଜ୍ ବିବେକାନନ୍ଦ ଶରଣ ତ୍ରିପାଠୀ ଶୁକ୍ରବାର ଚନ୍ଦନ ଗୁପ୍ତା ହତ୍ୟାକାଣ୍ଡରେ ସମସ୍ତ ୨୮ ଅଭିଯୁକ୍ତଙ୍କୁ ଦୋଷୀ ଘୋଷଣା କରିଛନ୍ତି। ଅନ୍ୟପଟେ ଦୁଇ ଅଭିଯୁକ୍ତ ନସିରୁଦ୍ଦିନ ଏବଂ ଅସୀମ କୁରେଶୀଙ୍କୁ ମୁକ୍ତ କରାଯାଇଛି। ଚନ୍ଦନଙ୍କ ବାପା ସୁଶୀଲ ଗୁପ୍ତାଙ୍କ ଦ୍ୱାରା ଦିଆଯାଇଥିବା ଏଫ୍ଆଇଆର୍‌ରେ ୨୦ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ତଦନ୍ତ ପରେ ପୋଲିସ ଆଉ ୧୦ ଜଣ ଅଭିଯୁକ୍ତଙ୍କ ନାଁ ଯୋଡ଼ି ମୋଟ ୩୦ ଜଣଙ୍କ ନାଁରେ ଚାର୍ଜସିଟ୍ ଦାଖଲ କରିଥିଲା। ୨୦୧୮ ଏପ୍ରିଲ୍ ୨୬ରେ କାସଗଞ୍ଜ ପୋଲିସ ମାମଲାରେ ଚାର୍ଜସିଟ୍ ଦାଖଲ କରିଥିଲା। ବିଚାରମାନରେ ୨୮ ଦୋଷୀଙ୍କ ମଧ୍ୟରୁ ଜଣେ ଦୋଷୀ ମୁନାଜିର ରଫି ପୂର୍ବରୁ ଜେଲରେ ବନ୍ଦୀ ରହିଛି। ମୁନାଜିର ରଫି କାସଗଞ୍ଜର ଜଣେ ଓକିଲ ମୋହିନୀ ତୋମାର ହତ୍ୟାକାଣ୍ଡରେ ଜେଲରେ ବନ୍ଦୀ ଅଛି। ୨୦୧୮ ଜାନୁଆରୀ ୨୬ରେ ତ୍ରିରଙ୍ଗା ଯାତ୍ରା ବେଳେ ଚନ୍ଦନ ଗୁପ୍ତାଙ୍କୁ ହତ୍ୟା କରାଯାଇଥିଲା। ତ୍ରିରଙ୍ଗା ଯାତ୍ରା ବେଳେ ଦୁଇ ସମୁଦାୟ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ଚନ୍ଦନ ଗୁପ୍ତାଙ୍କୁ ଅତି ନିର୍ମମ ଭାବେ ଗୁଳି କରି ହତ୍ୟା କରାଯାଇଥିଲା। ଘଟଣାକୁ ନେଇ କାସଗଞ୍ଜରେ ଉତ୍ତେଜନା ବଢ଼ିଥିଲା। ହିଂସାର ନିଆଁରେ ପୁରା ଉତ୍ତର ପ୍ରଦେଶରେ ବ୍ୟାପିଥିଲା। ଚନ୍ଦନଙ୍କ ପରିବାର ସହ ଅନ୍ୟମାନେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଘଟଣା ପରେ ଚନ୍ଦନ ଗୁପ୍ତାଙ୍କ ନାଁରେ କାସଗଞ୍ଜର ଗୋଟିଏ ଛକ ନାଁ କରାଯିବ ବୋଲି ସରକାର ଘୋଷଣା କରିଥିଲେ।

# ସାଇବର୍ ଟ୍ରକ୍ ଉପରେ ଆକ୍ରମଣ ଘଟଣାରେ ମୁହଁ ଖୋଲିଲେ ଏଲନ ମସ୍କ



**ୱାଶିଂଟନ, ୩।୧:** ଲସ୍ ବେଗାସ୍‌ର ଟ୍ରମ୍ପ ଇଣ୍ଟରନ୍ୟାସନାଲ୍ ହୋଟେଲ୍‌ର ଠିକ୍ ବାହାରେ ଟେସଲାର ସାଇବର୍ ଟ୍ରକ୍ ଉପରେ ଆକ୍ରମଣ ଘଟଣାରେ ଏବେ ମୁହଁ ଖୋଲିଛନ୍ତି ଏଲନ ମସ୍କ। ଟେସ୍‌ଲାର ସାଇବର୍ ଟ୍ରକ୍ ଜଳିଯିବା ପରେ ସୋସିଆଲ୍ ମିଡିଆରେ ଗାଡ଼ି କେତେ ସୁରକ୍ଷିତ ତାହାକୁ ନେଇ ସମାଲୋଚନା ହେବା ପରେ ସଫେଇ ଦେଇଛନ୍ତି ମସ୍କ। ସେ କହିଛନ୍ତି ଆତଙ୍କବାଦୀଙ୍କ ବୋମା ରଖିବା କାରଣରୁ ଗାଡ଼ି ବିସ୍ଫୋରଣ ହୋଇଛି। ଗାଡ଼ିର ନିର୍ମାଣରେ କିଛି ବି ତ୍ରୁଟି ନାହିଁ। ସେ ଆହୁରି ବି କହିଛନ୍ତି ଯେ ବ୍ୟାଟେରି ପ୍ୟାକ୍‌ରେ ନିଆଁ ଲାଗିନାହିଁ। ଟାୟାର୍ ଏବେ ବି ଭଲ ଅଛି। ଆତଙ୍କୀମାନେ ପ୍ରତିଶୋଧ ନେବାକୁ ଭୁଲ୍ କାରକୁ ବାଛିଛନ୍ତି।

ଉଲ୍ଲେଖଯୋଗ୍ୟ, ଟ୍ରମ୍ପଙ୍କ ହୋଟେଲ ଆଗରେ ଜଳିଗଲା ମସ୍କଙ୍କ ସାଇବର ଟ୍ରକ। ବିସ୍ଫୋରଣରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗତକାଲି ସକାଳୁ ସକାଳୁ ଆମେରିକାର ଲସ୍ ଭେଗାସରେ ଥିବା ଟ୍ରମ୍ପ ଇଣ୍ଟରନ୍ୟାସନାଲ ହୋଟେଲ ଆଗରେ ଏହି ବିସ୍ଫୋରଣ ଘଟିଛି। ହୋଟେଲର ମୁଖ୍ୟ ପ୍ରବେଶ ପଥରେ ଟେସଲାର ସାଇବର୍ ଟ୍ରକ୍ ଟି ଠିଆ ହୋଇଥିବା ବେଳେ ଏହି ବିସ୍ଫୋରଣ ଘଟିଥିବା ଜଣାପଡ଼ିଛି। ଟ୍ରକ ଭିତରୁ ଅନେକ ବିସ୍ଫୋରକ ସାମଗ୍ରୀ ମଧ୍ୟ ମିଳିଛି। ଏହା ପଛରେ ଆତଙ୍କବାଦୀଙ୍କ ସମ୍ପୃକ୍ତି ଥିବା କହିଛନ୍ତି ଟେସଲା କମ୍ପାନି ମାଲିକ ଏଲନ ମସ୍କ। ବୋମା ଲଗାଇ ଟ୍ରକ୍ ବିସ୍ଫୋରଣ କରାଯାଇଥିବା ସେ କହିଛନ୍ତି। ଏଫବିଆଇ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଟ୍ରାକ୍‌ରେ ପବଜୀ ଖେଳୁଥିବା ବେଳେ ଟ୍ରେନ୍ ମାଡ଼ିଗଲା

**ପାଟନା, ୩।୧:** ପବଜୀ ନିଶା କଲା ବାଇଆ। ଉଜୁଡ଼ିଗଲା ସଂସାର। ଅକାଳରେ ଟ୍ରେନ୍‌ରେ କଟି ଚାଲିଗଲା ୩ ନାବାଳକଙ୍କ ଜୀବନ। ଏପରି ଏକ ହୃଦୟ ବିଦାରକ ଘଟଣା ବିହାରର ବୈତିୟା ଜିଲ୍ଲାର ମୁଫାସିଲ ଥାନା ଅଞ୍ଚଳରେ ଘଟିଛି। ମୁଫାସିଲ ପୁଲିସ ଷ୍ଟେସନ ଅନ୍ତର୍ଗତ ନରକାଟିଆଗଞ୍ଜ-ମୁଜାଫରପୁର ରେଳ ବିଭାଗର ମନସା ଟୋଲାରେ ଥିବା ରୟାଲ ସ୍କୁଲ ନିକଟରେ ଏହି ଦୁର୍ଘଟଣା ଘଟିଛି। ପବଜୀ ଖେଳିବା ନିଶା ଘାରିବାରୁ ୩ ନାବାଳକ ସାଙ୍ଗ ଘର ପାଖ ଟ୍ରେନ୍ ଲାଇନ୍‌କୁ ଚାଲିଗଲେ। ସେଠାରେ ସେମାନେ ଇୟରଫୋନ୍ ଦେଇ ଟ୍ରେନ୍ ଲାଇନ୍‌ରେ ବସି ଖେଳୁଥିଲେ ପବଜୀ। ମାତ୍ର ଦ୍ରୁତ ଗତିରେ ଆସୁଥିବା ଟ୍ରେନ୍ ଶବ୍ଦ ସେମାନେ ଶୁଣି ପାରି ନ ଥିଲେ। ଫଳରେ ସେମାନଙ୍କ ଉପରେ ଟ୍ରେନ୍ ଚଢ଼ି ଯାଇଥିଲା ଓ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ବରିଷ୍ଠ ପୁଲିସ୍ ଓ ରେଲୱେ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତକଙ୍କ ପରିବାର ଲୋକେ ପହଞ୍ଚି ନିଜ ନିଜ ପିଲାମାନଙ୍କୁ ଚିହ୍ନଟ କରିଛନ୍ତି। ସେମାନଙ୍କ କାନ୍ଦ ବୋବାଳିରେ ଫାଟି ପଡୁଛି ପୂରା ଅଞ୍ଚଳ।

## ଭୂକମ୍ପରେ ଥରିଲା ଚିଲି, ରିକ୍ଟର ସ୍କେଲରେ ୬.୨ ରେକର୍ଡ

**ନୂଆଦିଲ୍ଲୀ,୩।୧:** ଭୂକମ୍ପ ଝଟକାରେ ଥରିଲା ଚିଲି। କେଲାମା ନିକଟସ୍ଥ ଏଣ୍ଟୋଫଗାସ୍ତା ଅଞ୍ଚଳରେ ଆଜି (ଶୁକ୍ରବାର) ବଡ ଧରଣର ଭୂକମ୍ପ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୨ ମାଗ୍ନିଚୁଡ ରେକର୍ଡ ହୋଇଛି। ଏହି ଭୂକମ୍ପ ନେଇ ୟୁରୋପୀୟ-ଭୂମଧ୍ୟସାଗରୀୟ (ଇଏମଏସସି) ସୂଚନା ଦେଇଛି। ରିପୋର୍ଟ ଅନୁସାରେ, ଭୂକମ୍ପ କେନ୍ଦ୍ରସ୍ଥଳ କେଲାମାରୁ ୮୪କିଲୋମିଟର ଉତ୍ତର-ପଶ୍ଚିମ ଏବଂ ପୃଥିବୀ ପୃଷ୍ଠରୁ ୧୦୪ କିଲୋମିଟର ଗଭୀରତା ଥିଲା। ଏ ପର୍ଯ୍ୟନ୍ତ ସେଠାରେ କୌଣସି କ୍ଷୟକ୍ଷତି ହେବାର ସୂଚନା ମିଳିନାହିଁ। ମାତ୍ର ଭୂକମ୍ପର ତୀବ୍ରତା ୬.୨ ଥିବାରୁ ଲୋକମାନଙ୍କ ମଧ୍ୟରେ ଭୟ ରହିଛି। ଚିଲିରେ ଅନୁଭୂତ ହୋଇଥିବା ଭୂକମ୍ପ ସହ ଜଡିତ ଭିଡିଓ ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ଭୂକମ୍ପ ଝଟକାରେ ଘରଗୁଡ଼ିକ ଥରି ଉଠିଥିଲା। ଘରର ଆବାସପତ୍ର ପଡି ଯାଇଥିଲା। ଭିଡିଓରେ ସ୍ପଷ୍ଟ ଦେଖିବାକୁ ମିଳିଥିଲା। ଲୋକମାନେ ଭୟଭୀତ ରହିଛନ୍ତି। ଟେକ୍ଟୋନିକ ପ୍ଲେଟଗୁଡ଼ିକର ଧକ୍କା ହେତୁ କମ୍ପନ ସୃଷ୍ଟି ହୋଇଥିଲା। ପ୍ରାୟ ସମୟରେ ବିଭିନ୍ନ ସ୍ଥାନରେ ଭୂକମ୍ପ ଅନୁଭୂତ ହେଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଭୂକମ୍ପ ହେଉଛି।

## ପ୍ରୟାଗରାଜ ମହାକୁମ୍ଭକୁ ଆତଙ୍କୀ ଆକ୍ରମଣ ଆଶଙ୍କା



**ପ୍ରୟାଗରାଜ, ୩।୧:** ମହାକୁମ୍ଭ-୨୦୨୫ ପାଇଁ ସଜେଇ ହୋଇଛି ଉତ୍ତର ପ୍ରଦେଶର ପ୍ରୟାଗରାଜ। ରାଜ୍ୟର ଯୋଗୀ ସରକାର ଘଡ଼ିକି ଘଡ଼ି ଏହାର ପ୍ରସ୍ତୁତି ପର୍ବ ସମୀକ୍ଷା କରୁଛନ୍ତି। ବାରମ୍ବାର ସେ ମହାକୁମ୍ଭ ସ୍ଥଳ ପରିଦର୍ଶନ କରୁଛନ୍ତି। ବିଶେଷକରି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ପାଇଁ ଫୋକସ କରାଯାଉଛି। ଏଭଳି ସ୍ଥିତିରେ ମହାକୁମ୍ଭରେ ଆତଙ୍କୀ ଆକ୍ରମଣ ହେବା ନେଇ ଆଶଙ୍କା ରହିଥିବା ଜଣାପଡ଼ିଛି। ଗୁଇନ୍ଦା ବ୍ୟୁରୋ (ଆଇବି) ଏବଂ ଲୋକାଲ ଗୁଇନ୍ଦା ୟୁନିଟ (ଏଲ୍ଆଇୟୁ) ୟୁପିର ଗୃହ ବିଭାଗକୁ ରିପୋର୍ଟ ପଠାଇ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ନେଇ ସତର୍କ କରାଇଛି।

ଗତ ସପ୍ତାହରେ ଏହି ରିପୋର୍ଟ ପଠାଯାଇଥିଲା। ଏଥିରେ କୁହାଯାଇଛି ଯେ ଖଲିସ୍ତାନୀ ଓ ପାକିସ୍ତାନୀ ଆତଙ୍କବାଦୀ ନକଲି (ପ୍ରକ୍ସି) ନାମରେ ମହାକୁମ୍ଭରେ ପ୍ରବେଶ କରି ଲୋକଙ୍କୁ ଟାର୍ଗେଟ୍ କରିପାରନ୍ତି। ସେମାନେ ନିଜ ସ୍ଲିପର ସେଲ୍‌କୁ ସକ୍ରିୟ କରାଇବା ନେଇ କାମ ଆରମ୍ଭ କରିଦେଇଛନ୍ତି। ଷ୍ଟେଟ୍ ଏଲ୍ଆଇୟୁ ରିପୋର୍ଟରେ ଆହୁରି ଦାବି କରାଯାଇଛି ଯେ ଆତଙ୍କୀମାନେ ସାଧୁ, ଅଘୋରୀ ଓ ଗେରୁଆ ବସ୍ତ୍ର ପରିଧାନ କରି ମେଳାରେ ପ୍ରବେଶ କରିପାରନ୍ତି। ଏହାକୁ ଦୃଷ୍ଟିରେ ରଖି ମହାକୁମ୍ଭରେ ସିକ୍ରେଟ ପୁଲିସ କର୍ମୀ ସାଧୁଙ୍କ ବେଶରେ ମୁତୟନ ହେଉଛନ୍ତି। ଏହାଯୋଗୁ ସେମାନେ ଉକ୍ତ ଅଞ୍ଚଳରେ ପ୍ରତ୍ୟେକ ଗତିବିଧି ଉପରେ ନଜର ରଖିପାରିବେ। ଏମାନଙ୍କୁ ମେଳାର ଭିଡ଼ ସ୍ଥାନରେ, ଆଖଡ଼ା ଓ ପେଣ୍ଡାଲ ଏବଂ ସଙ୍ଗମ ତଟରେ ମୁତୟନ କରାଯିବ।

### ଟ୍ରମ୍ପଙ୍କ ହୋଟେଲ ବାହାରେ ବିସ୍ଫୋରଣ ମାମଲା

## ବିସ୍ଫୋରଣ ପୂର୍ବରୁ ନିଜକୁ ଗୁଳି କଲେ ଆମେରିକୀୟ ସୈନ୍ୟ




**ୱାଶିଂଟନ, ୩।୧:** ଆମେରିକାର ଲାସ ଭେଗାସରେ ଗତକାଲି ଏକ ସାଇବର ଟ୍ରକରେ ବିସ୍ଫୋରଣ ହୋଇ ଜଣଙ୍କ ଜୀବନହାନୀ ହୋଇଥିଲା। ଟ୍ରମ୍ପ ଇଣ୍ଟରନ୍ୟାସନାଲ ହୋଟେଲ ସମ୍ମୁଖରେ ହୋଇଥିବା ବିସ୍ଫୋରଣ ମାମଲାରେ ଏଫବିଆଇ କରିଛି ବଡ଼ ଖୁଲାସା। ଏଫବିଆଇ ସୂଚନା ଅନୁଯାୟୀ, ଟ୍ରମ୍ପଙ୍କ ହୋଟେଲ ବାହାରେ ବିସ୍ଫୋରଣ କରିଥିବା ବ୍ୟକ୍ତିଜଣକ ଜଣେ ଆମେରିକୀୟ ସୈନିକ ଥିଲେ। ଟ୍ରକ୍ ବିସ୍ଫୋରଣ ପୂର୍ବରୁ ସେ ନିଜ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା କରିଥିବା ଜଣାଯାଇଛି। ସୈନିକ ଜଣକ ଛୁଟିରେ ଥିବା ବେଳେ ଏପରି ଅଭାବନୀୟ କାଣ୍ଡ ଘଟାଇଥିବା ଜଣାଯାଇଛି।

ଗତକାଲି ଭୋର ସମୟରେ ହୋଟେଲର ମୁଖ୍ୟ ପ୍ରବେଶ ପଥରେ ସାଇବର୍ ଟ୍ରକ୍‌ରେ ବିସ୍ଫୋରଣ ହୋଇଥିଲା। ସୈନିକଜଣକ ପ୍ରାୟତଃ ଏକ ବଡ଼ ବିସ୍ଫୋରଣ ଘଟାଇବାକୁ ଚାହୁଁଥିଲେ। ସେଥିନିମନ୍ତେ କିଛି ସମୟ ପୂର୍ବରୁ ସେ ନିଜକୁ ଗୁଳି କରି ଉଡ଼ାଇ ଦେଇଥିଲେ। ତାଙ୍କ ନାମ ଗ୍ରୀନ ବେରେଟ ମୈଥ୍ୟୁ ଲିବଲ୍ସବର୍ଗର ଥିଲା। ସେ ୩୭ ବର୍ଷୀୟ ଆମେରିକୀୟ ସୈନିକ ଥିଲେ। ଏହି ବିସ୍ଫୋରଣ ଯୋଗୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୧୦ ଜଣ ଆହତ ହୋଇଛନ୍ତି। ତେବେ ଏଥିଯୋଗୁ ହୋଟେଲର ବିଶେଷ କ୍ଷତି ହୋଇ ନ ଥିବା ଜଣାଯାଇଛି। ଉକ୍ତ ସାଇବର ଟ୍ରକ୍ ମଧ୍ୟରୁ ନିଶା ଦ୍ରବ୍ୟ, ବିସ୍ଫୋରକ ସାମଗ୍ରୀ, ପାସପୋର୍ଟ, ସୈନିକ ଆଇଡି କାର୍ଡ ଓ ଦୁଇଟି ବନ୍ଧୁକ ଜବତ ହୋଇଛି। ଉକ୍ତ ଦୁଇଟି ବନ୍ଧୁକକୁ ସୈନିକଜଣକ ଆଇନଗତ ପ୍ରକ୍ରିୟାରେ କିଣିଥିବା ଜଣାଯାଇଛି। ତେବେ ସୈନିକଜଣକ ଛୁଟିରେ ଥିବା ବେଳେ କ'ଣ ପାଇଁ ଏପରି ଭୟଙ୍କର କାଣ୍ଡ ଘଟାଇଲେ ତାହା ପଛର ଉଦ୍ଦେଶ୍ୟ ଜଣାପଡ଼ିନି।

# ସିରିଆରେ ସିକ୍ରେଟ ଅପରେସନ କଲା ଇସ୍ରାଏଲ



**ନୂଆଦିଲ୍ଲୀ, ୩।୧:** ଇସ୍ରାଏଲ୍ ସେନା ସିରିଆରେ ଏହାର ଏକ ଗୁପ୍ତ ମିଶନ ବିଷୟରେ ଏକ ବଡ଼ ଖୁଲାସା କରିଛି। ଆଇଡିଏଫ୍ କହିଛି, "ରାଷ୍ଟ୍ରପତି ବଶର ଅଲ-ଅସଦଙ୍କ ଶାସନ କାଳରେ ଇସ୍ରାଏଲର ୧୨୦ କମାଣ୍ଡୋ ସିରିଆରେ ହଇଚଇ ସୃଷ୍ଟି କରିଥିଲେ। ଏଥି ସହିତ ଇରାନର ସାହାଯ୍ୟରେ ସିରିଆର ଭୂତଳ କ୍ଷେପଣାସ୍ତ୍ର କାରଖାନା ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଆଇଡିଏଫ୍ କହିଛି ଯେ ଇସ୍ରାଏଲ୍ ଏହି ଗୁପ୍ତ ମିଶନକୁ ୮ ସେପ୍ଟେମ୍ବର ୨୦୨୪ରେ କରିଥିଲା, କିନ୍ତୁ ବର୍ତ୍ତମାନ ଏହା ସାର୍ବଜନୀନ କରାଯାଇଛି। ଇସ୍ରାଏଲ ଏହି ଗୁପ୍ତ ମିଶନକୁ 'ଅପରେସନ୍ ମେନି ୱେଜ ' ନାମ ଦେଇଥିଲା। ଯାହାକି ମାତ୍ର ୩ଘଣ୍ଟା ମଧ୍ୟରେ ଇସ୍ରାଏଲ୍ ସେନାର ଦୁର୍ଦ୍ଧର୍ଷ ଶାଲଡାଗ୍ ୟୁନିଟ୍ ଦ୍ୱାରା କରାଯାଇଥିଲା। ଇସ୍ରାଏଲ୍ ସେନା କହିଛି ଯେ ଏହି ଇରାନର କ୍ଷେପଣାସ୍ତ୍ର କାରଖାନା ସିରିଆର ମସିଆଫ୍ ଅଞ୍ଚଳରେ ଭୂମିରୁ ୭୦ ରୁ ୧୩୦ ମିଟର ତଳେ ଅନେକ ସ୍ତରରେ ନିର୍ମିତ ହୋଇଥିଲା। ଯେଉଁଠାରେ ମାରାତ୍ମକ କ୍ଷେପଣାସ୍ତ୍ର ପ୍ରସ୍ତୁତ କରାଯାଉଥିଲା ଏବଂ ପରେ ଲେବାନନରେ ହିଜବୁଲ ଏବଂ ବାଶାର ଅଲ-ଅସଦଙ୍କ ସୈନ୍ୟମାନଙ୍କୁ ପଠାଯାଉଥିଲା। ସୂଚନାଯୋଗ୍ୟ ଯେ ଇସ୍ରାଏଲ୍ ସେନା କମାଣ୍ଡୋମାନେ ସିରିଆ ଭିତରେ ୨୦୦ କିଲୋମିଟର ପ୍ରବେଶ କରି ଏହି ଗୁପ୍ତ ମିଶନ କରିଥିଲେ ଏବଂ ସିରିଆର ବାୟୁ ପ୍ରତିରକ୍ଷା ପ୍ରଣାଳୀ ସେମାନଙ୍କୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ଏହି ସମଗ୍ର ମିଶନରେ ଇସ୍ରାଏଲ୍ ସେନାର କୌଣସି କ୍ଷତି ହୋଇ ନାହିଁ। ଇସ୍ରାଏଲ କହିଛି, " ଇରାନର କ୍ଷେପଣାସ୍ତ୍ର ଉତ୍ପାଦନ କାରଖାନା ଆଇଡିଏଫ୍ ଏୟାର ଷ୍ଟ୍ରାଇକରେ ନଷ୍ଟ ହୋଇଯାଇଥିଲା। ଏହା ପରେ, ଇରାନ ୨୦୧୭ରେ ସିରିଆରେ ଏହି କ୍ଷେପଣାସ୍ତ୍ର କାରଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ଯାହା ୨୦୨୧ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା। ଏହି କାରଖାନା ଭୂମିରୁ ୭୦ ରୁ ୧୩୦ ମିଟର ତଳେ ନିର୍ମିତ ହୋଇଥିଲା। ଏଥିରେ ୧୬ଟି କୋଠରି ଥିଲା, ଯେଉଁଥିରେ କ୍ଷେପଣାସ୍ତ୍ର ତିଆରି କରାଯାଇଥିଲା। ପ୍ରତିବର୍ଷ ସେଠାରେ ୧୦୦ ରୁ ୩୦୦ କ୍ଷେପଣାସ୍ତ୍ର ନିର୍ମାଣ କରାଯାଉଥିଲା ଏବଂ ଏହାର ସୀମା ୩୦୦ କିଲୋମିଟର ପର୍ଯ୍ୟନ୍ତ ଥିଲା। " ସିରିଆରେ ଅପରେସନରେ ସମୁଦାୟ ୧୨୦ କମାଣ୍ଡୋ ଜଡିତ ଥିଲେ, ସେଥିମଧ୍ୟରୁ ୧୦୦ ଜଣ ଫୋର୍ସ କମାଣ୍ଡୋ ଏବଂ ୨୦ ଜଣ ମେଡିକାଲ କର୍ମଚାରୀ ୟୁନିଟର ଥିଲେ। କମାଣ୍ଡୋମାନେ ଏକ ସିଏଚ ୫୩ ୟାସୋର ହେଲିକପ୍ଟରରେ ସମୁଦ୍ର ଦେଇ ସିରିଆରେ ପ୍ରବେଶ କରିଥିଲେ। ସେମାନଙ୍କ ସହ ଆପାଚେ ହେଲିକପ୍ଟର, ୨୧ଟି ଯୁଦ୍ଧ ବିମାନ, ୫ଟି ଡ୍ରୋନ୍ ମଧ୍ୟ ନିୟୋଜିତ ହୋଇଥିଲେ। ଆଉ ୩ ଘଣ୍ଟା ମଧ୍ୟରେ ପୁରା ମିଶନ୍ ସମାପ୍ତ କରାଯାଇଥିଲା।

# ଲାଲୁଙ୍କ ଅଫର୍‌କୁ ପ୍ରତ୍ୟାଖାନ କଲେ ନୀତିଶ

**ପାଟନା, ୩।୧:** ସରଗରମ ହେଲାଣି ବିହାର ରାଜନୀତି। ବିହାରର ମୁଖ୍ୟମନ୍ତ୍ରୀ ଏନଡିଏ ଛାଡୁଥିବା ଖବର ଚର୍ଚ୍ଚା ହେବା ପରେ ଜଣଙ୍କ ପରେ ଜଣେ ନେତା ଏନେଇ ବୟାନ ଦେବା ଆରମ୍ଭ କଲେଣି। ଏହାରି ଭିତରେ ଆରଜେଡି ନେତା ଲାଲୁପ୍ରସାଦ ଯାଦବ କୁଆଡ଼େ ନୀତିଶଙ୍କୁ ବଡ଼ ଅଫର ଦେଇଛନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି ଲାଲୁଙ୍କ ଅଫର୍‌କୁ ପ୍ରତ୍ୟାଖାନ କରିଛନ୍ତି ନୀତିଶ। ନୂଆ ବର୍ଷ ଅବସରରେ ଲାଲୁ ଯାଦବ କହିଛନ୍ତି, "ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ପାଇଁ ଆମ ଦ୍ୱାର ସବୁବେଳେ ଖୋଲା। ସେ ଚାହିଁଲେ ଆସିପାରିବେ। ନୀତିଶ କୁମାର ଆମକୁ ଛାଡି ପଳାଇଥିଲେ ମଧ୍ୟ ଆମେ ତାଙ୍କୁ କ୍ଷମା କରିଛୁ।" ତେବେ ଲାଲୁଙ୍କ ଏହି ଅଫରକୁ ପ୍ରତ୍ୟାଖାନ କରିଛନ୍ତି ନୀତିଶ କୁମାର। ସେ ଗଣମାଧ୍ୟମରେ ସ୍ପଷ୍ଟ କରିଛନ୍ତି ଯେ ତାଙ୍କର ଦଳ ବଦଳାଇବାର କୌଣସି ଯୋଜନା ନାହିଁ। ତେବେ ପୂର୍ବରୁ ଦଳ ବଦଳାଇବା ନେଇ ନୀତିଶଙ୍କ ନାଁରେ ରେକର୍ଡ ରହିଛି। ବର୍ଷ ଆରମ୍ଭରୁ ହିଁ ନୀତିଶ ଦଳ ବଦଳାଇ ଦିଅନ୍ତି। ବାରମ୍ବାର ଏମିତି କରିବାର ରେକର୍ଡ ପାଇଁ ଲୋକେ ଦ୍ୱନ୍ଦ୍ୱରେ ରହୁଛନ୍ତି। ତେଣୁ ଲାଲୁ ଯାଦବଙ୍କ ଅଫର ପରେ ନୀତିଶ ଏନଡିଏ ଛାଡୁଥିବା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ସେପଟେ କିଛିଦିନ ହେବ ନୀତିଶ ଗଣମାଧ୍ୟମରୁ ନିଜକୁ ଦୂରେଇ ରଖୁଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନିଧନରେ ଶେଷ ଦର୍ଶନ ଲାଗି ପହଞ୍ଚିଥିଲେ ନୀତିଶ। ଏହି ସମୟରେ ମନମୋହନଙ୍କ ପରିବାର ସହ ଅନେକ କଂଗ୍ରେସ ନେତାଙ୍କୁ ଭେଟିଥିଲେ। କିନ୍ତୁ ଏନଡିଏର ନେତାଙ୍କ ସହ ସେମିତି ନଜରକୁ ଆସିନଥିଲେ।

# ଡେରା ସଚା ସୌଦାର ମୁଖ୍ୟକୁ ସୁପ୍ରିମକୋର୍ଟଙ୍କ ନୋଟିସ



**ଚଣ୍ଡିଗଡ଼, ୩।୧:** ଆତ୍ମଘୋଷିତ ବାବା ତଥା ଡେରା ସଚା ସୌଦାର ମୁଖ୍ୟ ଗୁରମିତ ସିଂହ ଓ ଅନ୍ୟ ୪ ଜଣଙ୍କୁ ସୁପ୍ରିମକୋର୍ଟ ନୋଟିସ କରିଛନ୍ତି। ଡେରା ସଚା ସୌଦାର ପୂର୍ବତନ ମ୍ୟାନେଜର ରଣଜିତ ସିଂହଙ୍କ ହତ୍ୟାକାଣ୍ଡ ଘଟଣାରେ ଏପରି ନୋଟିସ କରାଯାଇଛି। ୨୦୦୨ ମସିହାରେ ରଣଜିତଙ୍କୁ ହତ୍ୟା କରାଯାଇଥିଲା। ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଏହି ହତ୍ୟାକାଣ୍ଡ ଘଟଣାରେ ଗୁରମିତଙ୍କୁ ଦୋଷମୁକ୍ତ କରିଥିଲେ। ହେଲେ ଏହାକୁ ସିବିଆଇ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସୁପ୍ରିମକୋର୍ଟ ଏହାର ଶୁଣାଣି କରି ଆଜି ଗୁରମିତ ଓ ଅନ୍ୟ ୪ ଜଣଙ୍କୁ ନୋଟିସ କରିଛନ୍ତି।

ଦେଶର ସିଜେଆଇ ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଏହି ମାମଲା ଜଷ୍ଟିସ ବେଲା ଏମ ତ୍ରିବେଦୀଙ୍କ ନେତୃତ୍ୱାଧୀନ ବେଞ୍ଚ ଶୁଣାଣି କରୁଛନ୍ତି। ଏବେ ଏହି ଆବେଦନକୁ ମଧ୍ୟ ଜଷ୍ଟିସ ତ୍ରିବେଦୀଙ୍କ ଖଣ୍ଡପୀଠ ନିକଟରେ ଶୁଣାଣି ପାଇଁ ଲିଷ୍ଟିଂ କରାଯିବ। ୨୦୦୨ ମସିହା ଜୁଲାଇ ୧୦ରେ ରଣଜିତ ସିଂହଙ୍କୁ ହରିୟାଣାର କୁରୁକ୍ଷେତ୍ରରେ ଗୁଳି କରି ହତ୍ୟା କରାଯାଇଥିଲା। ସର୍ସାରେ ଥିବା ଗୁରମିତର ଡେରା ମୁଖ୍ୟାଳୟରେ ମହିଳାଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ତଥ୍ୟ ପ୍ରଘଟ ପଛରେ ରଣଜିତ ରହିଥିବା ଅଭିଯୋଗ ହୋଇଥିଲା। ଏହି କାରଣରୁ ତାଙ୍କୁ ଗୁରମିତ ଲୋକ ପଠାଇ ହତ୍ୟା କରିଥିବା କୁହାଯାଉଛି। ପଞ୍ଚକୁଲରେ ଥିବା ସ୍ୱତନ୍ତ୍ର ସିବିଆଇ କୋର୍ଟ ୨୦୨୧ରେ ଗୁରମିତ, ଅବତାର ସିଂହ, କୃଷ୍ଣ ଲାଲ, ଯଶବୀର ସିଂହ ଓ ସାବଦିଲ ସିଂହକୁ ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ କରିଥିଲେ। ସମସ୍ତଙ୍କୁ ଆଜୀବନ ଜେଲଦଣ୍ଡ ସହ ଗୁରମିତ ଉପରେ ୩୧ ଲକ୍ଷ, ସାବଦିଲ ଉପରେ ୧.୫ ଲକ୍ଷ, ଯଶବୀର ଓ କୃଷ୍ଣ ଲାଲ ଉପରେ ୧.୨୫ ଲକ୍ଷ ଓ ଅବତାର ସିଂହ ଉପରେ ୭୫ ହଜାର ଟଙ୍କାର ଜୋରିମାନା ଲାଗୁ କରିଥିଲେ।

୨୦୨୪ ମେ' ମାସରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ସିବିଆଇ କୋର୍ଟ ଦେଇଥିବା ରାୟକୁ ଖାରଜ କରିଦେଇଥିଲେ। ସମସ୍ତ ୫ ଦୋଷୀଙ୍କୁ ଦୋଷମୁକ୍ତ କରିଥିଲେ। ଏହାକୁ ସିବିଆଇ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି।

୨୦୧୭ରେ ଗୁରମିତ ତା'ର ଦୁଇ ଜଣ ମହିଳା ଅନୁଗାମୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। କୋର୍ଟ ତା'କୁ ଦୋଷୀ ସାବ୍ୟସ୍ତ କରିବା ପରେ ପ୍ରବଳ ହିଂସା ଘଟିଥିଲା। ହରିୟାଣା, ପଞ୍ଜାବ ଓ ଦିଲ୍ଲୀର କିଛି ସ୍ଥାନରେ ଗୁରମିତର ସମର୍ଥକମାନେ ପୋଡ଼ାଜଳା କରିଥିଲେ। ଏଥିରେ ୩୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫୦ରୁ ଅଧିକ ଲୋକ ଆହତ ହୋଇଥିଲେ। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଆର୍ମି ଯବାନଙ୍କୁ ଡକା ଯାଇଥିଲା। ଦୁଷ୍କର୍ମ ବ୍ୟତୀତ ସାମ୍ବାଦିକ ରାମ ଚନ୍ଦ୍ର ଛତ୍ରପତିଙ୍କ ହତ୍ୟା ଘଟଣାରେ ମଧ୍ୟ ଗୁରମିତ ଦୋଷୀ ସାବ୍ୟସ୍ତ ହୋଇଛି। ଏଥିପାଇଁ ତା'କୁ ୨୦ ବର୍ଷର ଜେଲଦଣ୍ଡ ମିଳିଛି।

# ଆକାଶରେ ପରସ୍ପର ମଧ୍ୟରେ ଫସିଲା ପାରାସୁଟର

**ବିଶାଖାପଟ୍ଟନମ୍, ୩।୧:** ଭାରତୀୟ ନୌସେନାର ଦୁଇ ଜଣ ଅଧିକାରୀ ଗୁରୁବାର ଅପରେସନାଲ ଡେମୋଷ୍ଟ୍ରେସନର ରିହର୍ସଲ ବେଳେ ଏକ ଦୁର୍ଘଟଣାର ଶିକାର ହୋଇଛନ୍ତି। ସେମାନେ ପାରାସୁଟ୍ ଅବତରଣ ବେଳେ ପରସ୍ପର ମଧ୍ୟରେ ଫସି ଯାଇଥିଲେ, ଯେଉଁଥିରେ ସେ ବିଶାଖାପଟ୍ଟନମ୍‌ର ରାମକୃଷ୍ଣ ବିଚ୍‌ର ପାଣିରେ ଖସି ପଡ଼ି ଥିଲେ। ସୌଭାଗ୍ୟବଶତଃ ଦୁଇ ଅଧିକାରୀ ସୁରକ୍ଷିତ ରକ୍ଷା ପାଇ ଗଲେ। ଦୁର୍ଘଟଣା ଏହି ସମୟରେ ହେଲା, ଯେତେବେଳେ ପୂର୍ବୀୟ ନୌସେନା ଦାୟିତ୍ୱର ଅପରେସନଲ ଡେମୋଷ୍ଟ୍ରେସନର ପ୍ରସ୍ତୁତି ଚାଲୁଥିଲା। ଭିଡ଼ିଓରେ ଦେଖିବାକୁ ମିଳୁଛି କି, ଉଭୟ ଅଧିକାରୀ ପାରାସୁଟ୍ ନେଇ ଆକାଶରେ ଉଡୁ ଥିଲେ। ଏଥିରୁ ଜଣଙ୍କ ପାଖରେ ରାଷ୍ଟ୍ରୀୟ ଧ୍ୱଜ ଥିଲା। କିନ୍ତୁ ଅବତରଣ ବେଳେ ତାଙ୍କର ପାରାସୁଟ୍ ନିଜ ନିଜ ଭିତରେ ଛନ୍ଦି ହୋଇ ଯାଇଥିଲା ଏବଂ ସେ ସମୁଦ୍ରରେ ଖସି ପଡ଼ିଲେ। ନୌସେନାର ଏକ ବୋଟ୍ ପାଖରେ ମୁତୟନ ରହିଥିଲା, ଯେଉଁଥିରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରି ଉଭୟ ଅଧିକାରୀଙ୍କୁ ସୁରକ୍ଷିତ ବାହାର କରାଗଲା। ଘଟଣା ସମୟରେ ରିହର୍ସଲ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ଥିଲେ। ଭାରତୀୟ ନୌସେନାର ଅପରେସନାଲ ଡେମୋନଷ୍ଟ୍ରେସନ କଲ ( ୪ ଜାନୁୟାରୀ) ରେ ବିଶାଖାପଟ୍ଟନମ୍‌ର ରମା କୃଷ୍ଣା ମଧ୍ୟରେ ଆୟୋଜିତ କରାଯିବ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ହେବେ, ଆୟୋଜନ ପୂର୍ବୀୟ ନୌସେନା କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ-ଚିଫ୍ ଭାଇସ୍ ଆଡମିରଲ ରାଜେଶ ପେଣ୍ଡରକର କରିବେ। ଏହି ଡେମୋନଷ୍ଟ୍ରେସନରେ ନୌସେନାର ଅତ୍ୟାଧୁନିକ କ୍ଷମତାଗୁଡ଼ିକୁ ପ୍ରଦର୍ଶିତ କରାଯିବ। ଏଥିରେ ଯୁଦ୍ଧ ଜାହାଜ , ବୁଡାଜାହାଜ,ବିମାନ , ନୌସେନାର ବ୍ୟାଣ୍ଡ ଓ ମରିନ କମାଣ୍ଡୋ (ମାର୍କୋସ)ଦ୍ୱାରା ଆକର୍ଷକ ପ୍ରଦର୍ଶନ ସାମିଲ ହେବ। ଏହି ଆୟୋଜନ ଆନ୍ଧ୍ର ପ୍ରଦେଶର ଲୋକ ଓ ଭାରତୀୟ ନୌସେନା ମଧ୍ୟରେ ମଜବୁତ ସମ୍ବନ୍ଧକୁ ଦର୍ଶାଇ ଥାଏ। ନୌସେନା ଏକ ଅଫିସିଆଲି ବୟାନରେ କହିଛି କି, ଏହା ଦେଶର ସାମୁଦ୍ରିକ ହିତର ରକ୍ଷା ପାଇଁ ନୌସେନାର ପ୍ରସ୍ତୁତି ଓ ପ୍ରତିବଦ୍ଧତାର ପରିଚାୟକ ଅଟେ।

**ଖସିପଡ଼ିଲେ ନୌସେନାର ଦୁଇ ଅଧିକାରୀ,**

# 'ଆପ୍'କୁ 'ଆପଦା' କହିଲେ ମୋଦୀ

**ନୂଆଦିଲ୍ଲୀ, ୩।୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର (ଜାନୁଅରି ୩) ଦିଲ୍ଲୀର ଅଶୋକ ବିହାରର ରାମଲୀଳା ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ୍ ହୋଇଛନ୍ତି। ସେଠାରେ ସେ ଅନେକ ସରକାରୀ ଯୋଜନାର ଆରମ୍ଭ ବିଷୟରେ ଆଲୋଚନା କରିବା ସହିତ ଜେଲର ୱାଲା ବାଗ୍ ବସ୍ତିର ମହିଳାଙ୍କୁ ଫ୍ଲାଟ୍‌ର ଚାବି ସମର୍ପିଛନ୍ତି। ସେଠାରେ ୧୬୭୫ଟି ଫ୍ଲାଟ୍ ନିର୍ମାଣ କରାଯାଇଛି। ପୂର୍ବରୁ ସେହି ସ୍ଥାନରେ ଝୁମ୍ପୁଡି ଘର ଥିବା ବେଳେ ମୋଦୀ ସେଠାରେ ଏବେ ଫ୍ଲାଟ୍ ନିର୍ମାଣ କରି ମହିଳାମାନଙ୍କୁ ପ୍ରଦାନ କରିଛନ୍ତି। ଏହି ଫ୍ଲାଟ୍‌ର ନାମ ଦିଆଯାଇଛି 'ସ୍ୱାଭିମାନ ଆପାର୍ଟମେଣ୍ଟ୍'। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନର ନବୀକରଣ ପ୍ରସଂଗରେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍‌ଙ୍କୁ ଟାର୍ଗେଟ କରି କହିଛନ୍ତି କି 'ମୁଁ ୪ କୋଟି ଲୋକଙ୍କୁ ଘର ଯୋଗାଇ ଦେଇଛି ; ଶୀଶମହଲ ନିର୍ମାଣ କରିନାହିଁ।' ଦୁର୍ନୀତି ଏବଂ ସହରର ଭିତ୍ତିଭୂମି ପ୍ରତି ଅବହେଳା କରୁଥିବା ଅଭିଯୋଗ କରି ପ୍ରଧାନମନ୍ତ୍ରୀ ଶାସକ ଦଳ ଆପ୍‌କୁ 'ଆପଦା' ବା ବିପର୍ଯ୍ୟାୟ ବୋଲି ସମ୍ବୋଧନ କରିଛନ୍ତି।

# କୁହୁଡ଼ି ହେତୁ ଦିଲ୍ଲୀରେ ୬୦ ବିମାନ ଏବଂ ୨୪ଟି ଟ୍ରେନ୍ ବିଳମ୍ବିତ

**ନୂଆଦିଲ୍ଲୀ, ୩।୧:** ଶୁକ୍ରବାର ସକାଳେ ଦିଲ୍ଲୀ ଏବଂ ଏହାର ପଡୋଶୀ ଅଞ୍ଚଳ ସମେତ ଉତ୍ତର ଭାରତର ଅନେକ ଅଞ୍ଚଳରେ ଅତ୍ୟଧିକ ଥଣ୍ଡା ସହ କୁହୁଡ଼ି ହେତୁ ଦୃଶ୍ୟମାନ୍ୟତା ହ୍ରାସ ପାଇଛି। ଯାହାଫଳରେ ଅନେକ ଟ୍ରେନ୍ ଏବଂ ବିମାନ ସେବା ପ୍ରଭାବିତ ହୋଇଛି। ଫ୍ଲାଇଟ୍ ମନିଟରିଂ ୱେବସାଇଟ୍ ଫ୍ଲାଇଟ୍ ଟ୍ରେଡର୍ ଅନୁଯାୟୀ, ଅତିକମରେ ୬୦ଟି ବିମାନ ଉଡ଼ାଣରେ ବିଳମ୍ବ ହୋଇଛି ଏବଂ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ୬ଟି ବିମାନକୁ ବାତିଲ କରାଯାଇଛି। ୧୯୩ ଟି ବିମାନର ଆଗମନ ବିଳମ୍ବ ହୋଇଥିବା ବେଳେ ଚାରିଟି ବାତିଲ କରାଯାଇଛି।

ସେହିପରି କୋଲକାତା ବିମାନବନ୍ଦରରେ ୧୭ ଟି ବିମାନ ଉଡ଼ାଣ ବିଳମ୍ବ ହୋଇଥିଲା, ଗୋଟିଏ ବାତିଲ ହୋଇଥିଲା ଏବଂ ବିମାନ ବନ୍ଦରରେ ପହଞ୍ଚିବାକୁ ଥିବା ୩୬ଟି ବିମାନ ମଧ୍ୟ ବିଳମ୍ବ ହୋଇଥିବା ସୂଚନା ରହିଛି। ଶୁକ୍ରବାର ସକାଳେ ଦିଲ୍ଲୀ ବିମାନବନ୍ଦରରେ ରନୱେ ଦୃଶ୍ୟମାନତା ଶୂନ ଥିଲା ଏବଂ ବିମାନ ଚଳାଚଳ କାର୍ଯ୍ୟରେ ବାଧା ସୃଷ୍ଟି ହେବ ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ ପୂର୍ବରୁ ଚେତାବନୀ ଦେଇଛନ୍ତି। କୁପୱାରା, ଅମୃତସର, ଚଣ୍ଡିଗଡ଼, ବାରଣାସୀ, ଆଗ୍ରା, ଏବଂ ଗ୍ୱାଲିଅର୍ ସମେତ ଅନ୍ୟାନ୍ୟ ବିମାନବନ୍ଦର ମଧ୍ୟ ଶୂନ୍ୟ ଦୃଶ୍ୟମାନତା ଦେଖିବାକୁ ମିଳିଛି। କୁହୁଡ଼ି ପରିସ୍ଥିତି ଯୋଗୁଁ ଅନେକ ଦୂରଗାମୀ ସେବା ସମେତ ଅତି କମରେ ୨୪ଟି ଟ୍ରେନ୍ ବିଳମ୍ବରେ ଚାଲୁଛି ବୋଲି ରେଳବାଇ କହିଛି। ଏହି ଟ୍ରେନଗୁଡ଼ିକ ମଧ୍ୟରୁ କେତେକ ୪.୫ ଘଣ୍ଟା ପର୍ଯ୍ୟନ୍ତ ବିଳମ୍ବରେ ଚାଲୁଛି।



ସିଡନୀ ଟେଷ୍ଟ ପ୍ରଥମ ଇନିଂସ

# ଭାରତ ୧୮୫ରନରେ ଅଲଆଉଟ୍







**ନୂଆଦିଲ୍ଲୀ,୩।୧:** ତ୍ରୁଟି ସୁଧାରିଲା ନା ପ୍ରଦର୍ଶନରେ ପରିବର୍ତ୍ତନ ଆଣିଲା। ଆଡିଲେଡ, ମେଲବର୍ଣ୍ଣ ଟେଷ୍ଟ ପରି ସିଡନୀରେ ମଧ୍ୟ ଟିମ୍ ଇଣ୍ଡିଆର ଫ୍ଲପ ଶୋ ଦେଖିବାକୁ ମିଳିଛି। ବର୍ଡର-ଗାଭାସ୍କର ଟ୍ରଫିର ଶେଷ ଟେଷ୍ଟ ସିଡନୀରେ ଆରମ୍ଭ ହୋଇଛି। ପ୍ରଥମ ଇନିଂସରେ ଟିମ୍ ଇଣ୍ଡିଆ ଭଲ ଆରମ୍ଭ କରିନାହିଁ। ଅଷ୍ଟ୍ରେଲିଆ ବୋଲରଙ୍କ ଆଗରେ ପ୍ରଥମ ଇନିଂସରେ ଗୋଟିଏ ଦିନ ବି ତିଷ୍ଠି ପାରିଲାନାହିଁ ଟିମ୍ ଇଣ୍ଡିଆ। ୨୦୦ ଛୁଇଁ ପାରିଲାନି ଦଳୀୟ ସ୍କୋର। ପ୍ରଥମ ଇନିଂସରେ ୧୮୫ରନରେ ଅଟିକି ଯାଇଛି ଭାରତର ରନ ଗାଡି। ପ୍ରଥମ ଦିନ କଙ୍ଗାରୁ ଦଳ ନାମରେ ରହିଛି। ଅଷ୍ଟ୍ରେଲିଆ ଗୋଟିଏ ୱିକେଟ ହରାଇ ୯ ରନ କରିଛି। ୧୭୬ରନ ଟ୍ରାଏଲ କରୁଛି ଅଷ୍ଟ୍ରେଲିଆ। ସିଡନୀ ଟେଷ୍ଟରୁ ବାଦ୍ ପଡିଛନ୍ତି ରୋହିତ ଶର୍ମା। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଭାରତ। ଯଶପ୍ରୀତ ବୁମରାଙ୍କ ଅଧିନାୟକତ୍ୱରେ ପ୍ରଥମ ଇନିଂସ ପାଳି ଆରମ୍ଭ କରିଥିଲା ଟିମ୍ ଇଣ୍ଡିଆ। ଯଶସ୍ୱୀ ଜୈସ୍ୱାଲ ଓ କେଏଲ ରାହୁଲ ଓପନିଂ କରିଥିଲେ। ଏହି ଯୋଡିକୁ ସଅଳ ଭାଙ୍ଗି ଦେଇଥିଲେ ମିଚେଲ ଷ୍ଟାର୍କ। ମାତ୍ର ୪ ରନ କରି ପାଭିଲିୟନ ଫେରିଥିଲେ କେଏଲ ରାହୁଲ। ପରେ ପରେ ଜୈସ୍ୱାଲ ୧୦ ରନ କରି ବୋଲାଣ୍ଡଙ୍କ ବଲରେ ଆଉଟ ହୋଇଥିଲେ। ଦଳୀୟ ସ୍କୋର ୫୭ରେ ଶୁଭମନଙ୍କୁ ଶିକାର କରିଥିଲେ ନାଥନ ଲାଏନ। ବ୍ରେକ ପରେ ମାତ୍ର ୧୭ ରନ କରି ବୋଲଣ୍ଡଙ୍କ ବଲରେ ଆଉଟ ହୋଇଥିଲେ ବିରାଟ କୋହଲି। ଋଷଭ ପନ୍ତ କିଛି ସମୟ ସ୍ଥିତି ସମ୍ଭାଳି ଖେଳିଥିଲେ। ମାତ୍ର ଦଳୀୟ ସ୍କୋର ୧୨୦ରେ ୪୦ ରନ କରି ବୋଲାଣ୍ଡଙ୍କ ବଲରେ ଆଉଟ ହୋଇଥିଲେ ପନ୍ତ। ପରେ ନୀତିଶ କୁମାର ରେଡ୍ଡୀ ଖାତା ଖୋଲି ନପାରି ବୋଲାଣ୍ଡଙ୍କ ବଲରେ ସଅଳ ପାଭିଲିୟନ ଫେରିଥିଲେ।

୬୨ତମ ଓଭରରେ ୨୬ ରନ କରି ଆଉଟ ହୋଇଥିଲେ ରବିନ୍ଦ୍ର ଜାଡେଜା। ଏହାପରେ ୧୪ ରନ କରି କମିନ୍ସଙ୍କ ଶିକାର ହୋଇଥିଲେ ୱାଶିଂଟନ ସୁନ୍ଦର। ୬୮ତମ ଓଭରରେ ୪ ରନ କରି ମିଚେଲ ଷ୍ଟାର୍କଙ୍କ ବଲରେ ଆଉଟ ହୋଇଥିଲେ ପ୍ରସିଦ୍ଧ କ୍ରିଷ୍ଣା। ଏହାପରେ ୨୨ ରନ କରି କମିନ୍ସଙ୍କ ବଲରେ ଆଉଟ ହୋଇଥିରେ ବୁମରା। କୋହଲି, କେଏଲ ରାହୁଲ ସମସ୍ତେ ନିରାଶ କରିଥଲେ। ଅଷ୍ଟ୍ରେଲିଆ ପକ୍ଷରୁ ବୋଲାଣ୍ଡ ସର୍ବାଧିକ ୪ଟି ୱିକେଟ ଅକ୍ତିଆର କରିଛନ୍ତି। ସିଡନୀ ଟେଷ୍ଟର ପ୍ରଥମ ଇନିଂସରେ ବ୍ୟାଟ୍ସମ୍ୟାନଙ୍କ ବିଫଳତା ପରେ ଏବେ ବୋଲର ଭରସା। କଙ୍ଗାରୁ ଦଳରୁ ବଡ ସ୍କୋରରୁ ଅଟକାଇବାକୁ ହେଲେ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କୁ କିଛି ଚମତ୍କାର କରିବାକୁ ହେବ।

ସିଡନୀ ଟେଷ୍ଟର ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ମାତ୍ର ଗୋଟିଏ ୱିକେଟ୍ ହରାଇଛି। ପ୍ରଥମ ଦିନର ଖେଳ ଶେଷ ହେବା ଯାଏଁ ଟିମ୍ ଇଣ୍ଡିଆ ୧୮୫ ରନ୍ ସ୍କୋରରେ ଆଉଟ୍ ହୋଇଯାଇଥିଲା। ଏହାର ଜବାବରେ ଅଷ୍ଟ୍ରେଲିଆ ୯ ରନ ସ୍କୋରରେ ଗୋଟିଏ ୱିକେଟ୍ ହରାଇଛି। ଶେଷ ଓଭରରେ ଜସପ୍ରୀତ ବୁମ୍ରା ଅଷ୍ଟ୍ରେଲିଆକୁ ଝଟକା ଦେଇଛନ୍ତି। ଏହି ୱିକେଟ୍ ପରେ ପ୍ରଥମେ ବୁମରା ଏବଂ ପରେ ବିରାଟ କୋହଲିଙ୍କ ଆକ୍ରମଣାତ୍ମକ ଶୈଳୀ ଦେଖିବାକୁ ମିଳିଥିଲା। ଏହି ସମୟରେ ସାମ କନଷ୍ଟାସଙ୍କ ରିଆକ୍ସନ୍ ମଧ୍ୟ ନଜର ଆସିଥିଲା। ବାସ୍ତବରେ ଉସମାନ ଖ୍ୱାଜା ଏବଂ କନଷ୍ଟାସ ଅଷ୍ଟ୍ରେଲିଆ ପାଇଁ ଓପନିଙ୍ଗ କରିଥିଲେ। ଏହି ସମୟରେ ଖ୍ୱାଜା ମାତ୍ର ୨ରନ୍ ସ୍କୋର କରିବା ପରେ ଆଉଟ୍ ହୋଇଥିଲେ। ବୁମରା ଦିନର ଶେଷ ଓଭରରେ ଖ୍ୱାଜାଙ୍କୁ ପ୍ୟାଭିଲିୟନ୍ ପଠାଇଥିଲେ। ଖ୍ୱାଜା କେ.ଏଲ୍ ରାହୁଲଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ। ଏହି ୱିକେଟ୍ ପୂର୍ବରୁ ବୁମରା ଏବଂ କନଷ୍ଟାସ ଆକ୍ରମଣାତ୍ମକ ଆଲୋଚନା କରିଥିଲେ।

ମାମଲା ଅଧିକ ଗରମ ହେବାରୁ ଅମ୍ପାୟାର ମଧ୍ୟ ସେଠାରେ ପହଞ୍ଚିଥିଲେ। ଖ୍ୱାଜାଙ୍କୁ ଆଉଟ୍ ପରେ କୋହଲି ଜୋସରେ ନଜର ଆସିଥିଲେ। ସେ ଦୌଡି ଯାଇ କନଷ୍ଟାସ ଆଡକୁ ଯାଇଥିଲେ। ଏହି ସମୟ ମଧ୍ୟରେ ସେ ବହୁତ ଆକ୍ରମଣାତ୍ମକ ହୋଇ ଉତ୍ସବ ପାଳୁଥିଲେ। କୋହଲିଙ୍କ ଭିଡିଓ ସୋସିଆଲ ମିଡିଆରେ ମଧ୍ୟ ସେୟାର କରାଯାଇଛି।

ବାସ୍ତବରେ ବୁମ୍ରା ଅଷ୍ଟ୍ରେଲୀୟ ପାଳିର ତୃତୀୟ ଓଭର ବୋଲିଂ କରିଥିଲେ। ଏହା ଦିନର ଶେଷ ଓଭର ଥିଲା। ଏହି ଓଭରର ପଞ୍ଚମ ବଲ ପରେ ବୁମରା ଏବଂ କନଷ୍ଟାସଙ୍କ ମଧ୍ୟରେ ମାମଲା ଗରମ ହୋଇଯାଇଥିଲା। ତେବେ ଓଭରର ଆଗାମୀ ବଲ୍‌ରେ ହିଁ ଖ୍ୱାଜାଙ୍କୁ ଆଉଟ୍ କରିଥିଲେ ବୁମରା।

# ସିଡନୀ ଟେଷ୍ଟରୁ ରୋହିତ ବାଦ୍

## ଅସମୟରେ ସରିଗଲା ଟେଷ୍ଟ କ୍ୟାରିୟର !



**ନୂଆଦିଲ୍ଲୀ,୩।୧:** ଚର୍ଚ୍ଚା, ଆଲୋଚନା ଆକଳନ ସବୁ ସତ ହେଲା। ଖେଳ ମଝିରୁ ପ୍ଲେଇଙ୍ଗ ଇଲେଭେନରୁ ବାଦ ପଡିଛନ୍ତି ରୋହିତ ଶର୍ମା। ବର୍ଡର-ଗାଭାସ୍କର ଟ୍ରଫିର ଅନ୍ତିମ ଟେଷ୍ଟ ସିଡନୀରେ ଖେଳାଯାଉଛି। ଏଥିରୁ ବାଦ ପଡିଛନ୍ତି ରୋହିତ। ତାଙ୍କ ସ୍ଥାନରେ ଯଶପ୍ରୀତ ବୁମରା ଦଳର କମାଣ୍ଡ ସମ୍ଭାଳିଛନ୍ତି। ବିଶ୍ୱକପ ଜିତିବାର ୬ମାସ ପରେ ଦଳରୁ ଆଉଟ ହୋଇଛନ୍ତି ହିଟମ୍ୟାନ୍। ଅଷ୍ଟ୍ରେଲିଆ ବିପକ୍ଷ ୩ଟି ଟେଷ୍ଟରେ ୫ଟି ପାଳି ଖେଳି ସେ ମାତ୍ର ୩୮ ରନ କରିଛନ୍ତି। ଦୁର୍ବଳ ଫର୍ମ ପାଇଁ ଅସମୟରେ ରୋହିତଙ୍କ ଟେଷ୍ଟ କ୍ୟାରିୟର ଶେଷ ହୋଇଥିବା ଚର୍ଚ୍ଚା ହେଉଛି। ୧୧ ବର୍ଷ ପରେ ଭାରତକୁ ଆଇସିସି ଟ୍ରଫି ଭେଟି ଦେଇଥିବା ରୋହିତ। ୨୦୨୪ ଟି ୨୦ ବିଶ୍ୱକପ ବିଜୟୀ ହୋଇଥିଲା ଭାରତ।

୨୦ ବର୍ଷ ତଳର ଇତିହାସ ରିପିଟ- ୨୦୦୫ ମସିହା କଥା। ସୌରଭ ଗାଙ୍ଗୁଲି ଦଳର ଅଧିନାୟକ ଥିଲେ। ଗ୍ରେଗ୍ ଚାପେଲ ଦଳର ହେଡ୍ କୋଚ ଥିଲେ। ସେ ସମୟରେ ଯାହା ଘଟିଥିଲା ତାହା ସମସ୍ତଙ୍କୁ ଚକିତ କରିଥିଲା। କେବଳ ଅଧିନାୟତ୍ୱ ପଦ ଚାଲିଯାଇନଥିଲା ବରଂ ଜାତୀୟ ଦଳରୁ ସ୍ଥାନ ହରାଇଥିଲେ ସୌରଭ ଗାଙ୍ଗୁଲି। କୋଚ୍ ଗ୍ରେଗ୍ ଚାପେଲ ଜିମ୍ବାୱେ ବିପକ୍ଷ ଏକ ମ୍ୟାଚ ପୂର୍ବରୁ ଅଚାନକ ଗାଙ୍ଗୁଲିଙ୍କୁ ଅଧିନାୟକ ପଦ ଛାଡିବାକୁ କହିଥିଲେ। ଖାଲି ସେତିକି ନୁହେଁ ଭାରତୀୟ କ୍ରିକେଟ ଟିମର ଜାତୀୟ ଦଳ ସ୍କ୍ୱାର୍ଡରୁ ବାଦ ପଡିଥିଲେ ସୌରଭ ଗାଙ୍ଗୁଲି। ୨୦୨୫ ମସିହାର ପ୍ରଥମ ଟେଷ୍ଟ ମ୍ୟାଚ ଖେଳୁଛି ଟିମ୍ ଇଣ୍ଡିଆ। ବର୍ଡର-ଗାଭାସ୍କର ଟ୍ରଫି ସିରିଜର ଅନ୍ତିମ ଟେଷ୍ଟ ସିଡନୀରେ ଖେଳାଯାଉଛି। ଏଥିରେ ୨୦ ବର୍ଷ ପୁରୁଣା ଘଟଣା ଘଟିଛି। ଦଳରୁ ବାଦ୍ ରହିଛନ୍ତି ରୋହିତ ଶର୍ମା। ୨୦୧୪ ପରେ ଇଣ୍ଟରନ୍ୟାସନାଲ କ୍ରିକେଟରେ ଏପରି ପ୍ରଥମ ଥର ହୋଇଛି। କୌଣସି ଅଧିନାୟକଙ୍କୁ ସିରିଜ ମଝିରେ ଦଳରୁ ବାଦ ଦିଆଯାଇଛି। ୧୯୭୪ରେ ଇଂଲଣ୍ଡର ମାଇକ ଡେନେସ ମ୍ୟାଚ ନଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଚଳିତ ବର୍ଷ ରୋହିତ ମୋଟ ୬ଟି ଟେଷ୍ଟ ଖେଳି ମାତ୍ର ୩୧ ରନ କରିଛନ୍ତି। ଦୁର୍ବଳ ଫର୍ମକୁ ନେଇ ସିଡନୀ ଟେଷ୍ଟରୁ ତାଙ୍କୁ ବାଦ ଦିଆଯାଇଛି। ହିଟମ୍ୟାନଙ୍କ ଫର୍ମକୁ ନେଇ କୋଚ୍ ଗମ୍ଭୀର ଖପ୍ପା ହୋଇଥିବା ଚର୍ଚ୍ଚା ହେଉଥିଲା । ରୋହିତଙ୍କ ଅଧିନାୟକତ୍ୱରେ ଭାରତ ୨୦୨୪ ଟି-୨୦ ବିଶ୍ୱକପ ଜିତିଥିଲା। ମାତ୍ର ଏହା ପରେ ସେ ଫର୍ମ ହରାଇଥିଲେ। ସିଡନୀ ଟେଷ୍ଟରେ ରୋହିତଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଇଛନ୍ତି ଯଶପ୍ରୀତ ବୁମରା। ବିଦ୍ଧିବଧ ଭାବେ ଘୋଷଣା କରିନଥିଲେ ସୁଦ୍ଧା ରୋହିତଙ୍କର ଏହା ଶେଷ ଟେଷ୍ଟ ହୋଇପାରେ। ୨୦୨୩/୨୫ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଚକ୍ର ସହ ରୋହିତଙ୍କ ଟେଷ୍ଟ କ୍ୟାରିୟର ଶେଷ ହେବ ବୋଲି ୨ବର୍ଷ ତଳୁ ଅନୁମାନ କରାଯାଉଥିଲା। କାରଣ ଚଳିତ ସଂସ୍କରଣ ଶେଷ ହେବା ବେଳକୁ ରୋହିତ ୩୮ ବର୍ଷରେ ପହଞ୍ଚି ସାରିଥିବେ। ଟେଷ୍ଟ ଚାଲିଥିବାବେଳେ ମଝିରେ ରୋହିତଙ୍କ ଭଳି ଜଣେ ସିନିୟର ଖେଳାଳି ବିଦା ହେବା ଦୁଃଖର ବିଷୟ। ୬ମାସ ତଳେ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଜିତାଇଥିବା ଜଣେ ଅଧିନାୟକଙ୍କ ଠାରୁ ସିରିଜ ଅଧାରୁ ନେତୃତ୍ୱ ଛଡ଼ାଇ ନେବା ଓ ଦଳରୁ ବାଦ ଦେବା ଅସମ୍ମାନ କହିଲେ ଭୁଲ ହେବ ନାହିଁ। ରୋହିତ ମୋଟ ୬ଟି ଟେଷ୍ଟ ଖେଳି ମାତ୍ର ୩୧ ରନ କରିଛନ୍ତି। ଦୁର୍ବଳ ଫର୍ମକୁ ନେଇ ସିଡନୀ ଟେଷ୍ଟରୁ ତାଙ୍କୁ ବାଦ ଦିଆଯାଇଛି। ହିଟମ୍ୟାନଙ୍କ ଫର୍ମକୁ ନେଇ କୋଚ୍ ଗମ୍ଭୀର ଖପ୍ପା ହୋଇଥିବା ଅନୁମାନ କରାଯାଉଛି। ରୋହିତଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଇଛନ୍ତି ଯଶପ୍ରୀତ ବୁମରା। ୨୦୧୯ ପରଠୁ ରୋହିତ ଟେଷ୍ଟ କ୍ରିକେଟ୍‌ରେ ଭାରତ ପକ୍ଷରୁ ସର୍ବାଧିକ ୨୭୧୬ ରନ୍ ସଂଗ୍ରହ କରିଛନ୍ତି। ଏହି ୫ବର୍ଷ ମଧ୍ୟରେ ସର୍ବାଧିକ ୯ଟି ଶତକ ମଧ୍ୟ ରୋହିତଙ୍କ ନାମରେ ରହିଛି। ବିଦ୍ଧିବଦ୍ଧ ଭାବେ ଘୋଷଣା ହୋଇନଥିଲେ ସୁଦ୍ଧା ରୋହିତଙ୍କର ଏହା ଶେଷ ଟେଷ୍ଟ ମ୍ୟାଚ ବୋଲି ଚର୍ଚ୍ଚା ହେଉଛି।

# ମନ ଜିଣିଲେ ସୁନ୍ଦରଗଡ଼ ତାରକା ସୁଦୀପ ଚିର୍‌ମାକୋ



**ରାଉରକେଲା, ୩।୧:** ଗୁରୁବାର ହକି ଇଣ୍ଡିଆ ଲିଗ୍‌ର ସପ୍ତମ ମ୍ୟାଚ୍ ଖେଳାଯାଇଥିଲା। ଭାରତୀୟ ହକି ଦଳର ଅଧିନାୟକ ହର୍ମନପ୍ରୀତ ସିଂହଙ୍କ ନେତୃତ୍ୱାଧୀନ ତାରକାଖଚିତ ସୁର୍‌ମା ହକି କ୍ଲବ ଓ ୟୁପି ରୁଦ୍ରାସ୍ ମଧ୍ୟରେ ଖେଳାଯାଇଥିଲା। ତେବେ ଆଜି ମଧ୍ୟ ଷ୍ଟାଡିୟମରେ ଦର୍ଶକଙ୍କ ସଂଖ୍ୟା ଢ଼େର୍ କମ ଥିଲା। ପାଖାପାଖି ୪/୫ ହଜାର ଦର୍ଶକ ଆଜିର ମ୍ୟାଚ୍‌କୁ ଉପଭୋଗ କରିଥିଲେ।

ପୂର୍ବ ମ୍ୟାଚ୍‌ଭଳି ଆଜି ମଧ୍ୟ ପଡ଼ିଆକୁ ଓହ୍ଲାଇଥିଲେ ୫ ଓଡ଼ିଆ ତାରକା। ୟୁପି ପକ୍ଷରୁ ଉଦୀୟମାନ ତାରକା ସୁଦୀପ ଚିରମାକୋ, ପ୍ରଶାନ୍ତ ବାର୍ଲା ଓ ସୁନୀଳ ଯୋଯୋ ମ୍ୟାଚ୍ ଖେଳିଥିବାବେଳେ ସୁର୍‌ମା ପକ୍ଷରୁ ସୁନୀତ ଲାକ୍ରା ଓ ପ୍ରଦୀପ ମଣ୍ଡଳ ନିଜର ଜଲ୍‌ୱା ଦେଖାଇଥିଲେ। ଉଲ୍ଲେଖଯୋଗ୍ୟ ଆସାମ ଜନ୍ମିତ ପ୍ରଦୀପ ଓଡ଼ିଶାର ପ୍ରତିନିଧିତ୍ୱ କରୁଛନ୍ତି। ଏହି ୫ ଓଡ଼ିଆ ଖେଳାଳି ବ୍ୟକ୍ତିଗତଭାବେ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ତେବେ ୟୁପି ରୁଦ୍ରାସ୍‌ର ସୁଦୀପ ଆଜିର ତାରକା ଖେଳାଳି ପାଲଟିଥିଲେ। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ଏକ ଆକର୍ଷଣୀୟ ଫିଲ୍‌ଡ ଗୋଲ୍ ଦେଇଥିଲେ। ୟୁପି ଖେଳିଥିବା ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ମଧ୍ୟ ସୁଦୀପ ଗୋଟିଏ ଗୋଲ୍ ଦେଇଥିଲେ। ଲଗାତାର ଦୁଇଟି ମ୍ୟାଚ୍‌ରେ ଦୁଇଟି ଗୋଲ୍‌ଦେଇ ସୁଦୀପ ପ୍ରତିଯୋଗିତାର ଆରମ୍ଭରୁ ସ୍ୱତନ୍ତ୍ର ଛାପ ଛାଡ଼ିବାରେ ସଫଳ ହୋଇଛନ୍ତି।

# ୧୭ କୋଟିର ମାଲିକ ସର୍ବକନିଷ୍ଠ ବିଶ୍ୱ ଚେସ୍ ବିଜେତା ଗୁକେଶ



**ନୂଆଦିଲ୍ଲୀ:** ଭାରତୀୟ ଯୁବ ଗ୍ରାଣ୍ଡମାଷ୍ଟର୍ ଡି ଗୁକେଶ ଭାରତୀୟ ଚେସ୍ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଥିଲେ। ସିଙ୍ଗାପୁରରେ ଖେଳାଯାଇଥିବା ବିଶ୍ୱ ଚେସ୍ ପ୍ରତିଯୋଗିତା ଟ୍ରଫି ହାସଲ କରି ସର୍ବକନିଷ୍ଠ ବିଶ୍ୱବିଜେତା ହେବାର ଗୌରବ ଅର୍ଜନ କରିଥିଲେ। ସମସ୍ତଙ୍କୁ ବିସ୍ମିତ କରି ଏହି ୧୮ ବର୍ଷୀୟ ବାଳକ ଗତ ଥର ବିଜେତା ଚୀନ୍‌ର ଡିଙ୍ଗ୍ ଲିରେନ୍‌ଙ୍କୁ ମାତ୍ ଦେଇଥିଲେ। ତାଙ୍କର ଏତେ ବଡ଼ ସଫଳତା ପରେ ଏବେ ତାଙ୍କ ମୋଟ ସମ୍ପତ୍ତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସର୍ବକନିଷ୍ଠ ବିଶ୍ୱବିଜେତା ହେବା ପୂର୍ବରୁ କେତେ ଥିଲା ଏବଂ ପରେ ତାଙ୍କର ସମ୍ପତ୍ତି କେତେ ବଢ଼ିଛି ତାହା ସାମ୍ନାକୁ ଆସିଛି।

ଜାତୀୟ ଗଣମାଧ୍ୟମ ମୁତାବକ, ଗୁକେଶ ପୁରସ୍କାର ରାଶି ସ୍ୱରୂପ ୧୧.୪୫ କୋଟି ଟଙ୍କା ଜିତିଥିଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଡିଙ୍ଗ ଲିରେନଙ୍କୁ ୯.୭୫ କୋଟି ଟଙ୍କା ମିଳିଥିଲା। ମ୍ୟାଚ୍ ନିୟମ ଅନୁଯାୟୀ, ପ୍ରତ୍ୟେକ ଖେଳ ବିଜୟ ପାଇଁ ଜିତିଥିବା ଖେଳାଳିକୁ ୧.୬୯ କୋଟି ଟଙ୍କା ପ୍ରଦାନ କରାଯାଏ। ଗୁକେଶ ତିନୋଟି ମ୍ୟାଚ୍ (ତୃତୀୟ, ୧୧ତମ ଏବଂ ୧୪ତମ) ପର୍ଯ୍ୟାୟ ଜିତିଥିଲେ। ଏହାର ଅର୍ଥ ସେ ମାତ୍ର ୧୭ ଦିନରେ ପୁରସ୍କାର ରାଶିକୁ ମିଶାଇ ମୋଟ ୧୭ କୋଟି ଟଙ୍କା ଜିତିଥିଲେ। ଐତିହାସିକ ବିଜୟ ପୂର୍ବରୁ, ଗୁକେଶଙ୍କ ଆନୁମାନିକ ସମ୍ପତ୍ତି ୮.୨୬ କୋଟି ଟଙ୍କା ଥିଲା। ଏଥିରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସେ ଅର୍ଜନ କରିଥିବା ଟଙ୍କା ମଧ୍ୟ ଅନ୍ତର୍ଭୁକ୍ତ। ବିଜ୍ଞାପନରୁ ମିଳୁଥିବା ପାରିଶ୍ରମିକ ମଧ୍ୟ ଏଥିରେ ରହିଛି। ଏବେ ବିଶ୍ୱ ଚେସ୍ ବିଜେତା ହେବା ପରେ ପୁରସ୍କାର ରାଶି ଏବଂ ମିଳିଥିବା ବିଜ୍ଞାପନ ଡିଲକୁ ଦେଖିଲେ ତାଙ୍କର ମୋଟ ସମ୍ପତ୍ତି ୨୫କୋଟିରେ ପହଞ୍ଚିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚାଷୀଙ୍କ...

ଏବଂ ପ୍ରଶଂସାର ପାତ୍ର ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ଦୁଇ ଦଶନ୍ଧିରେ କେବଳ ଚାଉଳକୁ ଛାଡିଦେଲେ ଅନ୍ୟ କୌଣସି କୃଷି ଉତ୍ପାଦରେ ଆମେ ସ୍ୱାବଲମ୍ବୀ ହୋଇପାରିନାହୁଁ । ଆଳୁ, ପିଆଜ, ଟମାଟୋ ଭଳି ବିଭିନ୍ନ ପନିପରିବା ଏବଂ ମାଛ, ଅଣ୍ଡା ପାଇଁ ଆମକୁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ମୁଁ ଦୃଢ ଭାବେ କହିପାରିବି ଯେ ଉତ୍ତମ ଯୋଜନା ଏବଂ ଇଚ୍ଛା ଶକ୍ତିର ଟିକେ ଅଧିକ ପ୍ରୟୋଗ କରିଥିଲେ, କୃଷି ସମ୍ବନ୍ଧୀୟ ଅନେକ ସମସ୍ୟାର ସମାଧାନ ହୋଇପାରିଥାନ୍ତା । ଓଡ଼ିଶାରେ କୃଷି ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ। ତେଣୁ, ଆମ ସରକାର ପ୍ରାଥମିକତା ଭିତ୍ତିରେ କୃଷି ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି । ଜଳ ସେଚନ, ଶୀତଳ ଭଣ୍ଡାର, ମଡେଲ ମଣ୍ଡି ଏବଂ ଗୋଦାମ ଗୃହ ନିର୍ମାଣ, କୃଷି ଯନ୍ତ୍ରପାତି ଉପଲବ୍ଧତା ଉପରେ ଆମ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି ସେ କହିଥିଲେ ।

ସରକାରଙ୍କ ସହିତ ବିଭିନ୍ନ ବେସରକାରୀ ସଂସ୍ଥା ଓ କୃଷକ ସମବାୟ ସମିତିର ସହଯୋଗରେ ଓଡ଼ିଶାରେ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି ବୋଲି ପ୍ରକାଶ କରି ସେ କହିଥିଲେ ଯେ, ଏହା ଦ୍ୱାରା ଆମର ପରିବେଶ ଓ ଅର୍ଥନୀତି ମଧ୍ୟରେ ସନ୍ତୁଳନ ରକ୍ଷା କରାଯାଇପାରିବ ।

କୃଷି ବିକାଶ ଓ କୃଷକ କଲ୍ୟାଣ ପାଇଁ ରାଜ୍ୟ ସରକାର ନେଇଥିବା ଅନେକ ପଦକ୍ଷେପ ଉପରେ ଆଲୋକପାତ କରି ସେ କହିଥିଲେ ଯେ, ସମୃଦ୍ଧ କୃଷକ ଯୋଜନାରେ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଅତିରିକ୍ତ ଇନପୁଟ୍ ସହାୟତା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ ୯୩ ହଜାର ଚାଷୀଙ୍କୁ ୩ ହଜାର କୋଟିରୁ ଅଧିକ ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟ ଓ ୧ହଜାର କୋଟି ଟଙ୍କାର ଇନପୁଟ୍ ସହାୟତା ପ୍ରଦାନ କରାଯାଇ ସାରିଛି ।

ସେହିପରି ସି.ଏମ - କିଷାନ ଯୋଜନାରେ ୪୫ ଲକ୍ଷ ୫୭ ହଜାର ୭୩୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୩୯ ହଜାର ୩୦୩ ଜଣ ଭୂମିହୀନ କୃଷି ପରିବାରକୁ ରବି ଫସଲ ପାଇଁ ୯୨୫ କୋଟିରୁ ଅଧିକ ଟଙ୍କାର ସହାୟତା ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ ।

ଆଳୁ ଚାଷ ଉପରେ ଆଲୋକପାତ କରି ସେ କହିଲେ ଯେ, ରାଜ୍ୟରେ ଆଳୁ ଚାଷକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର । ଚଳିତ ରବି ଋତୁରେ ୧.୮୦ ଲକ୍ଷ ଚାଷୀଙ୍କୁ ରିହାତି ଦରରେ ୧.୬୦ ଲକ୍ଷ କ୍ୱିଣ୍ଟାଲ ପ୍ରାମାଣିକ ଆଳୁ ବିହନ ଯୋଗାଇ ଦିଆଯାଇଛି । ଏହା ବିଗତ ବର୍ଷଠାରୁ ୩ ଗୁଣ ଅଧିକ । ଚଳିତ ବର୍ଷ ୨.୪ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି ଆମେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶାର ଭିଜନ ପ୍ରସ୍ତୁତ କରୁଛୁ। କୃଷି କ୍ଷେତ୍ରରେ ଆମର ସର୍ବାଧିକ ଲୋକ ନିୟୋଜିତ ଅଛନ୍ତି। ତେଣୁ ଓଡ଼ିଶାକୁ ସମୃଦ୍ଧ କରିବା ପାଇଁ କୃଷି କ୍ଷେତ୍ରର ବିକାଶ ଅତ୍ୟନ୍ତ ଆବଶ୍ୟକ। ଯାହା ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଏବଂ ଓଡ଼ିଶାକୁ ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ କରିବା । ଏଥିପାଇଁ ଆମ ସମସ୍ତଙ୍କର ମିଳିତ ଉଦ୍ୟମ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓ ଅତିଥି ମାନେ କୃଷି କ୍ଷେତ୍ରରେ ସଫଳତା ହାସଲ କରିଥିବା ରାଜ୍ୟର ୧୦ଜଣ ସଫଳ ଚାଷୀ ଓ ୯ଜଣ ଉଦ୍ୟାନ କୃଷି ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଆମେ ରାଜ୍ୟର କୃଷକ ମାନଙ୍କୁ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ଅତିରିକ୍ତ ଇନପୁଟ ସହାୟତା ୮୦୦ ଟଙ୍କା ପ୍ରଦାନ କରୁଛୁ । ପଶ୍ଚିମବଙ୍ଗର ଆଳୁ ଉପରେ ମନମାନିକୁ ଦେଖି ଆମେ ରାଜ୍ୟରେ ଚାଷୀମାନଙ୍କୁ ଉନ୍ନତ ମାନର ଆଳୁ ବିହନ ଯୋଗାଇ ଦେଇଛୁ । ରାଜ୍ୟରେ ୫୮ଟି ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବ । ରାଜ୍ୟର କୃଷକ ମାନଙ୍କୁ କେବଳ ଧାନ ଉପରେ ନିର୍ଭର ନକରି ନୂଆ ଟେକନିକ୍ ପ୍ରୟୋଗରେ ଅନ୍ୟାନ୍ୟ ଫସଲ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ କହିଲେ ଯେ, ଭାରତ ବର୍ଷରେ କୃଷକଙ୍କୁ ଅନ୍ୟ କୌଣସି ରାଜ୍ୟରେ ଓଡ଼ିଶା ପରି ଦିଆଯାଉନାହିଁ । ପ୍ରାକୃତିକ ବିପର୍ଯ୍ୟୟ ପରେ ରାଜ୍ୟ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରାଯାଇ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଉଛି । ଅଦିନିଆ ବର୍ଷା କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଯାହା ଆବଶ୍ୟକ ହେବ ରାଜ୍ୟ ସରକାର ତାହା ଯୋଗାଇଦେବେ । ତେବେ ଭାଗଚାଷୀଙ୍କ ପାଇଁ ରିଲିଫ କୋଡରେ କୌଣସି ଆଇନ ନଥିବାରୁ ସେମାନେ ଅଦିନିଆ ବର୍ଷାରେ ହୋଇଥିବା କ୍ଷୟକ୍ଷତି ପାଇଁ କ୍ଷତିପୂରଣ ପାଇବେ ନାହିଁ।

### ପ୍ରମୁଖ ସହର...

ଦେଖାଇ ବିମାନସେବାର ଶୁଭାରମ୍ଭ କରି କହିଲେ ଯେ ଏହା ଫଳରେ ଭାରତର ଅନ୍ୟାନ୍ୟ ଅଞ୍ଚଳ ସହିତ ଆମ ରାଜ୍ୟର ଲୋକ, ସଂସ୍କୃତି ଓ ଅର୍ଥନୀତି ମଧ୍ୟ ସଂଯୁକ୍ତ ହେବ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସମର୍ଥ ଦିଗ୍‌ଦର୍ଶନ ଓ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନାଙ୍କ ନେତୃତ୍ୱରେ ଏପରି ମହତ୍ତ୍ୱାକାଂକ୍ଷୀ ଅଭିଯାନ ସଫଳ ହୋଇଛି ବୋଲି ଦର୍ଶାଇ ଶ୍ରୀ ସିଂ କହିଲେ ଯେ ନୂଆସ୍ଥାନଗୁଡ଼ିକୁ ବିମାନ ଚଳାଚଳ ହେଲେ ରାଜ୍ୟର ଛାତ୍ରଛାତ୍ରୀ, ବୃତ୍ତିଧାରୀ ଓ ବ୍ୟବସାୟୀଙ୍କ ପରି ସମାଜର ବିଭିନ୍ନ ଶ୍ରେଣୀର ବ୍ୟକ୍ତିବିଶେଷ ଉପକୃତ ହେବେ । ଅନୁରୂପ ଭାବରେ ଚିଲିକା ଓ କୋଚି ମଧ୍ୟରେ ନୌବାହିନୀରେ କାର୍ଯ୍ୟରତ ବନ୍ଧୁମାନେ ଗତାଗତ କରିପାରିବେ । ଏହି ବିମାନ ସେବା ସମସ୍ତଙ୍କ ମଧ୍ୟରେ ସଂପର୍କ ଦୃଢ଼ କରିବ ଓ ଜୀବନଧାରାକୁ ସୁଗମ କରିବ ବୋଲି ଶ୍ରୀ ସିଂ ପ୍ରକାଶ କରିଥିଲେ। ସେ ପ୍ରଥମ ବିମାନ ଯାତ୍ରୀଙ୍କୁ ଟିକେଟ ହସ୍ତାନ୍ତର କରିଥିଲେ । ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଓ ଷ୍ଟାର୍ ଏୟାର ରାଜ୍ୟ ସରକାରଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିଛନ୍ତି ଏବଂ ଦେଶର ବିଭିନ୍ନ ଅଞ୍ଚଳ ସହିତ ଓଡ଼ିଶାର ଯୋଗାଯୋଗକୁ ଗତିଶୀଳ କରିଛନ୍ତି । ଆଜି ଭୁବନେଶ୍ୱରରୁ ଜୟପୁର ଓ କୋଚି ମଧ୍ୟରେ ବିମାନସେବାର ଶୁଭାରମ୍ଭ ହୋଇଥିବାବେଳେ ଆସନ୍ତାକାଲି ଲକ୍ଷ୍ନୌକୁ ଉଡ଼ାଣ ହେବ। ୧୫ ତାରିଖ ଦିନ ପାଟ୍‌ନାକୁ ମଧ୍ୟ ଉଡ଼ାଣ ହେବ । ଇତି ମଧ୍ୟରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଭୁବନେଶ୍ୱରରୁ ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ, ହାଇଦ୍ରାବାଦ, ଜୟପୁର, କୋଚି, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ, ପାଟ୍‌ନା ଓ ପୁନେକୁ ୧୦୪ ସାପ୍ତାହିକ ବିମାନସେବା ଜାରି ରଖିଛି । ଏୟାର ଇଣ୍ଡିଆ ଏକ୍ସପ୍ରେସ୍ କର୍ତ୍ତୃପକ୍ଷ ବିମାନକୁ ଓଡ଼ିଶାର ପାରମ୍ପରିକ ସମୃଦ୍ଧ ବୟନକଳାରେ ସୁଶୋଭିତ କରିଥିବାରୁ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି । ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଛନ୍ତି ଯେ ରାଜ୍ୟରେ ବିମାନସେବା କ୍ଷେତ୍ରରେ ଏପରି ସଂପ୍ରସାରଣ ଅର୍ଥନୀତିକ ପ୍ରଗତି ଓ ସୁଦୃଢ଼ ସଂପର୍କକୁ ଅଧିକ ଗତିଶୀଳ କରିବା ସହିତ ଆମର ପର୍ଯ୍ୟଟନ ସମେତ ବିମାନସେବା କ୍ଷେତ୍ରକୁ ପରିପୁଷ୍ଟ କରିବ । କାର୍ଯ୍ୟକ୍ରମରେ ବିଭାଗର ପଦସ୍ଥ ଅଧିକାରୀବୃନ୍ଦଙ୍କ ସମେତ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

### ନୂଆ...

ଚାଲିଛି । ଅବସ୍ଥା ଏଭଳି ହୋଇଛି ଯେ ଶଙ୍ଖଭବନରେ ମହାଭାରତ ଭଳି ସ୍ଥିତି ଉପୁଜୁଛି । ମହିଳାମାନେ ବି ଚାପୁଡା ମରାମରି ହେଉଛନ୍ତି । ଦଳରେ ଏବେ ଗୋତ୍ରମାରୁଙ୍କ ସଂଖ୍ୟା ଏତେ ଅଧିକ ହୋଇଛି ଯେ କିଏ ବିଜେଡିର ଓ କିଏ ବିଜେପିର ଗୁଇନ୍ଦା ତାହା ସହଜରେ ଜାଣିବା ମୁସ୍କିଲ ।

ତେଣେ ନବୀନଙ୍କୁ ଆଗରେ ରଖି ଦଳର କିଛି ନେତା ରାଜନୀତି ପାଇଁ ଜୋରଦାର ପ୍ରୟାସ ଚଳାଇଥିବାବେଳେ ସେମାନଙ୍କୁ କିନ୍ତୁ ଅନ୍ୟମାନେ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି । ଏମାନେ ସନ୍ୟାସୀଙ୍କ ବୋଲକରା ସାଜିଛନ୍ତି ବୋଲି କହିବାକୁ ପଛାଉ ନାହାନ୍ତି । ତେବେ ଇତି ମଧ୍ୟରେ ଦଳର ଆଗଧାଡିର କିଛି ନେତା ଓ ନେତ୍ରୀ ଭୟଙ୍କର ନିରବତା ଅବଲମ୍ବନ କରୁଥିବାବେଳେ ସେମାନେ କେତେବେଳେ ମମତା-ସୁଜିତଙ୍କ ରାସ୍ତାରେ ଯିବେ ତାହା ବି କହିବା ମୁସ୍କିଲ । ଏଭଳି ଅସନ୍ତୋଷ, ହାତାହାତି ଓ ସନ୍ଦେହତା ଭିତରେ ଦଳର କର୍ମୀମାନେ ନୂଆବର୍ଷକୁ ସହଜରେ ପାଳନ କରିପାରି ନାହାନ୍ତି ।

ମୋଟାମୋଟି ଭାବେ ରାଜ୍ୟରେ ତିନି ଦଳ ଭିତରେ ଉଣାଅଧିକେ ଅସନ୍ତୋଷ ରହିଥିବାରୁ ନୂଆବର୍ଷ ସେମାନଙ୍କ ପାଇଁ ଶତ ପ୍ରତିଶତ ଜମାଣିଆ ହୋଇଛି ବୋଲି କେହି ଛାତିରେ ହାତରଖି କହିପାରୁ ନାହାନ୍ତି । ଯଦିଓ ହାତୀର ଦାନ୍ତ ଭଳି ବାହାରକୁ ହସିଲା ଭଳି ଦିଶୁଛନ୍ତି କିନ୍ତୁ ହେଲେ ସେମାନଙ୍କର ଫିକା ମନ କିନ୍ତୁ ସବୁକିଛି ଜଣାଇ ଦେଉଛି ।

### କ୍ୟାବିନେଟ...

ସମ୍ବଲରୁ ପ୍ରଦାନ କରିଥାଏ। ଏଥିସହିତ କଷ୍ଟମ ମିଲ ରାଇସ ପାଇବା ପାଇଁ ମଧ୍ୟ ନିଗମ ବ୍ୟାଙ୍କ ଋଣ ନେଇ ଖର୍ଚ୍ଚ କରିଥାଏ। କେନ୍ଦ୍ର ସରକାରଙ୍କ ଠାରୁ ରିହାତି ପାଇବା ପରେ ଏହି ଋଣ ପରିଶୋଧ କରିଥାଏ। ତେଣୁ ନିଗମ ପାଇଁ ରାଜ୍ୟ ସରକାର ଗ୍ୟାରେଣ୍ଟର ପଡିବାକୁ ଆଜି କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଛି। ଆଗାମୀ ୫ ବର୍ଷ ପାଇଁ ଯୋଜନା ନିଗମ ଋଣ ବାବଦରେ ୧୭ ହଜାର ୫୦୦ କୋଟି ଟଙ୍କାର ଗ୍ୟାରେଣ୍ଟର ପଡିବେ ରାଜ୍ୟ ସରକାର। ଏହି ନିଷ୍ପତ୍ତିକୁ କ୍ୟାବିନେଟ ମଂଜୁରି ଦେଇଛି।

ସେହିଭଳି ନିକଟରେ ଲଘୁ ଖଣିଜ ଦ୍ରବ୍ୟର ପରିଚାଳନା ଇସ୍ପାତ ଓ ଖଣି ବିଭାଗ ଅଧିନକୁ ଯାଇଥିବାରୁ ଏ ସମ୍ପର୍କିତ ନିୟମାବଳିରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଂଜୁରି ମିଳିଛି। ୧୯୯୩ର ମାନବମଳ ସଫେଇ କର୍ମଚାରୀ ଆଇନକୁ ପ୍ରତ୍ୟାହାର କରିବାକୁ ମଧ୍ୟ କ୍ୟାବିନେଟରେ ନିଷ୍ପତ୍ତି ହୋଇଛି।

### ରାଜଭବନରେ...

ଏବଂ ରାଜ୍ୟପାଳଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଶ୍ରୀମତୀ ପ୍ରଭାତୀ ପରିଡ଼ା, ବିରୋଧୀ ଦଳର ନେତା ଶ୍ରୀ ନବୀନ ପଟ୍ଟନାୟକ, ଉପ ବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ, ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟଗଣ, ରାଜ୍ୟର ପାର୍ଲାମେଣ୍ଟ ସଦସ୍ୟ, ବିଧାୟକଙ୍କ ସହିତ ରାଜ୍ୟ ଏବଂ ପୋଲିସ୍ ପ୍ରଶାସନର ଉଚ୍ଚ ପଦସ୍ଥ ଅଧିକାରୀ, ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶ୍ରୀ ଏନବିଏସ ରାଜପୁତ, ଗଣମାଧ୍ୟମର ପ୍ରତିନିଧି ତଥା ନିମନ୍ତ୍ରିତ ଅତିଥି ଏହି ସମାରୋହରେ ଯୋଗ ଦେଇଥିଲେ।

### ବିଜେଡିରେ ...

ବୟସ୍କଙ୍କ ହାବଭାବକୁ ଠିକ୍ ଭାବେ ହଜମ କରିପାରୁ ନାହାନ୍ତି । ବୈଠକରୁ ବାହାରକୁ ଆସି ନାମ ଗୋପନ ସର୍ତ୍ତରେ ଜଣେ ଯୁବ ନେତା କହିଛନ୍ତି ଯେ ବୟସ୍କମାନେ ଏବେ ବି ହାତରୁ ଯୁବ ଓ ଛାତ୍ର ସଂଗଠନକୁ ଛାଡିବାକୁ ନାରାଜ । ଏଭଳି ହେଲେ ଦଳରେ ଯୁବକମାନଙ୍କର ଭବିଷ୍ୟତରେ ନେତା ହେବାର ନାହିଁ । ତେଣୁ ସେମାନେ ବୁଢ଼ାଙ୍କ ଅଧିନରେ କାମ କରିବା ପରିବର୍ତ୍ତେ ନିରବ ରହିବାକୁ ଶ୍ରେୟସ୍କର ମଣୁଛନ୍ତି । ସେହିଭଳି କେନ୍ଦ୍ର ବିରୁଦ୍ଧରେ ଗର୍ଜିବାପାଇଁ କଟକରେ ଆୟୋଜିତ ବୈଠକରେ ଦଳର ତୁଙ୍ଗ ନେତାମାନେ ଉପସ୍ଥିତ ନରହିବା ଏବେ ଆଲୋଚନାର ବିଷୟ ପାଲଟିଛି । ରଣନୀତି ପ୍ରସ୍ତୁତ ପାଇଁ ଅରୁଣ ସାହୁ, ସଞ୍ଜୟ ଦାଶବର୍ମା ଓ ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଭଳି ନେତା ଯୋଗ ଦେଇଥିବାବେଳେ ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରମୋଦ ମଲ୍ଲିକ ଓ ଚନ୍ଦ୍ର ସାରଥୀ ବେହେରା ପ୍ରମୁଖ ଦେଖାଦର୍ଶନ ଦେଇନଥିଲେ। ଏଭଳି ସ୍ଥିତିରେ କଟକ ଜିଲ୍ଲାରେ କିଭଳି କେନ୍ଦ୍ର ବିରୋଧି ଆନ୍ଦୋଳନ ହେବ ତାହାକୁ ନେଇ ଏବେ ମାମଲତକାରମାନେ ଚିନ୍ତାରେ ପଡିଛନ୍ତି ।

ବିଜେଡି ଏବେ ତାହାର ସଂଗଠନ ସଜାଡିବା କାର୍ଯ୍ୟ ଆରମ୍ଭ କରିଥିବାବେଳେ ପ୍ରଥମେ ଯୁବ ଓ ଛାତ୍ର ସଂଗଠନର ନୂଆ ମୁଖିଆ ନିଯୁକ୍ତି ଲାଗି ସ୍ଥିର କରିଛି। ଏହି ଦୁଇ ପଦବୀରେ ଦୁଇଜଣ ବିଧାୟକ ଥିବାରୁ ସେମାନଙ୍କ ପରିବର୍ତ୍ତେ ଅଣ ବିଧାୟକଙ୍କୁ ପ୍ରାର୍ଥୀ କରିବାକୁ ଦଳ ଚାହୁଁଛି । ହେଲେ ଏବେ ଠାରୁ ଦୁଇ ସଂଗଠନରେ ନିଜ ନିଜ ଲୋକଙ୍କୁ ବସାଇବାପାଇଁ ଦଳର ତୁଙ୍ଗ ନେତାମାନେ ଯେଭଳି ଲବି ଆରମ୍ଭ କରିଦେଇଛନ୍ତି ତାହା ଆରମ୍ଭରୁ ବିଭ୍ରାଟ ସୃଷ୍ଟି କରିଛି । ଗୋଟିଏ ପଟେ ଦଳ ଭିତରେ ସନ୍ୟାସୀଙ୍କୁ ନେଇ ଅସନ୍ତୋଷର ନିଆଁ କୁହୁଳୁଥିବାବେଳେ ଅନ୍ୟ ପଟେ ବରିଷ୍ଠମାନେ ଯେଭଳି ଯୁବକଙ୍କ ବାଟ ଓଗାଳୁଛନ୍ତି ସେଥିରେ କେନ୍ଦ୍ର ବିରୁଦ୍ଧରେ ଲଢେଇ ସଫଳ ହେଉ କି ନହେଉ ଆଗାମୀ ଦିନରେ କିନ୍ତୁ ଦଳ ଭିତରେ ଜୋରଦାର ଲଢେଇ ହେବ ବୋଲି କର୍ମୀମାନେ ଖୋଲାଖୋଲି କହିଲେଣି ।

# ଆଇନ ଶୃଙ୍ଖଳା ଭଙ୍ଗ କରି ୪ ପୋଲିସ କର୍ମଚାରୀ ନିଲମ୍ବିତ

**ନୟାଗଡ଼, ୩।୧ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ପୁଲିସରେ ଅଭାବନୀୟ ଘଟଣା। ଶୃଙ୍ଖଳିତ ବିଭାଗରେ ବିଶୃଙ୍ଖଳିତ ଆଚରଣ। ଯାହା ପାଇଁ ନୟାଗଡ଼ ପୁଲିସ ନିନ୍ଦିତ ହେବାକୁ ଯାଉଛି। ସୂଚନାନୁସାରେ, ଡିସେମ୍ବର ୩୧ ଜିରୋ ନାଇଟ ସେଲିବ୍ରେସନ ବେଳେ ନୟାଗଡ଼ ତ୍ରିନାଥ ଛକ ଠାରେ ପୁଲିସ ପୁଲିସ ମଧ୍ୟରେ ପିଟାପିଟି ହୋଇଛି। ଏହି ଘଟଣାକୁ ନେଇ ନୟାଗଡ଼ ଟାଉନ ଥାନାରେ ଦୁଇ ଗୋଟି ମାମଲା ରୁଜୁ କରାଯାଇଛି। ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ. ସୁଶ୍ରୀ ୩ ଜଣ ହାବିଲଦାର ଓ ଜଣେ କନେଷ୍ଟବଲଙ୍କୁ ନିଲମ୍ବନ କରିଛନ୍ତି। ଗତ ୩୧ ତାରିଖ ରାତିରେ ନୟାଗଡ଼ ସହର ମଧ୍ୟରେ ପୁଲିସ ହାବିଲଦାର ଓ କନେଷ୍ଟବଳ ସଂଘର ଦୁଇ ଗୋଷ୍ଠୀ ମଧ୍ୟରେ ଘମାଘୋଟ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ଉଭୟ ପକ୍ଷରୁ ଟାଉନ ଥାନାରେ ଦୁଇଟି ଏତଲା ହୋଇଥିଲା। ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ଶୃଙ୍ଖଳିତ ବିଭାଗରେ ବିଶୃଙ୍ଖଳିତ ଆଚରଣ ପାଇଁ ନୟାଗଡ଼ ଏସପି ଆଜି ୪ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ୪ ଜଣଙ୍କ ମଧ୍ୟରେ ହାବିଲଦାର ଦୁର୍ଗାମାଧବ ଡୋରା, ହାବିଲଦାର ସଞ୍ଜୟ ମହାପାତ୍ର, ହାବିଲଦାର ସନ୍ତୋଷ ମହାପାତ୍ର ଏବଂ କନେଷ୍ଟବଳ ଦିଲ୍ଲୀପ ବେହେରା ବୋଲି ସୂଚନା ମିଳିଛି।

# ପୃଥକ୍ ମାମଲାରେ ୪ ଗିରଫ

**ଟାଙ୍ଗୀ-ଚୌଦ୍ୱାର, ୩।୧ (ସଂଚାର ବ୍ୟୁରୋ) :** ପୃଥକ ପୃଥକ୍ ୩ଟି ଅପରାଧିକ ଘଟଣାରେ ଚୌଦ୍ୱାର ପୋଲିସ ୪ଜଣଙ୍କୁ ଗିରଫ କରିଛି। ଚୌଦ୍ୱାର ଥାନା ଅନ୍ତର୍ଗତ ବଡ଼ କୁସୁନ୍ତପୁର ଝୁଣ୍ଟୁରୀ ସାହିରେ ଜମିବାଡ଼ିକୁ ନେଇ ଶିବନାଥ ପୁତ୍ତି ଓ ସିକନ୍ଦର ପୁତ୍ତିଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନ ହେବ ବିବାଦ ଲାଗି ରହିଥିଲା।ଏହାକୁ ନେଇ ଗତ ମଙ୍ଗଳବାର ଦିନ ଉଭୟ ପରିବାର ମଧ୍ୟରେ ଝଗଡ଼ା ଉଗ୍ରରୂପ ନେଇଥିଲା। ସିକନ୍ଦର ଉତ୍ୟକ୍ତ ହୋଇ ଶିବନାଥଙ୍କ ସ୍ତ୍ରୀଙ୍କୁ ପିଟି ଦେବାରୁ ତାଙ୍କ ମୁଣ୍ଡ ଫାଟି ଯାଇଥିଲା।ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରା ଯାଇଥିଲା। ଶିବରାମଙ୍କ ଅଭିଯୋଗକ୍ରମେ ସିକନ୍ଦରକୁ ପୋଲିସ୍ ଗିରଫ କରିଥିଲା। ଅନ୍ୟ ଏକ ଘଟଣାରେ ନୂଆବର୍ଷ ପିକନିକ ସାରି ଘରକୁ ଫେରୁଥିବାବେଳେ ରାସ୍ତାର ଶାଳଗାଁ ଦିଆଣୀପାଟଣା ଗ୍ରାମର ଦେବାଶୀଷ ବେହେରା ଓ ତାଙ୍କର ଦୁଇବନ୍ଧୁଙ୍କ ମଧ୍ୟରେ କୌଣସି କାରଣରୁ ମାରପିଟ ଘଟିଥିଲା। ଦେବାଶୀଷଙ୍କ ଅଭିଯୋଗ କ୍ରମେ ପୋଲିସ ବଡ଼ସାମନ୍ତରାପୁର ଗ୍ରାମର ରାଜା ରାଉତ ଓ ପ୍ରଶାନ୍ତ ସାହୁଙ୍କୁ ଗିରଫ କରିଥିଲେ। କଖିଡ଼ି ସରପଞ୍ଚ କଳ୍ପନା ଛତାରଙ୍କୁ ରାସ୍ତାରେ ଗାଳି ଗୁଳଜ କରିବା ଓ ଜୀବନରୁ ମାରି ଦେବାକୁ ଧମକ ଦେବା ଅଭିଯୋଗରେ ଟିପିଏମ୍ ଫାଣ୍ଡୀ ପୋଲିସ କଖିଡ଼ିର ସୁବାସ ଚନ୍ଦ୍ର ସାହୁଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟଯେ ଅଭିଯୁକ୍ତ ସୁବାସ ପୂର୍ବରୁ ସରପଞ୍ଚଙ୍କୁ ଦୁର୍ବ୍ୟବହାର କରିଥିବାବେଳେ ପୋଲିସ୍ ତାଙ୍କୁ ତାଗିଦ କରିବା ସହିତ ତାଙ୍କ ଠାରୁ ଲେଖାରଖି ଛାଡ଼ିଥିଲେ। ପୁନର୍ବାର ସେ ସରପଞ୍ଚଙ୍କୁ ଦୁର୍ବ୍ୟବହାର କରିବାରୁ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛନ୍ତି।

### ଶିମିଳିପାଟଣାରେ ଗୋଷ୍ଠୀ ସଂଘର୍ଷ

# ୧୦ ଆହତ, ୧୭ଜଣଙ୍କ ନାମରେ ମାମଲା

**କଣାସ, ୩।୧ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କଣାସ ଥାନା ପାଣ୍ଡିଆକେରା ଗ୍ରାମପଞ୍ଚାୟତର ଶିମିଳିପାଟଣା ଗ୍ରାମରେ ପୂର୍ବ ବିବାଦକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ



ମଧ୍ୟରେ ରାତ୍ର ୯ଟା ସମୟରେ ସଂଘର୍ଷ ଘଟି ୧୦ଜଣ ଆହତ ହେବା ସହ ଉଭୟ ଗୋଷ୍ଠୀ ପକ୍ଷରୁ କଣାସ ଥାନାରେ ୧୭ଜଣଙ୍କ ନାମରେ ଏତଲା ଦିଆଯାଇଥିବା ଜଣାପଡ଼ିଛି। ୩ଜଣ ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା ପାଇଁ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଦୁଇ ଗୋଷ୍ଠୀ ମଧ୍ୟରେ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ, ସ୍କୁଲ ଗୃହ ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ତିକ୍ତତା ଲାଗିରହିଥିଲା। ଗତକାଲି ରାତିରେ ଜଣେ ଯୁବକ ଦେଖିଇ ଶିଖେଇ ଗାଳିଗୁଳଜ କରିବାରୁ ସରପଞ୍ଚଙ୍କ ସ୍ୱାମୀ ତ୍ରିନାଥ ଛୋଟରାୟ ଉକ୍ତ ଯୁବକଙ୍କୁ କାହିଁକି ଗାଳିଗୁଳଜ କରୁଛୁ ପଚାରିବାରୁ ଯୁକ୍ତି ତର୍କ ହେବାସହ ସଂଘର୍ଷର ସୂତ୍ରପାତ ହୋଇଥିଲା। ଉଭୟ ଗୋଷ୍ଠୀର ବ୍ୟକ୍ତିମାନେ ଠେଙ୍ଗାବାଡି ଧରି ବାଡିଆବାଡି ହେବାରୁ ୧୦ଜଣ ଆହାତ୍ ହୋଇଥିଲେ। ଖବର ପାଇଁ କଣାସ ଥାନା ଆଇ.ଆଇ.ସି ପ୍ରଦୀପ କୁମାର ଜୁଝାରସିଂହ, ପିପିଲି ଏସ୍.ଡି.ପି.ଓ ବିରଞ୍ଚି ନାରାୟଣ ପତି ଡେଲାଙ୍ଗ ଥାନା ଆଇ.ଆଇ.ସି ଦେବାଶିଷୀ ମହାନ୍ତି, ସତ୍ୟବାଦୀ ଥାନା ଆଇ.ଆଇ.ସି ବିଜୟ କେତନ ବେହେରା ପୋଲିସ୍ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଚାପା ଉତ୍ତେଜନା ଲାଗିରହି ଥିବାରୁ ପୋଲିସ୍ ଫୋର୍ସ ଗ୍ରାମରେ ଜଗିରହିଛନ୍ତି।

# ପରିବେଶ ସୁରକ୍ଷା ସଚେତନତା ଅଭିଯାନ




**ହାଟଡିହୀ, ୩।୧ (ସଂଚାର ବ୍ୟୁରୋ) :** ହଦଗଡ ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳରେ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି । ଯୁବ ଲେଖକ, ପତ୍ରକାର,ପ୍ରକୃତି ବନ୍ଧୁ ଓ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରାପକ ତଥା ସାମାଜିକ କର୍ମୀ ଚନ୍ଦନ ପଣ୍ଡାଙ୍କ ଆବାହକତ୍ୱରେ ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, କେନ୍ଦୁଝର ଆନନ୍ଦପୁର ବନଖଣ୍ଡ ଅଧିନ ହଦଗଡ ବନ୍ୟପ୍ରାଣୀ ବନାଞ୍ଚଳର ମିଳିତ ଆନୁକୂଲ୍ୟରେ ହଦଗଡଠାରେ ପ୍ରକୃତି ସୁରକ୍ଷା, ବନାଗ୍ନି ନିରାକରଣ, ବନ୍ୟପ୍ରାଣୀ ସଂରକ୍ଷଣ, ନିଶା ଦ୍ରବ୍ୟ ଓ ପ୍ଲାଷ୍ଟିକ, ପଲିଥିନ ବର୍ଜନ ସଚେତନତା ଅଭିଯାନ ଆରମ୍ଭ ହୋଇଛି ।

ଏଥିରେ ଆଞ୍ଚଳିକ ଶାଖା କେନ୍ଦୁଝର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର କ୍ଷେତ୍ର ସହଯୋଗୀ ସଥ୍ୟ ନାରାୟଣ ଦାଶ, ଶୁଭମ ବେହେରା, ହଦଗଡ ବନପାଳ ମଳୟ କୁମାର ସାହୁ , ବନରକ୍ଷୀ ଜ୍ୟୋତି ରଞ୍ଜନ ମାଝୀ, ଜଙ୍ଗଲ ସୁରକ୍ଷା ଦଳର ପ୍ରହଲ୍ଲାଦ ଜେନା ଓ ଅର୍ଜୁନ ହାସଁଦା ପ୍ରମୁଖ ଯୋଗଦାନ କରି ହଦଗଡ ଠାରେ ଆଗନ୍ତୁକ ପର୍ଯ୍ୟଟକମାନଙ୍କୁ ପରିବେଶ ସୁରକ୍ଷା, ବନ୍ୟଜନ୍ତୁ ସଂରକ୍ଷଣ, ଜଙ୍ଗଲ ନିଆଁ ନିବାରଣ ଏବଂ ପ୍ଲାଷ୍ଟିକ, ପଲିଥିନ , ନିଶା ବର୍ଜନ କରିବା ଓ ଶବ୍ଦ ପ୍ରଦୂଷଣ ନକରିବା ନିମନ୍ତେ ପ୍ରଚାର ପତ୍ର ବଣ୍ଟନ କରାଯିବା ସହ ନଦୀ ବନ୍ଧ ଚତୁର୍ପାଶ୍ୱରେ ଏକ ଶୋଭାଯାତ୍ରା କରାଯାଇଥିଲା। ଏହି ଅବସରରେ ଉଭୟ ଅଧିକାରୀଙ୍କ ଉପସ୍ଥିତିରେ ସେଠାରେ ଥିବା ସାମୟିକ ଦୋକାନ ଓ ବଣଭୋଜି ପାଇଁ ଆସିଥିବା ପର୍ଯ୍ୟଟକମାନଙ୍କଠାରୁ ପାଖାପାଖି ୯ କିଗ୍ରା , ୩୭୦ ଗ୍ରାମର ପଲିଥିନ୍, ଥର୍ମୋକୁଲ୍ ଓ ପ୍ଲାଷ୍ଟିକ ଜାତୀୟ ପଦାର୍ଥ ଜବତ କରାଯାଇଥିଲା। ତାର ପ୍ରତିବଦଳରେ ସମସ୍ତଙ୍କୁ ପରିବେଶ ଉପଯୋଗୀ ଓ ଜୈବ ବିଘଟିତ ପଦାର୍ଥ ବ୍ୟବହାର କରିବା ପାଇଁ ସଚେତନ କରିବା ସହ ଶାଳପତ୍ର ଖଲି ଓ ଚଉତି ପ୍ରଦାନ କରାଯାଇଥିଲା।

# ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୯ତମ ଜନ୍ମ ଜୟନ୍ତୀ




**ଖୋର୍ଦ୍ଧା, ୩।୧ (ସଂଚାର ବ୍ୟୁରୋ) :** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୯ ତମ ଜନ୍ମ ଜୟନ୍ତୀ ଜାନକୀ ଉଦ୍ୟାନରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ନେତା ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଜଟଣୀର ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧାର ପୂର୍ବତନ ବିଧାୟକ ଦିଲିପ ଶ୍ରୀଚନ୍ଦନ, ଉତ୍ତର ଓଡ଼ିଶାର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଏବଂ ଜାନକୀ ବଲ୍ଲଭ ସ୍ମୃତି କମିଟିର ସମ୍ପାଦକ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ। ଆସନ୍ତା ବର୍ଷ ୧୦୦ ତମ ଜନ୍ମ ଜୟନ୍ତୀକୁ ମହାଆଡମ୍ବର ସହକାରେ ସାରା ରାଜ୍ୟରେ ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି ଏବଂ ତାଙ୍କର ଏକ ପ୍ରତିମୂର୍ତ୍ତିକୁ ଭୁବନେଶ୍ୱର ଠାରେ ସ୍ଥାପିତ କରିବା ପାଇଁ ନିଷ୍ପତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜୋନ ନଂ ୧ର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧାର ଉପ ସଭାପତି ଅଖିଳ ଚନ୍ଦ୍ର ପ୍ରଧାନ ସମେତ ଜାନକୀ ବଲ୍ଲଭଙ୍କୁ ଭଲ ପାଉଥିବା ଏବଂ ତାଙ୍କୁ ଅନୁସରଣ କରୁଥିବା ଅନେକ ବୁଦ୍ଧିଜୀବୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

# ବିଶ୍ୱ ସନାତନ ଯୁବ ସେବା ସଙ୍ଘର କର୍ମକର୍ତ୍ତା ନିର୍ବାଚନ

**ନାଉଗାଁ, ୩।୧ (ସଂଚାର ବ୍ୟୁରୋ) :** ବିଶ୍ୱ ସନାତନ ଯୁବ ସେବା ସଂଘ ନାଉଗାଁର ସ୍ଥାୟୀ ସଭାପତି ଜଗନ୍ନାଥ ସଂସ୍କୃତିର ରାଷ୍ଟ୍ରୀୟ ପ୍ରବକ୍ତା ବାବା ସତ୍ୟାନନ୍ଦ ଦାସଙ୍କ ପୌରହିତ୍ୟରେ ଆୟୋଜିତ ସାଧାରଣ ସଭାରେ ୩୦ତମ ବାର୍ଷିକ ଉତ୍ସବ ସିଦ୍ଧି ଉପଲକ୍ଷେ ଆୟୋଜିତ ସନାତନ ଧର୍ମ ସମ୍ମିଳନୀ ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବ୍ୟକ୍ତିତ୍ୱ ବିକାଶ ଶିବିର କାର୍ଯ୍ୟକ୍ରମ ସମୀକ୍ଷା କରାଯାଇ ସମସ୍ତ କର୍ମକର୍ତ୍ତା ମାନଙ୍କୁ ସାଧୁବାଦ ଜ୍ଞାପନ କରାଯାଇଥିଲା। ଏହି ଧର୍ମ ସମ୍ମିଳନୀରେ ଯୋଗଦେଇଥିବା ପଞ୍ଜାବ ପାତିଆୟାଲ ଚିନ୍ମୟ ମିଶନର ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ, ଗୀତା ଆଶ୍ରମ ଭୁବନେଶ୍ୱର ସ୍ୱାମୀ ଜଗଦୀଶାନନ୍ଦ ସରସ୍ୱତୀ, ପୂଜ୍ୟ ସ୍ୱାମୀ ଅଖଣ୍ଡନନ୍ଦ ମହାରାଜ, ଡା ହରିକିସନ ବାଦଳ ମହାରାଜ, ପୂଜ୍ୟ ମହନ୍ତ ରାମକୃଷ୍ଣ ଦାଶ ମହାରାଜ, ବାବା ରମାନନ୍ଦ ଦାଶ ମହାରାଜ ପ୍ରଭୃତି ସାଧୂସନ୍ଥ ମାନଙ୍କ ଦିବ୍ୟ ଆର୍ଶୀବାଚନ ସମ୍ପର୍କରେ ସତସଙ୍ଗ କରାଯାଇଥିଲା। ପରିଶେଷରେ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ମନୋନୀତ ହୋଇଥିଲେ।

# ଜିଲ୍ଲା ସାମ୍ବାଦିକ ସଂଘର ମିଶ୍ରଣ ପର୍ବ



**କୁଜଙ୍ଗ, ୩।୧ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଆଜି ଏକ ମିଶ୍ରଣ ପର୍ବ ସ୍ଥାନୀୟ କୁଜଙ୍ଗ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାଧାରଣ ସମ୍ପାଦକ ସୁବ୍ରତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ କୁଜଙ୍ଗ ବ୍ଲକ ସଭାପତି ଅବିନାଶ ରାଉତ, ସମ୍ପାଦକ ସନ୍ତୋଷ ମଲ୍ଲ, ଉପଦେଷ୍ଟା ପ୍ରଳୟ ମହାପାତ୍ର, ବାବୁଲି ଚନ୍ଦ୍ର ଦାସ, ଦିଲ୍ଲୀପ ଲେଙ୍କା ପ୍ରମୁଖ ଅଥିତି ଭାବେ ଯୋଗଦେଇ ଜିଲ୍ଲା ଓ ବ୍ଲକ ସ୍ତରୀୟ ସାମ୍ବାଦିକ ନୃସିଂହ ଚରଣ ବାରିକ, ଦେବାଶିଷ ପାଣି, ମନୋରଞ୍ଜନ ସ୍ୱାଇଁ, ବିକ୍ରମ ଗୋଚ୍ଛାୟତ, ପଦ୍ମନାଭ ବାରିକ୍, ଜଗନ୍ନାଥ ପ୍ରସାଦ ସାହୁ, ପ୍ରମୋଦ ମଲ୍ଲିକ, ପ୍ରସାଦ ସାହାଣୀ, ସୁଶାନ୍ତ କୁମାର ମଲ୍ଲିକ, ଭାନୁ ଶଙ୍କର ରାଉତରାୟ, ଅଂଶୁମାନ ମିଶ୍ର, ରାକେଶ କୁମାର ସୁତାର, ସାରଦା ପ୍ରସନ୍ନ ପରିଡାଙ୍କୁ ଆନୁଷ୍ଠାନିକ ଭାବେ ଜିଲ୍ଲା ସାମ୍ବାଦିକ ସଂଘ ସହ ଓୟୁଜେ ରାଜ୍ୟ ସଂଘ ସହ ଯୋଡ଼ି ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଜିଲ୍ଲା କୋଷାଧକ୍ଷ ପ୍ରତାପ କୁମାର ସିଂହ , ଉପଦେଷ୍ଟା ରାମଚନ୍ଦ୍ର ସ୍ୱାଇଁ , ଶୁଭଙ୍କର ଜେନା, ବୈଷ୍ଣବ ଚରଣ ରାଉଳ , ଗୌରାଙ୍ଗ ଚରଣ ସ୍ୱାଇଁ , ତୋଫାନ ମାଝୀ, ସତ୍ୟଶିବ ପରିଡା ଯୋଗ ଦେଇଥିଲେ। ଆଗାମୀ ଦିନରେ ସାମ୍ବାଦିକ ମାନଙ୍କ ହିତ ସାଧନାରେ ସଂଘ କାର୍ଯ୍ୟ କରିବା ସହ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା କୁ ନେଇ ସମାଧାନର ପନ୍ଥା ଅବଲମ୍ବନ କରାଯିବ ବୋଲି କୁଜଙ୍ଗ ବ୍ଲକ୍ ସଭାପତି ଅବିନାଶ ରାଉତ ପ୍ରକାଶ କରିଥିଲେ। ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି ଆଭାସୀ ଜରିଆରେ ଯୋଗଦେଇ ନୂତନ ଭାବେ ଯୋଡି ହୋଇଥିବା ସାମ୍ବାଦିକ ମାନଙ୍କୁ ସ୍ୱାଗତ କରିଥିଲେ।

# ସଡ଼କ ସୁରକ୍ଷା ସପ୍ତାହ ସଚେତନତା ରଥର ଶୁଭାରମ୍ଭ

**ନବରଙ୍ଗପୁର, ୩।୧ (ସଂଚାର ବ୍ୟୁରୋ) :** ଆଜି ଦିବା୧୦.୩୦ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା ସଚେତନ ରଥ ଓ ଶୋଭାଯାତ୍ରାକୁ ଜିଲ୍ଲାପାଳ ତଥା ଅଧ୍ୟକ୍ଷ ଜିଲ୍ଲା ସଡକ ସୁରକ୍ଷା କମିଟି, ନବରଙ୍ଗପୁର ଡ଼ା. ଶୁଭଂକର ମହାପାତ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲ୍ଲାର ସମସ୍ତ ଜନସଧାରଣଙ୍କୁ ସଡକ ସୁରକ୍ଷା ସଚେତନତାର ବାର୍ତ୍ତା ପ୍ରେରଣ କରିବା ସହ ଦୁର୍ଘଟଣା ହାରକୁ କମାଇବାରେ ସାହାଯ୍ୟ କରିବ।



ଏହି ଅବସରରେ ଏକ ଶୋଭାଯାତ୍ରାରେ ଆର୍‌ସିଡି ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ସହ ବାଙ୍ଗାଲୋର ଆର୍‌ଟିଓ, ଏମଭିଆଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଡି ଆଇ ପି ଆର୍ ଓ, ଡି ଡବ୍ଲୁ ଓ,ପୋଲିସ ଓ ପରିବହନ ବିଭାଗ ର ଅଧିକାରୀ, ସହରର ବୁଦ୍ଧିଜୀବୀ ସାମିଲ ହୋଇ ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ସଚେତନତା ବାର୍ତ୍ତା ପ୍ରସାର କରିଥିଲେ। ଏହି ଏଲ ଇ ଡି ଟିଭି ଯୁକ୍ତ ସଡକ ସୁରକ୍ଷା ସଚେତନ ରଥ ଆସନ୍ତା ୭.୧.୨୦୨୫ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ ଓ ମୁଖ୍ୟ ଗ୍ରାମ ଗୁଡିକୁ ଗସ୍ତ କରି ଜିଲ୍ଲାର ସମସ୍ତ ନାଗରିକ ମାନଙ୍କ ମଧ୍ୟରେ 'ସଡକ ସୁରକ୍ଷା ଓ ପରିବାର ରକ୍ଷା'ର ବାର୍ତ୍ତା କୁ ଗୁରୁତ୍ୱ ପ୍ରଦାନ କରି ଜିଲ୍ଲାରେ ଘଟୁଥିବା ସଡକ ଦୁର୍ଘଟଣା ରୋକିବା ପାଇଁ ଏହା ବେଶ ସହାୟକ ହେବ । ଆଞ୍ଚଳିକ ପରିବହନ ଅଧିକାରୀ ଜୀତେନ୍ଦ୍ର ଭୋଇଙ୍କ ତତ୍ତ୍ୱାବଧାନରେ ଏହି ସମୟରେ ଜିଲ୍ଲାରେ ଗାଡ଼ି ଯାଞ୍ଚ କଡ଼ାକଡ଼ି କରାଯିବା ସହ ବିଶେଷ କରି ହେଲମେଟ ଓ ସିଟବେଲ୍ଟ ବାଧ୍ୟତାମୂଳକ ବ୍ୟବହାର, ଦ୍ରୁତ ଗତିରେ, ବିନା ଲାଇସେନ୍ସରେ, ମୋବାଇଲ ବ୍ୟବହାର ସହ ଗାଡି ଚାଳନା,କମ୍ ବୟସ୍କ ଗାଡ଼ି ଚାଳକଙ୍କୁ ଫାଇନ୍, ଭାରି ଯାନ ଗାଡ଼ି ଚାଳକଙ୍କ ଚକ୍ଷୁ ପରୀକ୍ଷାକୁ ଗୁରୁତ୍ୱ ଦିଆଯିବ।

### ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

# ପାଣି ନଷ୍ଟ ନ କରିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

**ନୟାଗଡ଼, ୩।୧ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ଜଳ ସମ୍ପଦ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଜଳ ସମ୍ପଦ ଅଧିକ୍ଷଣ ଯନ୍ତ୍ରୀ ପ୍ରିତମ ଚେତନ ପୋଥଲ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ମୁଖ୍ୟବକ୍ତା ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ପଣ୍ଡା, ଉଠା ଜଳସେଚନ ନିର୍ବାହ ଯନ୍ତ୍ରୀ ଖଗେଶ୍ୱର ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର



ଦଳେଇ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଶରଣକୁଳ ଜଳସେଚନ ସବଡିଭିଜନ ଏସଡିଓ ପାଣି ପଞ୍ଚାୟତ ସଦସ୍ୟମାନଙ୍କୁ ଶପଥ ପାଠ କରାଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରାଯାଇଥିଲା। ଜଳର ଅପଚୟ ହେଲେ ଚାଷୀ କ୍ଷତିଗ୍ରସ୍ତ ହୁଏ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ କହିଥିଲେ। ପାଣି ପଞ୍ଚାୟତ କ୍ଷମତା ଓ କାର୍ଯ୍ୟାବଳୀ ବିଷୟରେ ଜିଲ୍ଲାପାଳ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପାଣି ପଞ୍ଚାୟତ ଉପରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ କବି ଗୋପୀନାଥ ସେଠୀ ସଂଯୋଜନା କରିଥିଲେ। ଜଳ ସମ୍ପଦ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯୁବକଙ୍କୁ ହତ୍ୟା! ଅଭିଯୋଗ ଆଣିଲେ ପରିବାର

**ନବରଙ୍ଗପୁର/ରାଇଘର, ୩।୧ (ସଂଚାର ବ୍ୟୁରୋ) :** ନୂଆବର୍ଷ ଭୋଜି ଖାଇ ସାରି ଘରକୁ ଫେରୀ ଗାଁରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ଆଉ ଦେଖାଯାଇନଥିଲେ ଯୁବକ। ପରିବାର ଲୋକେ ଦିନକ ପରେ ମୃତ୍ୟୁର ଖବର ଖବର ପାଇଲେ। ଏଭଳି ଏକ ଘଟଣା ଘଟିଛି କୁନ୍ଦେଇ ଥାନା ଅଧୀନରେ ଥିବା ତୁରୁଡ଼ି ପଞ୍ଚାୟତ ର ତୁରୁଡ଼ି ଆଦିବାସୀ ଗ୍ରାମରେ। ବସନ୍ତ ଗଣ୍ଡଙ୍କ ପୁଅ ରଞ୍ଜନ ଗଣ୍ଡ ନିଜ ଘରେ ନ ରହି ଦୀର୍ଘ ଦିନ ହେବ ରାଇଘର ବାଘବେଡ଼ା ଗ୍ରାମର ନିଜ ସମ୍ପର୍କୀୟ ଘରେ ରହୁଥିଲେ। ନୂଆବର୍ଷର ସପ୍ତାହ ଆଗରୁ ନିଜ ଗ୍ରାମ ତୁରୁଡ଼ି ଆଦିବାସୀରେ ନିଜ ଘରେ ରହୁଥିଲେ। ନୂଆବର୍ଷ ଭୋଜି କରିବା ପାଇଁ ବୁଧବାର ଦିନ ଛତିଶଗଡ଼ ନିଜ ସାଙ୍ଗ ମାନଙ୍କ ସହ ଯାଇଥିଲେ। ସନ୍ଧ୍ୟାରେ ଗାଁରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଯାଇଥିଲେ ଏବଂ ନିଜେ ମଞ୍ଚରେ ନାଚିଥିଲେ। କାର୍ଯ୍ୟକ୍ରମ ସରିବା ପରେ ଆଉ ଘରକୁ ଫେରିନଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ କିନ୍ତୁ କୌଣସି ସନ୍ଧାନ ପାଇନଥିଲେ। ଶୁକ୍ରବାର ଦିନ ଘରଠାରୁ ଏକ କିଲୋମିଟର ଦୂର ନୀଳଗିରି ପ୍ଲଟ ମଧ୍ୟରେ ପଡିଥିବା ଦେଖିବାକୁ ପାଇଥିଲେ। ରଞ୍ଜନ ର ମୁଣ୍ଡରେ ମାଡ଼ ହେବା ସହ ରକ୍ତ ସ୍ରାବ ହୋଇଥିବା ଦେଖି କେହି ତାଙ୍କୁ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ।

# ବାଲିଅନ୍ତା ପ୍ରେସ କ୍ଲବର ବନ୍ଧୁମିଳନ

**ବାଲିଅନ୍ତା, ୩।୧ (ସଂଚାର ବ୍ୟୁରୋ) :** ବାଲିଅନ୍ତା ପ୍ରେସ କ୍ଲବର ବନ୍ଧୁ ମିଳନ ଏବଂ ନିଜସ୍ୱ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁ ମିଳନ ଅବସରରେ ବାଲିଅନ୍ତା, ବାଲକାଟି, ବାଲିପାଟଣା, ନଖରା, ବନମାଳିପୁର, ଧଉଳି, ପିପିଲି, ନିଆଳି ଅଞ୍ଚଳର ୩୦ରୁ ଅଧିକ ସାମ୍ବାଦିକ ଏବଂ ପ୍ରତିଷ୍ଠିତ ବ୍ୟକ୍ତି ଯୋଗ ଦେଇଥିଲେ। ଏନେଇ ସଭାରେ କ୍ଲବ ସଭାପତି ସୋମନାଥ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ସମାଜସେବୀ ପବିତ୍ର ମୋହନ ବେହେରା, ସାଂସଦଙ୍କ ପ୍ରତିନିଧି ଶିବ ମଲ୍ଲିକ, ସାହିତ୍ୟିକ ପୂର୍ଣ୍ଣ ଚନ୍ଦ୍ର ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ନିଜ ନିଜ ମଧ୍ୟରେ ଥିବା ମନୋମାଳିନ୍ୟକୁ ଭୁଲି ସୁସଂଗଠିତ ହୋଇ କାର୍ଯ୍ୟ କରିବାକୁ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ସେହିପରି କଲେଜ ପଡିଆ ନିକଟରେ ବାଲିଅନ୍ତା ପ୍ରେସ କ୍ଲବର ନିଜସ୍ୱ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ସେନାପତି, ମନୋଜ ମଣ୍ଡଳ,ବଟକୃଷ୍ଣ ମହାପାତ୍ର,ଭଗବାନ ନାୟକ, ନବ କିଶୋର ନାୟକ, ନିଶିକାନ୍ତ ପଣ୍ଡା, ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲ୍ଲୀପ ଓଝା, ରମେଶ ରଥ, ଶ୍ରୀପତି ବିଶ୍ୱାଳ, କଟକ ସଦର ପ୍ରେସକ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର, ପ୍ରତାପ କେଶରି ପାତ୍ର,ଚିନମୟ ମହାରଣା, ଅମିତ ପରିଜା, ଜୟଦେବ ନିଉଜ ସମ୍ପାଦକ ଗଗନ ଭୋଇ, ବଦ୍ରି ନାରାୟଣ ମହାପାତ୍ର,ସତ୍ୟବ୍ରତ ଦାସ, ରବି ନାରାୟଣ ସାହୁ, ସନ୍ତୋଷ ଚିହ୍ନରା,ପ୍ରକାଶ ବାରିକଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।



# ବାଘମରା ଖାଦାନରେ ଗଚ୍ଛିତ ଚୋରା ପଥର ନିଲାମ୍

**ନୀଳଗିରି, ୩।୧ (ସଂଚାର ବ୍ୟୁରୋ) :** ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନ ବାଘମରା ପଥର ଖାଦାନରୁ ଚୋରା ପଥର ଖାଦାନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ପଥର ଚୋରିକୁ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଥିଲେ ମଧ୍ୟ ପଥର ମାଫିଆମାନେ ଆଗୁଆ ସୁରାକ ପାଇ ଫେରାର ହେଉଯାଉଥିବାରୁ ଖାଲି ହାତରେ ଫେରିବା ସାର ହେଉଥିଲା। ରାଜସ୍ୱ ବିଭାଗ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ଘଟୁଥିଲା ବେଳେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା।



ତେବେ ନୀଳଗିରି ତହସିଲଦାର ସୋନମ ଦାସ ଓ ବାଲେଶ୍ୱର ମାଇନିଂ ବିଭାଗର ଅଧିକାରିଣି ସନ୍ତୋଷି ସେଠୀ ଗତ ଗୁରୁବାର ଦିନ ବାଘମରା ଖାଦାନରେ ପହଞ୍ଚି ଚୋରା ପଥର ଖାଦାନ ଉପରେ ଚଢାଉ କରି ଗଚ୍ଛିତ ପଥରକୁ ସିଜ୍ କରିଥିଲେ। ଶନିବାର ଅପରାହ୍ଣ ୩ ଘଟିକା ସମୟରେ ଚୋରା ଗଚ୍ଛିତ ପଥରକୁ ପ୍ରକାଶ୍ୟରେ ନିଲାମ କରିଥିଲେ। ୬ଜଣ ନିଲାମଧରିଙ୍କ ଉପସ୍ଥିତିରେ ଡାକରା କରାଯାଇଥିଲା। ସର୍ବୋଚ୍ଚ ନିଲାମଧାରି ଭାବେ ନୀଳଗିରି ଅଞ୍ଚଳର ଜୟନ୍ତ ଦାସ ଛଅ ଲକ୍ଷ ପଚାଶ ହଜାର ଟଙ୍କାରେ ଗଚ୍ଛିତ ପଥରକୁ ନେଇଥିଲେ।

ନିଲାମ ସମୟରେ ନୀଳଗିରି ତହସିଲଦାର ସୋନମ ଦାସ, ଖଣି ଅଧିକାରିଣୀ ସନ୍ତୋଷିନୀ ସେଠୀ, ନିଳଗିରି ପୋଲିସ ଉପସ୍ଥିତ ଥିଲେ।

# ନିଆଁ ଲାଗି ଜଳିଗଲା କୁଇଣ୍ଟାଲ କୁଇଣ୍ଟାଲ ଧାନ



**କାକଟପୁର/ଅସ୍ତରଙ୍ଗ, ୩।୧ (ସଂଚାର ବ୍ୟୁରୋ) :** ଚାଷୀ ଅକ୍ଲାନ୍ତ ପରିଶ୍ରମ କରି ଧାନରୁଆ ପୋତା କରିଥିଲେ। ଧାନ ପାଚି ଅମଳ ଅବସ୍ଥାରେ ଧାନ କିଆରୀରେ ବାହିଆ କରି ଚାଷୀ ରଖିଥିଲେ। ଏତିକି ବେଳେ ପାଚିଲା ଧାନ ବାହିଆରେ ନିଆଁ ଲାଗି କୁଇଣ୍ଟାଲ କୁଇଣ୍ଟାଲ ଧାନ ପୋଡ଼ି ପାଉଁଶ ହୋଇଯାଇଛି। ଫଳରେ ଚାଷୀଙ୍କ ବର୍ଷକ ଆହାର ଧୂଳିସାତ୍ ହୋଇଯାଇଛି। ସୂଚନା ଅନୁସାରେ, ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ବେଳେ ଅସ୍ତରଙ୍ଗ ବ୍ଲକ ପାଟଣା ଗହୀରରେ ସ୍ଥାନୀୟ କରଞ୍ଜପୁର ଅଞ୍ଚଳର ଜନୈକ ଚାଷୀ ୨ ଜଣ ଧାନ ଅମଳ ପରେ ମୁଗ ବୁଣିବା ପାଇଁ ଜମାହୋଇଥିବା କୁଟାରେ ନିଆଁ ଲଗାଇଥିଲେ। ଉତ୍ତରା ପବନ ବୋହିବାରୁ ନିଆଁ ପାଖ କିଆରୀ ଉଡ଼ିବା ସହ ବ୍ୟାପି ଯାଇଥିଲା। ଚାହୁଁ ଚାହୁଁ ପ୍ରାୟ ୧୫ଗୁଣ୍ଠରୁ ଉର୍ଦ୍ଧ ଧାନ ବାହିଆ ହୋଇ ଥୁଆ ହୋଇଥିବା ବେଳେ ପାଚିଲା ଧାନ କ୍ଷଣିକ ମଧ୍ୟରେ ଜଳି ଯାଇଥିଲା। ଖବର ପାଇଁ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ଏବଂ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଛନ୍ତି। ଘଟଣାକୁ କେନ୍ଦ୍ର କରି ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ଉଠିଛି।

# ବିଦ୍ୟୁତ କର୍ମଚାରୀଙ୍କ ଆନ୍ଦୋଳନ

### ସ୍ୱଳ୍ପ ପାରିଶ୍ରମିକରେ ଦୂର ସ୍ଥାନକୁ ବଦଳି ବାତିଲ ଦାବି




**କାକଟପୁର/ଅସ୍ତରଙ୍ଗ, ୩।୧ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବିଦ୍ୟୁତ କାର୍ଯ୍ୟାଳୟ ସାମ୍ନାରେ ନିଖିଳ ଓଡିଶା ବିଦ୍ୟୁତ ମଜଦୂର ମହାସଂଘ ତରଫରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଛି। ବାରମ୍ବାର ପ୍ରତିଶ୍ରୁତି ପାଇବା ପରେ ପ୍ରତାରିତ ହୋଇ ଶେଷରେ ନିଜ ହାତରେ ଫ୍ଲାକ କାର୍ଡ ଧରି ଧାରଣାରେ ବସିଛନ୍ତି କର୍ମଚାରୀ। ସ୍ୱଳ୍ପ ପାରିଶ୍ରମିକ ସାଙ୍ଗକୁ ଦୂର ସ୍ଥାନକୁ ବଦଳି କରିଛି ଠିକାସଂସ୍ଥା ଯାହାକୁ ବିରୋଧ କରିଛନ୍ତି କର୍ମଚାରୀ।

ସୂଚନା ମୁତାବକ ବିଭିନ୍ନ ଦାବିକୁ ନେଇ ସରକାରଙ୍କ ସହ ଅନେକ ଥର ଆଲୋଚନା ହୋଇଥିଲେ ମଧ୍ୟ ସଙ୍ଘର ସ୍ୱାର୍ଥକୁ ନେଇ ଏଯାବତ ନିଷ୍ପତି ହୋଇପାରିନାହିଁ। ଯାହାକୁ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବିଦ୍ୟୁତ କାର୍ଯ୍ୟାଳୟ ମୁଖ୍ୟ ଅଫିସ ସାମ୍ନାରେ ନିଖିଳ ଓଡିଶା ବିଦ୍ୟୁତ ମଜଦୂର ମହାସଂଘ କର୍ମଚାରୀମାନେ ନିଜ କାର୍ଯ୍ୟ ବନ୍ଦ କରି ନିଜ ହାତରେ ଫ୍ଲାକ କାର୍ଡ ଧରି ଟାଟା ପାୱାର ଉପରେ ବର୍ଷୀଛନ୍ତି। ଫ୍ଲାକ କାର୍ଡରେ ଟାଟା ପାୱାର ତୁମ ମନମୁଖି ଇଂରେଜ ଶାସନ ଆଉ ଶ୍ରମିକ ମାରଣ ନୀତି ଚଳିବ ନାହିଁ, ତୁମ ମନମୁଖି ହୀନ ରାଜନୀତି, ଆକ୍ରୋଶ ଏବଂ ଉଦେଶ୍ୟ ମୂଳକ ଅନୀତି ଚଳିବ ନାହିଁ, କର୍ମଚାରୀ ଶୋଷଣ ନୀତି ବନ୍ଦ କର, ନାଲି ଆଖି ଦେଖି ଡରିବ ନାହିଁ କି ଶ୍ରମିକ ଭାଗ ଭାଗ ନୀତିକୁ ବରଦାସ୍ତ କରିବ ନାହିଁ ଏମିତି ଅନେକ କିଛି ଲେଖା ଥିବା ଫ୍ଲାକ କାର୍ଡ ଧରିଥିଲେ ଧାରଣାରତ କର୍ମଚାରୀ।

### ଖୋର୍ଦ୍ଧା ରୋଡ ଷ୍ଟେସନରେ ଯାତ୍ରୀଙ୍କ ପାଇଁ ନୂଆ ସୁବିଧା

# ମଲ୍ଟି ବ୍ରାଣ୍ଡେଡ୍ ରେଲ୍ କୋଚ୍ ରେଷ୍ଟୁରାଣ୍ଟ

**ଖୋର୍ଦ୍ଧା, ୩।୧ (ସଂଚାର ବ୍ୟୁରୋ) :** ରେଳ ଷ୍ଟେସନରେ ଯାତ୍ରୀମାନଙ୍କୁ ଏକ ନିଆରା ଖାଦ୍ୟପାନୀୟର ଅଭିଜ୍ଞତା ଯୋଗାଇବା ପାଇଁ ଏକ ଅଭିନବ ପ୍ରୟାସରେ, ଖୋର୍ଦ୍ଧା ରୋଡ ରେଳ ଷ୍ଟେସନରେ ଏକ "ମଲ୍ଟି ବ୍ରାଣ୍ଡେଡ୍ ରେଳ କୋଚ୍ ରେଷ୍ଟୁରାଣ୍ଟ" ଖୋଲା ଯାଇଛି। ଯାତ୍ରୀମାନେ ବର୍ତ୍ତମାନ ଏହି ସୌନ୍ଦର୍ଯ୍ୟମୟ ଭାବରେ ପରିକଳ୍ପିତ ରେଳ କୋଚ୍ ଭିତରେ ଭୋଜନ କରିପାରିବେ କିମ୍ବା ଖୋର୍ଦ୍ଧା ରୋଡ ରେଳ ଷ୍ଟେସନରୁ ଯାତ୍ରା କରିବା ପୂର୍ବ ରୁ ଖାଇବା ଅର୍ଡର୍ କରିକି ନେଇପାରିବେ। ଏହି ରେଳ କୋଚ୍ ରେଷ୍ଟୁରାଣ୍ଟରେ ଚାରୋଟି ପ୍ରସିଦ୍ଧ ବ୍ରାଣ୍ଡର ସୁସ୍ୱାଦୁ ଶାକାହାରୀ ଏବଂ ଅଣ-ଶାକାହାରୀ ଖାଦ୍ୟ ଯଥା ପିଜା ହାଟ, ୱାଓ ମୋମୋସ୍, ନେସ୍କାଫେ ଏବଂ ନାରୁଲା ମିଠା ଓ କୁଲ୍ଫି ଉପଲବ୍ଧ।



ଶ୍ରୀମତୀ ଗୁର୍ ସିମ୍ରନ୍ କୌର୍, ପୂର୍ବ ତଟ ରେଲୱେ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ, ପୂର୍ବ ତଟ ରେଳ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ, ଉପ ସଭାନେତ୍ରୀ ଏବଂ ପୂର୍ବ ତଟ ରେଳବାଇ ମହିଳା କଲ୍ୟାଣ ସଂଗଠନର ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ରେଳ କୋଚ୍ ରେଷ୍ଟୁରାଣ୍ଟ ଉଦଘାଟନ ହୋଇଥିଲା। ଏହି କୋଚ୍ ରେଷ୍ଟୁରାଣ୍ଟ ଭିତରେ ୫୬ ଜଣ ଏକା ସାଙ୍ଗରେ ବସିକି ଖାଇପରିବେ ଏବଂ କୋଚ୍ ବାହାରେ ଥିବା କିଓସ୍କ ଗୁଡିକରୁ ମଧ୍ୟ ଖାଦ୍ୟର ମଜା ନେଇ ପାରିବେ। ଏହି କୋଚ୍ ରେଷ୍ଟୁରାଣ୍ଟ ସକାଳ ୬ ଟାରୁ ରାତି ୧୧ ଟା ପର୍ଯ୍ୟନ୍ତ ଖୋଲା ରହିବ ଏବଂ ଯାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଆବଶ୍ୟକତା ଅନୁଯାୟୀ ଏହାର ଖୋଲିବାର ସମୟ ବୃଦ୍ଧି କରାଯିବ। ଆଗାମୀ ଦିନରେ ଡିଭିଜନ୍‌ରେ କେତେକ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନରେ ଏଭଳି ରେଳ କୋଚ୍ ରେଷ୍ଟୁରାଣ୍ଟ ଖୋଲିବାକୁ ଖୋର୍ଦ୍ଧା ରୋଡ ମଣ୍ଡଳ ଯୋଜନା କରୁଛି।



**ପେଟ ପାଇଁ ନାଟ:** ରାଜଧାନୀର ରାସ୍ତାରେ କିଛି ମହିଳା ଜାଳେଣୀ ସଂଗ୍ରହ କରି ନେଉଛନ୍ତି। (ଫଟୋ:ଚନ୍ଦ୍ରଶେଖର)

## ଆଉ ଦୁଇ ଦିନ ପ୍ରବଳ ଶୀତ

**ଭୁବନେଶ୍ୱର,୩।୧ (ସଂଚାର ବ୍ୟୁରୋ):** ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ଜାଡ ଜାରି ରହିବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସାରା ରାଜ୍ୟରେ ଏବେ ଶୀତର ରାଜୁତି। ଉପକୂଳ ଅପେକ୍ଷା ଅଧିକ ଥରୁଛି ଆଭ୍ୟନ୍ତରୀଣ ଓଡ଼ିଶା। ଆଜି ୫ ଡିଗ୍ରୀ ତଳକୁ ଖସିଛି ଜି ଉଦୟଗିରିର ତାପମାତ୍ରା। ବିଶେଷ କରି ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ଶୀତ ବଢ଼ିବ। ଝାରସୁଗୁଡା, ସୁନ୍ଦରଗଡ, କନ୍ଧମାଳ, କଳାହାଣ୍ଡି, ସମ୍ବଲପୁର, ବରଗଡ଼, ଅନୁଗୁଳ, ଢେଙ୍କାନାଳ, ବଲାଙ୍ଗୀର, ସୋନପୁର, ବୌଦ୍ଧ, କୋରାପୁଟ, ନବରଙ୍ଗପୁର ଆଦି ଜିଲ୍ଲାରେ ଅଧିକ ଶୀତ ଅନୁଭୂତ ହେବ। ଦୁଇ ଦିନ ପର୍ଯ୍ୟନ୍ତ ଶୀତ ଅନୁଭୂତ ହେବ। ପରେ ପଶ୍ଚିମାଝଡ ପ୍ରଭାବରେ ରାଜ୍ୟରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଫଳରେ ରାଜ୍ୟକୁ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବାହ ବଢ଼ିବ। ପ୍ରଭାବରେ ତାପମାତ୍ରା ବୃଦ୍ଧି ହେବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡି ନେଇ ୪ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ସୁନ୍ଦରଗଡ,

# ରାଜଧାନୀ ବିକାଶ ପାଇଁ ଅପରାଜିତାଙ୍କ ପ୍ରସ୍ତାବ



- ନନ୍ଦନକାନନ ରାସ୍ତାର ପ୍ରଶସ୍ତିକରଣ, ୨୦୦ ଫୁଟିଆ କରାଯାଉ ରାସ୍ତା
- କଳ୍ପନାରୁ ରବି ଟକିଜକୁ ଫ୍ଲାଏ ଓଭର, ଶିଶୁ ଭବନ ଛକରୁ ମ୍ୟୁଜିୟମ ଛକ ଯାଏ ଫ୍ଲାଏ ଓଭର
- ଭୁବନେଶ୍ୱର ବାହାରେ ଏକ ରିଙ୍ଗ ରୋଡ୍ ପ୍ରକଳ୍ପ କରାଯାଉ। ୧୪୮ କିମି ଲମ୍ବ ବିଶିଷ୍ଟ ପ୍ରସ୍ତାବିତ ରିଙ୍ଗ ରୋଡ୍ ପାଇଁ ଦାବି
- ଦୟା ପଶ୍ଚିମ କେନାଲ ଓ ସଂଯୋଗ କରୁଥିବା ରାସ୍ତାର ଉନ୍ନତି କରଣ
- ସହିଦନଗର ହାଟର ଜମି ଅଧିଗ୍ରହଣ ପାଇଁ ସୁପାରିଶ ଓ , ହାଟର ଉନ୍ନତିକରଣ ପାଇଁ ଯୋଜନା ଏବଂ
- ନୟାପଲ୍ଲୀରେ ବରିଷ୍ଠ ନାଗରିକଙ୍କ ପାଇଁ କମ୍ୟୁନିଟି ହଲର ନିର୍ମାଣ

**ଭୁବନେଶ୍ୱର,୩।୧ (ସଂଚାର ବ୍ୟୁରୋ):** ଆଜି ମାନନୀୟ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ନବବର୍ଷ ଶୁଭେଚ୍ଛା ଜଣାଇବା ସହିତ ଭୁବନେଶ୍ୱର ର ଉନ୍ନତି କଳ୍ପେ ୬ଟି ପ୍ରସ୍ତାବ ପ୍ରଦାନ କରିଛନ୍ତି । ଏହି ଅବସରରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ । ଗତ ୧୪-୯-୨୦୨୪ରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅଂଚଳ ଲୋକଙ୍କ ପାଇଁ ସାଂସଦ ମହୋଦୟା, ୪ଟି ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବ ଗୁଡ଼ିକ ଉପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଶୀଘ୍ର କାର୍ଯ୍ୟ ହାତକୁ ନେଇ ଆଗ୍ରହ ଦେଖାଇଥିଲେ। ଯାହାକୁ ନେଇ ୨୦୨୫ ବର୍ଷ ଆରମ୍ଭରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଭାବରେ ଧନ୍ୟବାଦ ଜଣାଇଛନ୍ତି ଭୁବନେଶ୍ୱର ସାଂସଦ । ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିକାଶ ନେଇ ସଦା ଚେଷ୍ଟିତ ଥିବା ସାଂସଦ ଅପରାଜିତା ଷଡ଼ଙ୍ଗୀ ଆଜିର ସାକ୍ଷାତ ଅବସରରେ ଭୁବନେଶ୍ୱରବାସୀଙ୍କ ପାଇଁ ଆଉ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏହି ୬ଟି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ, ବିଶେଷ ଭାବରେ ଭୁବନେଶ୍ୱର ବାସିନ୍ଦା ବେଶ୍ ଉପକୃତ ହେବେ ବୋଲି ସାଂସଦ ଅପରାଜିତା ଷଡ଼ଙ୍ଗୀ ମତବ୍ୟକ୍ତ କରିଛନ୍ତି । ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ର ୪ଟି ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲି , କାମ ଆରମ୍ଭ ହେଇସାରିଛି। ଗୋଟେ ସାରିଯାଉଛି। ଆଜି ଆଉ ୬ଟି ବିଷୟ ନେଇ ମୁଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଖୋର୍ଦ୍ଧା ଜଟଣୀ , ବେଗୁନିଆ, ଦେଲାଙ୍ଗ ଲୋକଙ୍କ ଆର୍ଓଆର୍ ରହିଛି। ୧୫୬ ଟି ଗାଁ କୁ ଜଗନ୍ନାଥ ଜମି ଦିଆ ଯାଇଥିଲା। ୩୬ ଟି ଗାଁ ର ଲୋକଙ୍କୁ ପାଖାପାଖି ୧ଲକ୍ଷ ୨୦ ହଜାର ଲୋକେ ଜମି ପାଇବାରୁ ବଞ୍ଚିତ ଅଛନ୍ତି। ୨୦୧୪ ମସିହାରେ କୋର୍ଟ ନିର୍ଦ୍ଦେଶ ଦେଇଥିଲା ଜମି ଦେବା ପାଇଁ । ଏହି ଜମି ତାଙ୍କୁ ଦିଆଯିବ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଜଟଣୀ ରେ ନିର୍ମାଣ ହେବ ୫୬୮ ଭେଣ୍ଡିଙ୍ଗ ଜୋନ । ୧୬ କୋଟି ୫୮ ଲକ୍ଷ ଟଙ୍କା ବ୍ୟବରାଦ ହେଇଚି। ରାଜଧାନୀ ଭୁବନେଶ୍ୱରର ବିକାଶ ହେଲେ, ଏହା ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡଙ୍ଗୀ । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାର, କ୍ଷମତାକୁ ଆସିବା ପରଠାରୁ ଆକ୍ସନ ମୋଡରେ ବିଭିନ୍ନ ଉନ୍ନତିକରଣ କାର୍ଯ୍ୟକୁ ହାତକୁ ନେଇଛନ୍ତି । ସାଧାରଣ ଲୋକଙ୍କ ସରକାର, ବିଜେପି ସରକାର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହି ଅବସରରେ ଭୁବନେଶ୍ୱରର ବର୍ଷ ବର୍ଷ ଧରି ସାଧାରଣ ଜନତାଙ୍କ ବିଭିନ୍ନ ଦାବିକୁ ପ୍ରସ୍ତାବ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଁଚାଇବାରେ, ଭୁବନେଶ୍ୱର ସାଂସଦ ବଡ଼ ଭୂମିକା ଗ୍ରହଣ କରିଛନ୍ତି। ବିଶେଷ କରି ଏହି ୬ଟି ପ୍ରସ୍ତାବ କାର୍ଯ୍ୟକ୍ଷମ ହେଲେ, ରାଜଧାନୀ ଭୁବନେଶ୍ୱରରେ ବହୁ ଗୁଣରେ ଟ୍ରାଫିକ ସମସ୍ୟା ଦୂର ହେବ।

# ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମର ଶୁଭାରମ୍ଭ



**ଭୁବନେଶ୍ୱର,୩।୧ (ସଂଚାର ବ୍ୟୁରୋ):** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓର୍ମାସ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ ଦୀନ୍ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା (ଡିଡିୟୁ-ଜିକେୱାଇ)ର ତାଲିମ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା କଣ୍ଟାବାଡ଼ଠାରେ ଥିବା ଡିଡିୟୁ-ଜିକେୱାଇର ଦୁଇଟି ତାଲିମ୍ କେନ୍ଦ୍ରରେ ଏହି ତାଲିମ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ଶ୍ରୀ ନାଏକ ପ୍ରଥମେ ସାହାନା କ୍ଲୋଥିଂ କମ୍ପାନି ଦକ୍ଷତା ବିକାଶ ତାଲିମ୍ କେନ୍ଦ୍ରରେ ତାଲିମ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସେଠାରେ ସିଲାଇ ମେସିନ୍ ଅପରେଟର ଟ୍ରେଡ୍‌ରେ ତାଲିମ୍ ଗ୍ରହଣ କରୁଥିବା ପ୍ରଶିକ୍ଷାର୍ଥୀଙ୍କ ସହିତ ମନ୍ତ୍ରୀ ବାର୍ତ୍ତାଳାପ କରିବା ସହ ସିଲାଇ ମେସିନ୍ ଲାବ୍, କମ୍ପ୍ୟୁଟର ଲ୍ୟାବ୍, କ୍ୟାଣ୍ଟିନ୍, ହଷ୍ଟେଲ ଏବଂ ଶ୍ରେଣୀଗୃହ ଆଦି ବୁଲି ଦେଖିଥିଲେ । ପରେ ଆୟୋଜିତ ସଭାରେ ନବାଗତା ପ୍ରଶିକ୍ଷାର୍ଥୀମାନଙ୍କୁ ମନ୍ତ୍ରୀ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ । ଏଥି ସହ ପୂର୍ବରୁ ସିଲାଇ ମେସିନ୍ ଅପରେଟର ଟ୍ରେଡ୍‌ରେ ତାଲିମ୍ ଗ୍ରହଣ କରି ସାହାନା କମ୍ପାନିରେ ତାମିଲନାଡୁର କୋଏମ୍ବାଟୁର ସହରରେ ଚାକିରି କରିଥିବା ଓଡ଼ିଆ ଯୁବତୀଙ୍କ ସହ ଆଭାସି ଜରିଆରେ ମନ୍ତ୍ରୀ ଶ୍ରୀ ନାଏକ ବାର୍ତ୍ତାଳାପ କରିବା ସହ ସେମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ । ତାଲିମ୍ ବ୍ୟବସ୍ଥାରେ ବିଭିନ୍ନ ସୁବିଧା ଓ ପ୍ରଶିକ୍ଷାର୍ଥୀମାନଙ୍କ ଅନୁଭୂତି ଜାଣିବା ପରେ ମନ୍ତ୍ରୀ ଓର୍ମାସ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାକୁ ନେଇ ଖୁସି ପ୍ରକଟ କରିଥିଲେ।

ଏହା ପରେ କଣ୍ଟାବାଡ଼ଠାରେ ଥିବା କଟନ୍ ବ୍ଲସମ୍ କମ୍ପାନି ତାଲିମ କେନ୍ଦ୍ରରେ ମନ୍ତ୍ରୀ ତାଲିମ୍ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ତାଲିମ କେନ୍ଦ୍ର ପ୍ରଦର୍ଶନ କରିବା ସହ ସେଠାରେ ପ୍ରଶିକ୍ଷାର୍ଥୀମାନଙ୍କ ସହିତ ତାଲିମ ବ୍ୟବସ୍ଥା, ହଷ୍ଟେଲ ସୁବିଧା, ସେମାନଙ୍କ ପରିବାର କଥା ଆଦି ପ୍ରସଙ୍ଗରେ କଥାବାର୍ତ୍ତା କରିଥିଲେ

ଜିଲ୍ଲା ପ୍ରଶାସନ, ଖୋର୍ଦ୍ଧା ଏବଂ ଓର୍ମାସ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓର୍ମାସ୍‌ର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ସମେତ ଓର୍ମାସ୍‌ର ବରିଷ୍ଠ ଅଧିକାରୀ, ଖୋର୍ଦ୍ଧା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଦୁଇ ତାଲିମ୍ କେନ୍ଦ୍ରର କର୍ମଚାରୀ ଉପସ୍ଥିତ ଥିଲେ । କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଏହି ଡିଡିୟୁ-ଜିକେୱାଇ ଯୋଜନାରେ ୨୦୨୫-୨୬ ବର୍ଷ ପାଇଁ ୧୧ ହଜାର ୪୩୨ ଜଣ ଯୁବକଯୁବତୀଙ୍କୁ ତାଲିମ ପ୍ରଦାନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥି ପାଇଁ ୧୩ଟି ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାକୁ ଚୟନ କରାଯାଇଛି । ୧୩ଟି କେନ୍ଦ୍ରରେ ଏହି ତାଲିମ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି ।

## ନୂଆପଡ଼ା ସୀମାନ୍ତରେ ଏନକାଉଣ୍ଟର ୩ ନକ୍ସଲ ନିହତ

**ନୂଆପଡ଼ା,୩।୧ (ସଂଚାର ବ୍ୟୁରୋ):** ନୂଆବର୍ଷ ଆରମ୍ଭରୁ ସୁରକ୍ଷାକର୍ମୀଙ୍କୁ ବଡ଼ସଫଳତା। ଯବାନ-ମାଓବାଦୀ ଗୁଳି ବିନିମୟରେ ଟଳିଲେ ୩ ନକ୍ସଲ। ନୂଆପଡାର ସୀମାନ୍ତ ଜଙ୍ଗଲ ତଥା ଛତିଶଗଡ଼ର ଗରିଆବନ୍ଧ ଜିଲ୍ଲା କଣ୍ଡାସର, ନାଗେସ ଗାଁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଏହି ଏନକାଉଣ୍ଟର ହୋଇଛି। ଜାରି ରହିଛି ସର୍ଚ୍ଚ ଅପରେସନ। ଉଭୟ ରାଜ୍ୟର ଯବାନ ଏହି କମ୍ବିଂ ଅପରେସନରେ ସାମିଲ ଥିଲେ। ନୂଆପଡା ସିଆରପିଏଫ୍, ଏସଓଜି, ଡିଏଫ ଯବାନ ସମେତ ଛତିଶଗଡର ଯବାନ ମିଳିତ ଭାବେ କମ୍ବିଂ ଅପରେସନ କରୁଥିଲେ । କଣ୍ଡାସର ଗାଁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ମାଓବ୍ୟାଙ୍କ ରହିଥିବା ଉଭୟ ଛତିଶଗଡ଼-ନୂଆପଡା ଯବାନଙ୍କୁ ଗୁଇନ୍ଦା ଖବର ମିଳିଥିଲା । ଖବର ପାଇବା ପରେ ଗରିଆବନ୍ଧ ଆରକ୍ଷୀ ଅଧିକ୍ଷକ,ନୂଆପଡା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଉଭୟ ରାଜ୍ୟ ଯବାନଙ୍କ ମିଳିତ କମ୍ବିଂ ଅପରେସନକୁ ଜୋରଦାର କରାଯାଇଥିଲା। ଯବାନଙ୍କ ସର୍ଚ୍ଚ ଅପରେସନ ଖବର ପାଇ ଯବାନଙ୍କୁ ଆକ୍ରମଣ କରିଥିଲେ ନକ୍ସଲ। ଯାହାର ପାଲଟା ଜବାବ ଦେଇଥିଲେ ଯବାନ । ଏହି ଗୁଳି ବିନିମୟରେ ୩ ନକ୍ସଲ ନିପାତ ହୋଇଛନ୍ତି। ଘଟଣାସ୍ଥଳରୁ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି ।

## ରାଜ୍ୟ ବଜେଟ୍ ପାଇଁ ମତାମତ ଲୋଡ଼ିଲେ ସରକାର

**ଭୁବନେଶ୍ୱର,୩।୧ (ସଂଚାର ବ୍ୟୁରୋ):** ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ପ୍ରସ୍ତୁତି ପାଇଁ ସାଧାରଣ ଲୋକଙ୍କଠୁ ଆରମ୍ଭ କରି ବିଭିନ୍ନ ସଂଗଠନ ଓ ସଂସ୍ଥାଠୁ ମତାମତ ଲୋଡ଼ିଛି ଅର୍ଥ ବିଭାଗ । ଚଳିତ ମାସ ୩୧ତାରିଖ ପର୍ଯ୍ୟନ୍ତ ଏହି ମତାମତ ପଠାଇ ରାଜ୍ୟ ସରକାରଙ୍କ ବଜେଟ୍ ପ୍ରସ୍ତୁତି କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ କରିବାକୁ ବିଭାଗ ଅନୁରୋଧ କରିଛି ।ଅର୍ଥ ବିଭାଗ ପକ୍ଷରୁ ଜାରି ସୂଚନା ଅନୁସାରେ, ୨୦୨୫-୨୬ ଆର୍ଥିକ ବର୍ଷ ବଜେଟ୍ ପ୍ରସ୍ତୁତ ପାଇଁ ଅର୍ଥ ବିଭାଗ ଏକ ନିର୍ଦ୍ଦିଷ୍ଟ ଢାଂଚାରେ ଜନସାଧାରଣଙ୍କଠୁ ପରାମର୍ଶ ଆହ୍ୱାନ କରିଛନ୍ତି । ଯାହାକି ବଜେଟ୍ ଓଡ଼ିଶା ୱେବପୋର୍ଟାଲରେ ଉପଲବ୍ଧ । ଏଥିରେ ସର୍ବାଧିକ ୫୦୦ଶବ୍ଦରେ ରାଜସ୍ୱ, ବ୍ୟୟ ଓ ଅନ୍ୟାନ୍ୟ ଭଳି ୩ଟି ବର୍ଗରେ ନିଜର ମତାମତ ଦେଇହେବ । ଜନସାଧାରଣ, ନାଗରିକ ସମାଜ, ବିଭିନ୍ନ ସଂଘ ଓ ଅନ୍ୟାନ୍ୟ ହିତାଧିକାରୀମାନେ ନିଜର ପରାମର୍ଶଗୁଡ଼ିକୁ ଇ-ମେଲ୍ ଦ୍ୱାରା odisha.budget@gov.in ଠିକଣାରେ ପଠାଇପାରିବେ। ସେହିପରି ବଜେଟ୍ ସମ୍ବନ୍ଧୀୟ ମତାମତକୁ ହ୍ୱାଟସଅପ୍ ନମ୍ବର-୯୪୩୮୧୬୧୧୧୧ ଓ ଅର୍ଥ ବିଭାଗର ସୋସିଆଲ ମିଡିଆ ଆକାଉଣ୍ଟ (ଏକ୍ସ,ଫେସବୁକ, ଇନଷ୍ଟାଗ୍ରାମ) ଦ୍ୱାରା ମଧ୍ୟ ପଠାଇପାରିବେ। ସୂଚନାଯୋଗ୍ୟ, ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟର ମୋହନ ମାଝୀ ସରକାର ୨.୬୫ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ।୨୦୨୫-୨୬ ଆର୍ଥିକ ବର୍ଷର ରାଜ୍ୟ ବଜେଟ୍ ଆସନ୍ତା ଫେବୃୟାରୀ ଶେଷ ସପ୍ତାହରେ ଉପସ୍ଥାପନ ହେବ ବୋଲି ଜଣାପଡ଼ିଛି ।

## କମିଶନରେଟ ପୋଲିସର ହେଲ୍ପଲାଇନ୍ ନମ୍ବର




**ଭୁବନେଶ୍ୱର,୩।୧ (ସଂଚାର ବ୍ୟୁରୋ):** ୮ ତାରିଖରୁ ରାଜଧାନୀରେ ଆରମ୍ଭ ହେବାକୁ ଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସରେ ୪୫ରୁ ଅଧିକ ଦେଶରେ ବାସ କରୁଥିବା ପ୍ରବାସୀ ଭାରତୀୟ ଯୋଗଦେବେ । ଏପର୍ଯ୍ୟନ୍ତ ୪୫ ଦେଶରୁ ପାଖାପାଖି ୧୫ଶହ ପ୍ରବାସୀ ଭାରତୀୟ ପଞ୍ଜିକରଣ କଲେଣି। ସେମାନଙ୍କ ପାଇଁ ସ୍ୱତନ୍ତ୍ର ଟୁର୍ ପ୍ୟାକେଜ୍ ମଧ୍ୟ କରାଯାଇଛି । ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ଭୁବନେଶ୍ୱର ଜନତା ମଇଦାନରେ ପ୍ରସ୍ତୁତି ଜୋରସୋର୍। ଏହି ସମ୍ମିଳନୀ ପୂର୍ବରୁ ଖଲିସ୍ତାନୀ ଆତଙ୍କୀ ପନ୍ନୁର ଇ-ମେଲ୍ ଧମକ ପରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଲର୍ଟ ମୋଡ଼ରେ ରହିଛି କମିଶନରେଟ୍ ପୋଲିସ । ରାଜଧାନୀରେ ମୁତୟନ ହେବେ ୪୦ ପ୍ଲାଟୁନ୍ ଫୋର୍ସ। ସୁରକ୍ଷା ବ୍ୟବସ୍ଥାରେ ନଜର ରଖିବେ ୬୫୦ ବରିଷ୍ଠ ପୋଲିସ ଅଫିସର। ସୁରକ୍ଷା ଦାୟିତ୍ୱରେ ରହିବେ ସେଣ୍ଟ୍ରାଲ ଆର୍ମ ଫୋର୍ସ । ପ୍ରବାସୀ ଭାରତୀୟଙ୍କ ପାଇଁ ହେଲ୍ପ ଲାଇନ୍ ନମ୍ବର ୧୯୬୫ ଜାରି କରିଛି ପୋଲିସ। ପ୍ରବାସୀ ଭାରତୀୟଙ୍କ ସେବାରେ ୭ଶହ ପ୍ରବାସୀ ମିତ୍ର କାମ କରିବେ ବୋଲି କହିଛନ୍ତି ପୋଲିସ କମିଶନର ।

## ସ୍କାନରରେ ରହିବେ ଓଡ଼ିଶା ଆସୁଥିବା ବିଦେଶୀ ପକ୍ଷୀ



**୬ରୁ ଚିଲିକା ବିହଙ୍ଗ ଉତ୍ସବ**

**ଭୁବନେଶ୍ୱର,୩।୧ (ସଂଚାର ବ୍ୟୁରୋ):** ଏଣିକି ନୂଆ ଟେକ୍ନୋଲୋଜି ବ୍ୟବହାର କରି ହେବ ପକ୍ଷୀ ଏବଂ କଇଁଛ ଗଣନା କରାଯିବ। ଇରାନ ଓ ସିରିଆରୁ ଆସୁଥିବା ପକ୍ଷୀଙ୍କ ଦେହରେ ଲଗାଯିବ ସାଟେଲାଇଟ୍ ରିଙ୍ଗ। ବିଭିନ୍ନ ପ୍ରଜାତିର ପକ୍ଷୀଙ୍କୁ ହାରନେସ କଲର ମାଧ୍ୟମରେ କରାଯିବ ଚିହ୍ନଟ କରାଯିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ କହିଛନ୍ତି। ସେହିଭଳି କଇଁଛ ମାନଙ୍କ ଗଣନା ପାଇଁ ବ୍ୟବହାର ହେବ ନୂଆ ଟେକ୍ନୋଲୋଜିର ବ୍ୟବହାର କରାଯିବ। ଏନେଇ ୱାଇଲ୍ଡଲାଇଫ ଅଫ ଇଣ୍ଡିଆର ଅନୁମତି ନିଆଯାଇଛି ବୋଲି ସେ କହିଛନ୍ତି। ଚିଲିକା, ଅଂଶୁପା, ହୀରାକୁଦ ଏବଂ ଭିତରକନିକାକୁ ଆସୁଥିବା ପକ୍ଷୀଙ୍କ ଗଣନା ବି ସମାନ ଢଙ୍ଗରେ କରାଯିବ। ଏବେ ଦେଶ ବିଦେଶରୁ ୧୮୪ ପ୍ରଜାତିର ପକ୍ଷୀ ଚିଲିକା ଆସୁଛନ୍ତି। ଟେକ୍ନୋଲୋଜିର ବ୍ୟବହାର ଦ୍ୱାରା ଓଡ଼ିଶାରୁ ଫେରୁଥିବା ପକ୍ଷୀଙ୍କ ଗତିବିଧି ଜାଣିହେବ। ସେହିଭଳି ସେ କହିଛନ୍ତି ଯେ, ଆସନ୍ତା ୬ ତାରିଖରୁ ଆରମ୍ଭ ହେବ ଚିଲିକା ବିହଙ୍ଗ ଉତ୍ସବ। ୧୨ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ବିଭିନ୍ନ ସ୍ଥାନରେ ଚାଲିବ। ୬ ତାରିଖରେ ଏହି ଉତ୍ସବ ଲୋକସେବା ଭବନର କନଭେନସନ ସେଣ୍ଟରରେ ଉଦଘାଟନ ହେବ। ଚିଲିକାର ସୌନ୍ଦର୍ଯ୍ୟ, ଜୈବବିବିଧତା, ସୁରକ୍ଷା ଏବଂ ଗୋଷ୍ଠୀ ପରିଚାଳିତ ସଂରକ୍ଷଣର ଗାରିମାମୟ ଐତିହ୍ୟକୁ ଅଧିକ ଋଦ୍ଧିମନ୍ତ କରିବା ପାଇଁ ଏହି ବିହଙ୍ଗ ଉତ୍ସବ କରାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କୁ ଲାଭାଂଶ ଦେଲା ପଣ୍ୟାଗାର ନିଗମ




**ଭୁବନେଶ୍ୱର,୩।୧ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ପକ୍ଷରୁ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ସରକାରଙ୍କ ଲାଭାଂଶ ଭାବେ ୪.୩୬ କୋଟି ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ଆର୍ଥିକ ବର୍ଷ ୨୦୧୯-୨୦ ଏବଂ ୨୦୨୦-୨୧ ନିମନ୍ତେ ଆଜି ଏହି ଲାଭାଂଶ ପ୍ରଦାନ କରାଯାଇଛି ।

ଏହି ଅବସରରେ ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ, ସମବାୟ ବିଭାଗ କମିଶନର-ତଥା-ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ ଏବଂ ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମିହିର ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ ।

ଏହାର ଭଣ୍ଡାରଣ କ୍ଷମତାର ସୁବିନିଯୋଗ ଯୋଗୁଁ ନିଗମ କ୍ରମାଗତ ଭାବରେ ଲାଭାନ୍ୱିତ ହେଉଛି ଏବଂ ଏହାର ଦୁଇ ଅଂଶୀଦାରଙ୍କୁ ଅର୍ଥାତ୍ ରାଜ୍ୟ ସରକାର ଏବଂ କେନ୍ଦ୍ରୀୟ ଭଣ୍ଡାରଣ ନିଗମ ଙ୍କୁ ନିୟମିତ ଭାବରେ ଡିଭିଡେଣ୍ଡ୍ ପ୍ରଦାନ କରୁଅଛି ।

ସୂଚନାଯୋଗ୍ୟ ଯେ, ଆର୍ଥିକ ବର୍ଷ୨୦୧୯-୨୦ ଏବଂ ୨୦୨୦-୨୧ ପାଇଁ ନିଗମର ମୋଟ ଲାଭ ହେଉଛି ଯଥା କ୍ରମେ ୬,୩୬,୯୫,୫୫୬ଟଙ୍କା ଏବଂ ୨୨,୭୧,୭୯,୪୫୪ ଟଙ୍କା। ତେଣୁ ଏହି ଦୁଇ ବର୍ଷ ପାଇଁ ମୋଟ ଲାଭର ୩୦% ହିସାବରେ ଡିଭିଡେଣ୍ଡ୍ ରାଶି ଯାହାକି ୮,୭୨,୬୨,୫୦୨ଟଙ୍କାକୁ ଉଭୟ ଅଂଶୀଦାରଙ୍କୁ ରାଜ୍ୟ ସରକାର ଏବଂ କେନ୍ଦ୍ରୀୟ ଭଣ୍ଡାରଣ ନିଗମ ସମ ପରିମାଣରେ ଅର୍ଥାତ ପ୍ରତିଟି ଅଂଶୀଦାରଙ୍କୁ ୪,୩୬,୩୧,୨୫୨ଟଙ୍କା ପ୍ରଦାନ କରାଯାଇଛି ।

ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ୧୯୫୮ ମସିହାରେ ସ୍ଥାପିତ ହୋଇଥିଲା ଏବଂ ଏହା ମୁଖ୍ୟତ ୫,୨୧,୪୦୦ ମେଟ୍ରିକ ଟନ୍ ଷ୍ଟୋରେଜ୍ କ୍ଷମତା ସହିତ ରାଜ୍ୟର ୩୦ ଟି ଜିଲ୍ଲାରେ ଥିବା ୬୮ ଗୋଦାମକୁ ପରିଚାଳନା କରି କୃଷି କ୍ଷେତ୍ରକୁ ଭଣ୍ଡାରଣ ଏବଂ ପରିବହନ ସେବା ଯୋଗାଇଥାଏ ।

ଏହି ଗୋଦାମଗୁଡ଼ିକ ମୁଖ୍ୟତଃ ସାଧାରଣ ବଣ୍ଟନ ବ୍ୟବସ୍ଥା ଏବଂ ସରକାରଙ୍କ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନା ଅଧୀନରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଓ ଭାରତୀୟ ଖାଦ୍ୟ ନିଗମର ଖାଦ୍ୟଶସ୍ୟର ବୈଜ୍ଞାନିକ ସଂରକ୍ଷଣରେ ସହାୟକ ହୁଅନ୍ତି । ସେହିପରି ଅନ୍ୟାନ୍ୟ ସରକାରୀ ସଂସ୍ଥା ଯଥା ଏନ୍ଏଏଫ୍ଇଡ଼ି ଏବଂ ଟିଡିସିସି ଲିମିଟେଡ୍ ଇତ୍ୟାଦି ଙ୍କ ଦ୍ୱାରା କିଣାଯାଇଥିବା ଖାଦ୍ୟଶସ୍ୟ, ତୈଳବୀଜ, ଡାଲି ଏବଂ ମାଣ୍ଡିଆ , ଓଏସ୍ଡବ୍ଲ୍ୟୁସି ର ବିଭିନ୍ନ ଗୋଦାମରେ ଗଚ୍ଛିତ ରଖା ଯାଇଥାଏ ଯାହା କୃଷକମାନଙ୍କୁ ସେମାନଙ୍କର ଉତ୍ପାଦର ସର୍ବନିମ୍ନ ସହାୟତା ମୂଲ୍ୟ ପାଇବାରେ ସାହାଯ୍ୟ କରିଥାଏ ଏବଂ ଅମଳ ସମୟରେ ଅଭାବୀ ବିକ୍ରୀରୁ ରକ୍ଷା କରିଥାଏ ।

ରାଜ୍ୟର ୩୦ ଟି ଜିଲ୍ଲାର ଗୋଦାମ ଗୃହଗୁଡିକ ଖାଦ୍ୟଶସ୍ୟ ସଂରକ୍ଷଣ ପାଇଁ ଏକ ନିର୍ଭରଯୋଗ୍ୟ ସ୍ଥାନ ଯାହା ବନ୍ୟା, ଘୂର୍ଣ୍ଣିବଳୟ ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଭାବିତ ଲୋକଙ୍କର ଆବଶ୍ୟକତା ପୂରଣ କରେ। ଓଏସ୍ଡବ୍ଲ୍ୟୁସିର ଗୋଦାମଗୁଡ଼ିକ ମଧ୍ୟ ତୃଣମୂଳ ସ୍ତରରେ ସ୍ଥାନୀୟ ଲୋକଙ୍କୁ ଜୀବିକା ସହାୟତା ଯୋଗାଇଥାଏ ଏବଂ ପରିବହନ କାର୍ଯ୍ୟ ତଥା ଭଣ୍ଡାରଣ ସମ୍ବନ୍ଧିତ ଅନ୍ୟାନ୍ୟ ସହଯୋଗୀ କାର୍ଯ୍ୟରେ ନିୟୋଜିତ ହୋଇଥାଏ ।

ଭଣ୍ଡାରଣ ସମ୍ବନ୍ଧିତ ଗୋଦାମ କାର୍ଯ୍ୟକଳାପକୁ ବିସ୍ତାର କରିବା ସହ ହିତାଧିକାରୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ କାର୍ଯ୍ୟକାରିତା ବ୍ୟବସ୍ଥାରେ ସର୍ବୋଚ୍ଚ ମାନକରେ ପହଞ୍ଚିବା ନିମନ୍ତେ ରାଜ୍ୟ ପଣ୍ୟାଗାର ନିଗମ (ଓ. ଏସ. ଡବ୍ଲ୍ୟୁ . ସି) ଆଗାମୀ ଦିନରେ ଲକ୍ଷ୍ୟ ରଖିଛି ।

## ନାଲି ପୋଷାକର ରାଜ ଖୋଲିଲେ



**କଟକ,୩।୧ (ସଂଚାର ବ୍ୟୁରୋ):** ବରିଷ୍ଠ ବିଜେଡି ନେତା ପ୍ରଭାତ ବିଶ୍ୱାଳଙ୍କ ବୟାନକୁ ନେଇ ପୁଣି ଥରେ ସୃଷ୍ଟି ହୋଇଛି ଝଡ। ପୌରାଣିକ ବିଷୟବସ୍ତୁର ଉଦାହାରଣ ଦେଇ ସେ କହିଛନ୍ତି ଯେ, ଦଳରେ ଅଛନ୍ତି କିଛି ରାବଣ ଓ କଂସ। କଟକର ଏକ ଶୋକସଭାରେ ସାମିଲ ଅବସରରେ ଏଭଳି କହି, ଦଳୀୟ ନେତାଙ୍କ ବିରୋଧରେ ଅସନ୍ତୋଷ ଝାଡ଼ିଛନ୍ତି ପୂର୍ବତନ ବିଧାୟକ ତଥା ବିଜେଡି ନେତା ପ୍ରଭାତ ବିଶ୍ୱାଳ। ବିଜେଡିରେ କିଛି ଖଳ ପ୍ରକୃତିର ଲୋକ ଅଛନ୍ତି ଯେଉଁମାନେ ଅନ୍ୟର ଗୋଡ ଟାଣୁଛନ୍ତି। ଚିଟଫଣ୍ଡ ମାମଲାରେ ନିଜ ଦଳର ଲୋକ ତାଙ୍କୁ ଛନ୍ଦିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦ ସ୍ୱରୂପ ସେ ନାଲି ପୋଷାକ ପିନ୍ଧୁଥିବା କହିଛନ୍ତି। ପ୍ରଭାତ ବିଶ୍ୱାଳଙ୍କ ବୟାନ ବିଜେଡିର ଅନ୍ଦର ମହଲର କଥାକୁ ପଦାରେ ପକାଇଛି । ତେବେ ପ୍ରଥମ ଥର ପାଇଁ ସେ ବିଜେଡିକୁ ଟାର୍ଗେଟ୍ କରିନାହାନ୍ତି । ପୂର୍ବରୁ ଗତ ଜୁଲାଇ ପହିଲାରେ ଦେବି ଦାସ ଓ ପାଣ୍ଡିଆନଙ୍କ ବିରୋଧରେ ବର୍ଷିଥିଲେ । କହିଥିଲେ ଫୋନରେ ସବୁ ରେକର୍ଡ ଅଛି, ଖୋଲିଲେ ସମସ୍ତଙ୍କ ମୁଖା ଖୋଲିଯିବ । ଚିଟଫଣ୍ଡ ଟଙ୍କା କିଏ ଖାଇ କାହା ମୁଣ୍ଡରେ ଅଠା ବୋଲିଲେ । ଅନ୍ୟପଟେ ପ୍ରଭାତ ବିଶ୍ୱାଳଙ୍କ ବିସ୍ଫୋରକ ବୟାନକୁ ନେଇ ବିଜେଡି ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଛି ।

# ଓଡ଼ିଶାରେ ବଢ଼ିଛି ନୂତନ ଶିକ୍ଷାର୍ଥୀଙ୍କ ସଂଖ୍ୟା

- ଶୂନ ଶିକ୍ଷାର୍ଥୀ ବିଦ୍ୟାଳୟ ସଂଖ୍ୟା ୩୩ରୁ ୮କୁ ହ୍ରାସ
- ରାଜ୍ୟରେ ସରକାରୀ ସ୍କୁଲର ଶିକ୍ଷାର୍ଥୀଙ୍କ ସଂଖ୍ୟା ଘରୋଇ ସ୍କୁଲର ଶିକ୍ଷାର୍ଥୀଙ୍କ ସଂଖ୍ୟାଠାରୁ ଢେର ଅଧିକ



**ଭୁବନେଶ୍ୱର, ୩।୧ (ସଂଚାର ବ୍ୟୁରୋ):** ନିକଟରେ ପ୍ରକାଶିତ ହୋଇଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ସଂସ୍ଥା ୟୁନିଫାଏଡ଼ ଡିଷ୍ଟ୍ରିକ୍ଟ ଇନଫରମେସନ ସିଷ୍ଟମ ଫର ଏଜୁକେସନ ପ୍ଲସ୍‌ର ରିପୋର୍ଟ ଅନୁଯାୟୀ ଓଡ଼ିଶା ୨୦୨୧-୨୨ ଶିକ୍ଷାବର୍ଷ ତୁଳନାରେ ୨୦୨୩-୨୪ ଶିକ୍ଷାବର୍ଷରେ ପ୍ରାୟ ୧ ଲକ୍ଷ ଅଧିକ ଶିକ୍ଷାର୍ଥୀଙ୍କୁ ବିଦ୍ୟାଳୟରେ ଭର୍ତ୍ତି କରିବାକୁ ସମର୍ଥ ହୋଇଛି। ଉଲ୍ଲେଖଯୋଗ୍ୟ, ଦେଶରେ ନୂତନ ଶିକ୍ଷାର୍ଥୀଙ୍କ ସଂଖ୍ୟା ପୂର୍ବବର୍ଷ ତୁଳନାରେ କମୁଥିବା ବେଳେ, ଓଡ଼ିଶା ନୂତନ ଶିକ୍ଷାର୍ଥୀଙ୍କ ସଂଖ୍ୟାକୁ ବୃଦ୍ଧି କରିବାରେ ସଫଳ ହୋଇଛି। ଏହି ରିପୋର୍ଟରେ ମଧ୍ୟ କୁହାଯାଇଛି ଯେ, ଦେଶର ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ଓଡ଼ିଶାରେ ସରକାରୀ ସ୍କୁଲରେ ପଢ଼ୁଥିବା ଶିକ୍ଷାର୍ଥୀଙ୍କ ସଂଖ୍ୟା ଘରୋଇ ସ୍କୁଲରେ ପଢୁଥିବା ଶିକ୍ଷାର୍ଥୀଙ୍କ ଠାରୁ ଢେର ଅଧିକ।

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଏହି ରିପୋର୍ଟକୁ ଆଧାର କରି ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଓଡ଼ିଶାର ଏହି ଉପଲବ୍ଧି ନବୀନ ସରକାରଙ୍କ ଉପଯୁକ୍ତ ଶିକ୍ଷାନୀତିର ପରିଣାମ ବୋଲି ଦର୍ଶାଯାଇଛି। ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ଏକ ବିବୃତିରେ କହିଛନ୍ତି, ବିଜେପି କ୍ଷମତାକୁ ଆସିବା ପରେ ମଧ୍ୟ ନିଜ ସରକାରଙ୍କ ବିଫଳତାକୁ ଲୁଚାଇବାକୁ ଯାଇ ବାରମ୍ବାର ୨୪ ବର୍ଷର ସରକାରଙ୍କ ଉପରେ ଦୋଷ ଲଦୁଛନ୍ତି। କିନ୍ତୁ ନବୀନ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ହୋଇଥିବା ବିକାଶମୂଳକ କାମ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥାର ରିପୋର୍ଟରେ ବାରମ୍ବାର ପ୍ରତିଫଳିତ ହେଉଛି। ନିକଟରେ ପ୍ରକାଶିତ ହୋଇଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଏହି ରିପୋର୍ଟ ରାଜ୍ୟରେ ଗତ ଶିକ୍ଷାବର୍ଷରେ ପ୍ରାୟ ୧ ଲକ୍ଷରୁ ଅଧିକ ଶିକ୍ଷାର୍ଥୀ ବିଦ୍ୟାଳୟ ଗୁଡିକରେ ନାମ ଲେଖାଇଛନ୍ତି ବୋଲି ସ୍ପଷ୍ଟ ହୋଇଛି।

ଏହି ରିପୋର୍ଟ ଅନୁଯାୟୀ ୨୦୨୩-୨୪ ଶିକ୍ଷାବର୍ଷରେ ଓଡ଼ିଶାର ୬୧, ୬୯୩ ବିଦ୍ୟାଳୟରେ ୭୭.୫ ଲକ୍ଷ ଶିକ୍ଷାର୍ଥୀ ନାମ ଲେଖାଇଛନ୍ତି। ୨୦୨୨-୨୩ ଶିକ୍ଷାବର୍ଷରେ ରାଜ୍ୟରେ ୬୧, ୮୯୧ ବିଦ୍ୟାଳୟରେ ୭୬.୪ ଲକ୍ଷ ଶିକ୍ଷାର୍ଥୀ ନାମ ଲେଖାଇଥିଲେ। ୨୦୨୩-୨୪ ଶିକ୍ଷାବର୍ଷରେ ସମଗ୍ର ଦେଶରେ ଶିକ୍ଷାର୍ଥୀଙ୍କ ନାମଲେଖା ସଂଖ୍ୟା ପ୍ରାୟ ୩୭ ଲକ୍ଷକୁ ହ୍ରାସ ପାଇଥିବା ବେଳେ ଏହା ଓଡ଼ିଶାରେ ପ୍ରାୟ ୧ ଲକ୍ଷକୁବୃଦ୍ଧି ପାଇଛି। ଏହି ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ନାମ ଲେଖାଉଥିବା ଶିକ୍ଷାର୍ଥୀଙ୍କ ପ୍ରତିଶତ ଠାରୁ ରାଜ୍ୟର ବିଦ୍ୟାଳୟ ସଂଖ୍ୟାର ପ୍ରତିଶତ ଅଧିକ ରହିଛି। ସମଗ୍ର ଦେଶରେ ଓଡ଼ିଶା ସମେତ ମାତ୍ର ୯ଟି ରାଜ୍ୟରେ ଏଭଳି ସ୍ଥିତି ରହିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଉତ୍ତର ଦେଲେ ଅରୁଣ



**କଟକ,୩।୧ (ସଂଚାର ବ୍ୟୁରୋ):** ରାଜ୍ୟରେ କୃଷି ବିକାଶରେ ରାଜ୍ୟ ସରକାରଙ୍କ ପାରିବା ପଣିଆକୁ ନେଇ ପ୍ରଶ୍ନ ଉଠାଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ମୁଖ୍ୟମନ୍ତ୍ରୀଙ୍କ ତିର୍ଯ୍ୟକ ବାଣର ଜବାବ ଦେଇଛନ୍ତି ପୂର୍ବତନ କୃଷିମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ବିଧାୟକ ଅରୁଣ ସାହୁ। ସେ କହିଛନ୍ତି ଯେ, ସାତ ମାସର ସରକାର ଆଜି କେବଳ ଉପକ୍ରମଣିକାରେ ରହିଯାଇଛନ୍ତି ବୋଲି ସେ ଆକ୍ଷେପ କରିଛନ୍ତି। ପୂର୍ବ ସରକାର କିଛି କରିନାହିଁ ବୋଲି ନୂଆ ସରକାର କହିବୁଲୁଥିବା ବେଳେ ଏହାର ଜବାବ ରଖିଛନ୍ତି ପୂର୍ବତନ କୃଷି ମନ୍ତ୍ରୀ ଅରୁଣ ସାହୁ। ଦୁଇ ହଜାର ମସିହାରେ ନବୀନ ପଟ୍ଟନାୟକ ଓଡ଼ିଶାର ଦାୟିତ୍ୱ ନେବା ବେଳେ ରାଜ୍ୟରେ ୨୦ ଲକ୍ଷ ଲିଟର କ୍ଷୀର ଉତ୍ପାଦନ ହେଉଥିଲା। ଏହା ଆଜି ରାଜ୍ୟରେ ୮୫ ଲକ୍ଷ ଲିଟର କ୍ଷୀର ଉତ୍ପାଦନ ହେଉଛି। ସେହିଭଳି ଦୈନିକ ଅଣ୍ଡା ଉତ୍ପାଦନ ୨୦-୨୨ ଲକ୍ଷରୁ ୯୦ଲକ୍ଷରେ ପହଁଚିଛି। ୨୦୦୦ ମସିହାରେ ଦେଢ଼ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦନ ଏବେ ୧୦ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି। ଧାନ ଓ ଚାଉଳରେ ବଳକା ରାଜ୍ୟ ହୋଇଛି ଓଡ଼ିଶା। ଚିକେନ ଉତ୍ପାଦନ ୧୦ଗୁଣ ବଢ଼ିଛି। ପନିପରିବାରେ ୫୦ଲକ୍ଷ ମେଟ୍ରିକ ଟନରୁ ୧୫୦ଲକ୍ଷ ମେଟ୍ରିକ ଟନରେ ପହଁଚିଛି। ରାଜ୍ୟରେ କୃଷି ଓ କୃଷକଙ୍କ ବିକାଶ ପାଇଁ ନବୀନ ସରକାର ଗ୍ରହଣ କରିଥିବା ପଦକ୍ଷେପ ପାଇଁ ଛଅ ଥର କୃଷି କର୍ମଣ ପୁରସ୍କାର ଦେଇଛନ୍ତି କେନ୍ଦ୍ର ସରକାର। ମୋହନ ସରକାର ବୟାନ ବାଜି ଛାଡି ଚାଷୀଙ୍କୁ ସାହାଯ୍ୟ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଚାଷ କ୍ଷୟକ୍ଷତି ନେଇ ବିଜେଡି ସବୁ ଜିଲ୍ଲାର ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେଇଛି। ସରକାର କ୍ଷୟକ୍ଷତି ସଠିକ ରିପୋର୍ଟ ଦିଅନ୍ତୁ। ନଚେତ ଆଗାମୀ ଦିନରେ ଭାୟାଭହ ଲଢେଇ ହେବ ଆଉ ବିଜେଡି ଏହାର ନେତୃତ୍ୱ ନେବ ବୋଲି ଅରୁଣ ସାହୁ ଆଜି କଟକ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚେତେଇ ଦେଇଛନ୍ତି। ସରକାର ଏଣୁତେଣୁ କଥା ନକହି ଓ ବୀମା କମ୍ପାନୀକୁ ଅପେକ୍ଷା ନକରି ପ୍ରଥମେ କ୍ଷତିଗ୍ରସ୍ତ ଚାଷୀଙ୍କୁ ରାଜ୍ୟ ରାଜକୋଷରୁ କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି। ଅଫିସରଙ୍କ ଦ୍ୱାରା ଜିଓ ଟ୍ୟାଗିଂ ସର୍ଭେ କରି ଲୋକଙ୍କୁ ଭୁଆଁ ବୁଲାଇବା ବନ୍ଦ କରନ୍ତୁ ବୋଲି ସେ ଦାବି କରିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




### ନୂଆବର୍ଷରେ ଟେଲିକମ୍ କମ୍ପାନୀ ଦେବେ ଉପହାର

# ୨୦୦ ଟଙ୍କାର ପ୍ୟାକ୍ ମିଳିବ ୧୦୦ ଟଙ୍କାରେ

**ନୂଆଦିଲ୍ଲୀ, ୩।୧:** ଆପଣ କେବେ ଚିନ୍ତା କରିଛନ୍ତି କି ଟେଲିକମ୍ କମ୍ପାନୀଗୁଡ଼ିକ ଆପଣଙ୍କୁ କେବଳ ଡାଟା ପ୍ୟାକ କାହିଁକି ବିକ୍ରି କରନ୍ତି? ଟେଲିକମ ରେଗୁଲଟରି ଅଥରିଟି ଅଫ ଇଣ୍ଡିଆ (ଟ୍ରାଇ) ଏୟାରଟେଲ, ଜିଓ, ଭୋଡାଫୋନ୍-ଆଇଡିଆକୁ ସମାନ ପ୍ରଶ୍ନ ପଚାରିଛି। ଟ୍ରାଇ ପ୍ରଶ୍ନ କରିଛି ଯେ ଆପଣ କାହିଁକି ଉପଭୋକ୍ତାମାନଙ୍କୁ କେବଳ କଲ୍ ଏବଂ ମେସେଜିଂ ଯୋଜନାଗୁଡ଼ିକର ବିକଳ୍ପ ଦେଉ ନାହାନ୍ତି ? ବର୍ତ୍ତମାନ ଉପଲବ୍ଧ ସମସ୍ତ ଯୋଜନା କେବଳ କଲ୍ ଏବଂ ମେସେଜ ପାଇଁ ନୁହେଁ।

ବିଦ୍ୟମାନ ଯୋଜନାଗୁଡ଼ିକ ବିଷୟରେ କହିବାକୁ ଗଲେ, ପ୍ରାୟ ପ୍ରତ୍ୟେକ ପ୍ୟାକରେ କେବଳ ଡାଟା ଅଛି କିମ୍ବା ଇଣ୍ଟରନେଟ ସହିତ କଲିଂ ଏବଂ ମେସେଜିଂ ସେବା ଅଛି। ଏଭଳି ପରିସ୍ଥିତିରେ, ଯଦି କେହି ହୋମ ବ୍ରଡବ୍ୟାଣ୍ଡ ମାଧ୍ୟମରେ ଇଣ୍ଟରନେଟ ବ୍ୟବହାର କରୁଛନ୍ତି ଏବଂ କେବଳ କଲ୍ ଏବଂ ମେସେଜିଂ ପାଇଁ ମୋବାଇଲ ବ୍ୟବହାର କରୁଛନ୍ତି, ତେବେ ସେ ଇଣ୍ଟରନେଟ ପାଇଁ ଅତିରିକ୍ତ ଟଙ୍କା କାହିଁକି ଦେଉଛନ୍ତି?

ଟ୍ରାଇ କହିଛି ଯେ ଭାରତରେ ଅନେକ ଉପଭୋକ୍ତା ଅଛନ୍ତି ଯେଉଁମାନେ ଫିଚର ଫୋନ୍ ବ୍ୟବହାର କରନ୍ତି। ଏପରି ପରିସ୍ଥିତିରେ, ନିଶ୍ଚିତ ଭାବରେ ସେମାନଙ୍କୁ ଇଣ୍ଟରନେଟର ଆବଶ୍ୟକତା ନାହିଁ। କିନ୍ତୁ ସମସ୍ତ ପ୍ୟାକ ଇଣ୍ଟରନେଟ ସହିତ ଆସୁଥିବାରୁ ଯୋଜନାଗୁଡ଼ିକ ମହଙ୍ଗା ହୋଇଛି। ଯଦି ଇଣ୍ଟରନେଟ ବିନା ପ୍ୟାକ ଗୁଡ଼ିକ ଲଞ୍ଚ କରାଯାଏ ତେବେ ସେଗୁଡ଼ିକ ବିଦ୍ୟମାନ ଯୋଜନା ଅପେକ୍ଷା ବହୁତ ଶସ୍ତା ହୋଇପାରେ। ଟ୍ରାଇ ଏହାର ପରାମର୍ଶ ପେପରରେ ଅନେକ ତଥ୍ୟ ରଖିଛି ଯାହା ସ୍ପଷ୍ଟ କରେ ଯେ କମ୍ପାନୀଗୁଡ଼ିକ କେବଳ କଲ୍ ଏବଂ ମେସେଜିଂ ପ୍ୟାକ ପ୍ରଦାନ କରିବା ଉଚିତ୍। ଯେପରି, ଘରେ ବ୍ରଡବ୍ୟାଣ୍ଡ ବ୍ୟବହାର କରୁଥିବା କିମ୍ବା କେବଳ ଫିଚର ଫୋନ୍ ବ୍ୟବହାର କରୁଥିବା ବରିଷ୍ଠ ନାଗରିକଙ୍କୁ ତଥ୍ୟ କାହିଁକି ଜବରଦସ୍ତ ବିକ୍ରି କରାଯାଏ? ଅନେକ ଲୋକ ଘରେ କେବଳ ବ୍ରଡବ୍ୟାଣ୍ଡ ମାଧ୍ୟମରେ କେବଳ ସ୍ମାର୍ଟଫୋନରେ ଇଣ୍ଟରନେଟ୍ ବ୍ୟବହାର କରନ୍ତି।

ଟ୍ରାଇ ଟେଲିକମ୍ କମ୍ପାନୀମାନଙ୍କୁ ମଧ୍ୟ କହିଛି ଯେ କଲିଂ ଏବଂ ମେସେଜିଂ ଯୋଜନାଗୁଡ଼ିକ ମଧ୍ୟ ଦୀର୍ଘ ସମୟ ପାଇଁ ଆଣିବାକୁ ପଡ଼ିବ। କାରଣ କମ୍ପାନୀଗୁଡ଼ିକ ୧୪ କିମ୍ବା ୨୮ ଦିନ ପାଇଁ ଯୋଜନା ଆଣି ଟଙ୍କା ସଞ୍ଚୟ କରିପାରିବେ। ଏଭଳି ପରିସ୍ଥିତିରେ ଦୀର୍ଘ ବୈଧତା ସହିତ କଲ୍ ଏବଂ ମେସେଜ୍ ଯୋଜନା ପ୍ରଣୟନ କରାଯିବା ଉଚିତ ବୋଲି ଟ୍ରାଇ କହିଛି। ରିପୋର୍ଟ ଅନୁଯାୟୀ, ଟେଲିକମ୍ କମ୍ପାନୀଗୁଡ଼ିକ କହିଛନ୍ତି ଯେ ଯଦି ସେମାନେ ଇଣ୍ଟରନେଟ ବିନା ପ୍ୟାକ ଆରମ୍ଭ କରନ୍ତି ତେବେ ଡିଜିଟାଲ୍ ଇଣ୍ଡିଆ କ୍ଷତି ସହିବ। କାରଣ ଲୋକମାନେ ଇଣ୍ଟରନେଟ୍ କମ୍ ବ୍ୟବହାର କରିବେ ଏବଂ ଡିଜିଟାଲ୍ ଇଣ୍ଡିଆ ସଠିକ୍ ଭାବରେ ଚାଲିବ ନାହିଁ। କମ୍ପାନୀଗୁଡ଼ିକ ଏହା ମଧ୍ୟ କହିଛନ୍ତି ଯେ ଜିନିଷଗୁଡ଼ିକ ସେପରି ଜାରି ରଖିବା ଉଚିତ୍। ଯଦି ଟେଲିକମ୍ କମ୍ପାନୀଗୁଡ଼ିକ ଟ୍ରାଇ କଥା ଶୁଣନ୍ତି ଏବଂ କେବଳ କଲିଂ ଏବଂ ମେସେଜିଂ ପ୍ୟାକ ଆରମ୍ଭ କରନ୍ତି, ତେବେ ପ୍ୟାକ ଗୁଡ଼ିକ ଶସ୍ତା ହୋଇପାରେ। କାରଣ ପ୍ରତ୍ୟେକ ପ୍ୟାକ ଗୁଡ଼ିକରେ ଇଣ୍ଟରନେଟ ଥାଏ ଏବଂ ଏହି କାରଣରୁ ପ୍ୟାକ ଗୁଡ଼ିକ ମହଙ୍ଗା ହୋଇଯାଏ। ଏଭଳି ପରିସ୍ଥିତିରେ, ଯଦି ଇଣ୍ଟରନେଟ ବିନା ପ୍ୟାକ ଆରମ୍ଭ ହୁଏ, ତେବେ ପ୍ରାୟ ଅଧା ମୂଲ୍ୟରେ କୌଣସି ପ୍ୟାକ ଆରମ୍ଭ ହୋଇପାରିବ। ଏପରି ପରିସ୍ଥିତିରେ, ଉପଭୋକ୍ତାମାନେ ସେମାନଙ୍କର ସିମ୍ କମ୍ ମୂଲ୍ୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସକ୍ରିୟ ରଖିପାରିବେ।

## ପୁଣି ବଢ଼ିଲା ସୁନା ଦର



ନୂଆବର୍ଷ ପାଇଁ ବୃଦ୍ଧି ପାଇଛି ସୁନା ଦର। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୨ ହଜାର ୬୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୯ ହଜାର ୨୦୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୨, ୬୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୯,୨୦୦ ଟଙ୍କା ଥିଲା। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୨,୬୦୦ ଟଙ୍କା ଓ ୭୯,୨୦୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୨,୭୫୦ ଟଙ୍କା ଓ ୭୯, ୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୨,୬୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୯,୨୦୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯ ଥା କ୍ର ମେ ୭୨,୬୦୦ ଟଙ୍କା ଓ ୭୯, ୨୦୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୦,୫୦୦ ହଜାର ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ ଓ ଡିଜେଲ ଦର



ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି। କିଛି ସ୍ଥାନରେ ଦର ବୃଦ୍ଧି ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି। ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦.୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୧ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ରେଲୱେର ନୂଆ ସମୟସୂଚୀ ଲାଗୁ



### ଆରମ୍ଭ ହେବ ଏଆଇ ବ୍ୟବହାରର ପ୍ରୟାସ

**ନୂଆଦିଲ୍ଲୀ,୩/୧:** ନୂଆ ବର୍ଷ ଉପଲକ୍ଷେ ରେଲୱେ ପକ୍ଷରୁ ନୂଆ ଟାଇମ୍‌ଟେବୁଲ ଲାଗୁ ହୋଇଛି। ପୂର୍ବରୁ ଏହି ପରିବର୍ତ୍ତନ ପ୍ରତିବର୍ଷ ୩୦ ଜୁନରେ ହେଉଥିଲା। ଯାହାକୁ ଜୁଲାଇ ପହିଲାରୁ ଲାଗୁ କରାଯାଉଥିଲା। ଏହା ଟ୍ରାନ୍‌ସ ଆଟ୍ ଏ ଗ୍ଲେନ୍‌ସ (ଟିଏଜି)ର ୪୪ତମ ଏଡିଶନ। ୨୦୨୫ରେ ରେଲୱେ ପକ୍ଷରୁ ଭାରତ ରାପିଡ୍ ରେଲ୍ (ବନ୍ଦେ ମେଟ୍ରୋ) ଏବଂ ୨ ଅମୃତ ଭାରତ ଏକ୍ସପ୍ରେସ ଚଳାଯିବ। ୨୦୨୪ରେ ରେଲୱେ ପକ୍ଷରୁ ୬୪ ବନ୍ଦେ ଭାରତ ମେଟ୍ରୋ ଟ୍ରେନ ଯୋଡ଼ାଯାଇଛି। ୨୬ ଡିସେମ୍ବର ଯାଏ ଭାରତର ମେଟ୍ରୋ ନେଟ୍‌ୱର୍କରେ ମୋଟ ୧୩୬ ବନ୍ଦେ ଭାରତ ଟ୍ରେନ ସେବା ଯୋଗାଉଛି। ଏହାବାଦ ରେଲ୍‌ୱେ ୨୦୨୫ରେ ଏଆଇର ବ୍ୟବହାର କରିବା ଉପରେ ପ୍ରୟାସ ଆରମ୍ଭ କରିବ।

## ବିଦେଶ ଯାଉଥିବା ଲୋକଙ୍କର ୧୯ ପ୍ରକାରର ବ୍ୟକ୍ତିଗତ ତଥ୍ୟ ରଖିବେ ଭାରତ ସରକାର, ଏପ୍ରିଲ୍ ୧ରୁ ଲାଗୁ



**ନୂଆଦିଲ୍ଲୀ, ୩।୧:** ଏଣିକି ଲୋକଙ୍କର ବ୍ୟକ୍ତିଗତ ତଥ୍ୟ ରଖିବେ ଭାରତ ସରକାର। ବିଦେଶ ଯାଉଥିବା ଲୋକଙ୍କଠାରୁ ସରକାର ୧୯ ପ୍ରକାରର ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରିବେ। ଯାତ୍ରୀମାନେ କେବେ, କେଉଁଠି ଏବଂ କିପରି ଯାତ୍ରା କରୁଛନ୍ତି, ତାହା ଜାଣିବେ ସରକାର। ଏହିପରି ଯାତ୍ରା ଖର୍ଚ୍ଚ କିଏ ଏବଂ କିପରି ବହନ କଲା, କିଏ କେବେ କେତୋଟି ବ୍ୟାଗ୍ ନେଇକି ଗଲା ଏବଂ କେଉଁ ସିଟରେ ବସିଲା, ସେ ସବୁର ମଧ୍ୟ ତଥ୍ୟ ରଖିବେ କେନ୍ଦ୍ର ସରକାର। ଏହି ତଥ୍ୟଗୁଡ଼ିକ ୫ ବର୍ଷ ପାଇଁ ଷ୍ଟୋର୍ ରହିବ। ଆବଶ୍ୟକ ପଡ଼ିଲେ, ଏହାକୁ ଅନ୍ୟ ଆଇନ ପ୍ରଣୟନକାରୀ ସଂସ୍ଥା ସହିତ ମଧ୍ୟ ସେୟାର କରାଯିବ। ଏହାକୁ ଏପ୍ରିଲ୍ ୧ରୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ଚାଲିଛି। ଏଥିପାଇଁ ସମସ୍ତ ଏୟାରଲାଇନ୍ସକୁ ନିର୍ଦ୍ଦେଶ ଦିଆଯାଇଛି। ଚୋରା ଚାଲାଣ ଉପରେ ନଜର ରଖିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। କଷ୍ଟମ୍ସ ବିଭାଗ ମଝିରେ ମଝିରେ ତଥ୍ୟ ବିଶ୍ଳେଷଣ କରିବ। କୌଣସି ବି ବ୍ୟକ୍ତିଙ୍କ ବିଦେଶ ଯାତ୍ରାରେ ଯଦି କିଛି ସନ୍ଦେହଜନକ ଜିନିଷ ନଜର ଆସେ, ତେବେ ତୁରନ୍ତ ତଦନ୍ତ ଆରମ୍ଭ କରାଯିବ। ଯାତ୍ରୀମାନଙ୍କର ଏହି ତଥ୍ୟକୁ କଷ୍ଟମ୍ସ ବିଭାଗ ସହ ସେୟାର କରିବା ଏୟାରଲାଇନ୍ସ ପାଇଁ ବାଧ୍ୟତାମୂଳକ କରିବାକୁ ପ୍ରସ୍ତାବ ଦିଆଯାଇଛି। ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଇନଡାଇରେକ୍ଟ ଟ୍ୟାକ୍ସ ଏବଂ କଷ୍ଟମ୍ସ (ସିବିଆଇସି) ବର୍ତ୍ତମାନ ସମସ୍ତ ବିଦେଶୀ ରୁଟର ଏୟାରଲାଇନ୍ସକୁ ଜାନୁଆରୀ ୧୦ ସୁଦ୍ଧା ନୂଆ ପୋର୍ଟାଲ୍ 'NCTC-PAX'ରେ ପଞ୍ଜୀକରଣ କରିବାକୁ କହିଛି। ପଞ୍ଜୀକରଣ ପରେ ଫେବୃଆରୀ ୧୦ରୁ କିଛି ଏୟାରଲାଇନ୍ସ ସହ ପାଇଲଟ୍ ପ୍ରୋଜେକ୍ଟ ଭାବରେ ଡାଟା ସେୟାରିଂ ବ୍ରିଜ୍ ଆରମ୍ଭ କରାଯିବ। ଏହାପରେ ଏପ୍ରିଲ୍ ୧ରୁ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହେବ। ବୋର୍ଡ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ, ତଥ୍ୟ ସଂଗ୍ରହର ନିୟମ ୨୦୨୨ ପରଠାରୁ ଲାଗୁ ହୋଇଥିଲା, କିନ୍ତୁ ବର୍ତ୍ତମାନ ଏହା ବାଧ୍ୟତାମୂଳକ କରାଯାଉଛି।

## ବ୍ଲିଙ୍କିଟ୍ ଆରମ୍ଭ କଲା ଆମ୍ବୁଲାନ୍ସ ସେବା

### ୧୦ ମିନିଟରେ ମିଳିବ ଆମ୍ବୁଲାନ୍ସ

**ନୂଆଦିଲ୍ଲୀ:** ଜଣାଶୁଣା ଇ-କମର୍ସ କମ୍ପାନୀ ବ୍ଲିଙ୍କିଟ୍ ନୂଆ ବର୍ଷରେ ଏକ ନୂତନ ପଦକ୍ଷେପ ନେଇଛି। ଏହି ନୂତନ ପଦକ୍ଷେପ ଅନୁଯାୟୀ କମ୍ପାନୀ ଦଶ ମିନିଟରେ ଆମ୍ବୁଲାନ୍ସ ସେବା ଆରମ୍ଭ କରିଛି। କମ୍ପାନୀର ସିଇଓ ଆଲବିନ୍ଦର ଧିନ୍ଦସା ଗୁରୁବାର ଗୁରୁଗ୍ରାମ ପାଇଁ ଏହାକୁ ଲଞ୍ଚ କରିଛନ୍ତି। ବର୍ତ୍ତମାନ ଏହି ସେବାରେ ପାଞ୍ଚଟି ଆମ୍ବୁଲାନ୍ସ ଅନ୍ତର୍ଭୁକ୍ତ କରାଯିବ। ସିଇଓ ଆଲବିନ୍ଦର ଧିନ୍ଦସା କହିଛନ୍ତି ଯେ ୧୦ ମିନିଟରେ ଆମ୍ବୁଲାନ୍ସ ସେବା ପାଞ୍ଚଟି ଆମ୍ବୁଲାନ୍ସ ସହ ସହରରେ ଆରମ୍ଭ ହୋଇଛି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସେ କହିଛନ୍ତି ଯେ ଆମ ସହରରେ ତୁରନ୍ତ ଏବଂ ନିର୍ଭରଯୋଗ୍ୟ ଆମ୍ବୁଲାନ୍ସ ସେବା ଯୋଗାଇବା ସମସ୍ୟାର ସମାଧାନ ଦିଗରେ ଆମେ ପ୍ରଥମ ପଦକ୍ଷେପ ନେଉଛୁ। ସେ ଆହୁରି ମଧ୍ୟ କହିଛନ୍ତି, "ଆଜିଠାରୁ ଗୁରୁଗ୍ରାମରେ ପ୍ରଥମ ପାଞ୍ଚଟି ଆମ୍ବୁଲାନ୍ସ ରାସ୍ତାରେ ଯିବ। ଯେହେତୁ ଆମେ ସେବାକୁ ଅଧିକ କ୍ଷେତ୍ରକୁ ବିସ୍ତାର କରୁଛୁ, ଆପଣ ଏହା ମାଧ୍ୟମରେ ଏକ ପ୍ରାଥମିକ ଜୀବନ ସହାୟତା (ବିଏଲଏସ) ଆମ୍ବୁଲାନ୍ସ ବୁକ୍ କରିବାର ବିକଳ୍ପ ଦେଖିବା ଆରମ୍ଭ କରିବେ। ବ୍ଲିଙ୍କିଟ୍ କମ୍ପାନୀର ସିଇଓ ଆହୁରି କହିଛନ୍ତି ଯେ ଆମର ଆମ୍ବୁଲାନ୍ସଗୁଡ଼ିକ ଅତ୍ୟାବଶ୍ୟକ ଜୀବନ ରକ୍ଷାକାରୀ ଉପକରଣ ସହିତ ସଜ୍ଜିତ, ଯେଉଁଥିରେ ଅମ୍ଳଜାନ ସିଲିଣ୍ଡର, ଏଇଡି (ସ୍ୱୟଂଚାଳିତ ବାହ୍ୟ ଡିଫିବ୍ରିଲେଟର), ଷ୍ଟ୍ରେଚର୍, ମନିଟର, ସକସନ୍ ମେସିନ୍ ଏବଂ ଆବଶ୍ୟକ ଜରୁରୀ ଔଷଧ ଏବଂ ଇଞ୍ଜେକ୍ସନ୍ ରହିଛି। ପ୍ରତ୍ୟେକ ଆମ୍ବୁଲାନ୍ସରେ ପାରାମେଡିକ୍, ଆସିଷ୍ଟାଣ୍ଟ ଏବଂ ତାଲିମପ୍ରାପ୍ତ ଡ୍ରାଇଭର ରହିବେ।

## ନିବେଶକ ଯୋଡ଼ିଲେ ଲକ୍ଷାଧିକ ଟଙ୍କାର ନିବେଶ



**ମୁମ୍ବାଇ,୩।୧:** ନୂଆବର୍ଷ ଆରମ୍ଭରୁ ଶେୟାର ବଜାରର ନିବେଶକମାନେ ଉତ୍ସାହିତ ଅଛନ୍ତି। ଏପରିକି ବର୍ଷ ଆରମ୍ଭରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିବେଶକ ପୁଞ୍ଜିବଜାରରେ ଲକ୍ଷାଧିକ ଟଙ୍କାର ନିବେଶ ଯୋଡ଼ିଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ପ୍ରାରମ୍ଭରୁ ୩୦ ଶେୟାର ବିଶିଷ୍ଟ ବିଏସ୍ଇ ସେନ୍‌ସେକ୍ସ୧.୯୪% ବୃଦ୍ଧି ଘଟି ପ୍ରାୟ ୮୦,୦୩୩ ଅଙ୍କ ଛୁଇଁଥିଲାବେଳେ କାରବାର ଶେଷ ବେଳକୁ ଏହା ୧୪୩୬.୩୦ ଅଙ୍କ ବୃଦ୍ଧି ଘଟି ପ୍ରାୟ ୮୦,୦୦୦ (୭୯,୯୪୩.୭୧ ଅଙ୍କ) ଅଙ୍କର ନିକଟବର୍ତ୍ତୀ ହୋଇଛି। ଏପରିକି ନିଫ୍ଟି ୫୦ର କାରବାର ୨.୦୩% ବୃଦ୍ଧି ଘଟି ୨୪,୨୨୬.୭% ଅଙ୍କରେ ପହଞ୍ଚତ୍ୟାଇଥିଲାବେଳେ କାର୍ଯ୍ୟଦିବସ ଶେଷ ସୁଦ୍ଧା ଏହା ୧.୮୮% ବୃଦ୍ଧି ଘଟି ୨୪,୦୦୦ ( ୨୪,୧୮୮.୬୫ ଅଙ୍କ) ଅଙ୍କ ଉପରେ ଉପରେ ରହିଛି। ସେହିଭଳି ୩୦ ଶେୟାର ବିଶିଷ୍ଟ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ ଓ ସ୍ମଲକ୍ୟାପ କାରବାରରେ ପ୍ରାୟ ୨% ବୃଦ୍ଧି ଘଟିଥିଲାବେଳେ ନିଫ୍ଟି ସ୍ମଲକ୍ୟାପ୍‌ର କାରବାର ୧.୧୪% ବୃଦ୍ଧି ଘଟି ୫୮,୧୦୮.୨୦ ଅଙ୍କରେ ପହଞ୍ଚିଛି। ଏପରିକି ନିଫ୍ଟି ସ୍ମଲକ୍ୟାପ୍‌ର କାରବାର ୦.୬୩% ବୃଦ୍ଧି ଘଟି ୯୦୬୫.୨୦ ଅଙ୍କରେ ଥିଲାବେଳେ ବ୍ୟାଙ୍କିଙ୍ଗ୍ ୧.୦୭% ବୃଦ୍ଧି ଘଟି ୫୧,୬୦୫.୫୫ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିପରି ସେକ୍ଟରିଆଲ କ୍ଷେତ୍ରରେ ସମସ୍ତ ନିବେଶକ ଲାଭବାନ୍ ହୋଇଥିଲାବେଳେ ଅଟୋ (୩.୫%), ଆଇଟି (୨%) ଏବଂ ଏଫ୍ଏମ୍‌ସିଜି, ଅଏଲ ଆଣ୍ଡ ଗ୍ୟାସ୍, ପିଏସ୍ୟୁ, ରିଅଲିଟି ଏବଂ ବ୍ୟାଙ୍କ (୧%) ଆଦିର ନିବେଶକ ବୃଦ୍ଧି ହୋଇଛି।

## ରିହାତି ମୂଲ୍ୟରେ ଷ୍ଟକ୍ ଅପ୍ସନ ପ୍ରଦାନ

**ନୂଆଦିଲ୍ଲୀ,୩।୧:** ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅଭିନବ ଯୋଜନା 'ଏମ୍ପ୍ଲଇ ଷ୍ଟକ୍ ଅପନ୍ସସ (ଇଏସ୍ଓପି)ର ଦ୍ୱିତୀୟ ପର୍ଯ୍ୟାୟ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ସମସ୍ତ ବରିଷ୍ଠ କର୍ମଚାରୀଙ୍କ ପାଇଁ କର୍ମଚାରୀ ଷ୍ଟକ୍ ଅପ୍ସନ୍ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ଇଏସ୍ଓପି ଏବଂ ପ୍ରତିବନ୍ଧିତ ଷ୍ଟକ୍ ୟୁନିଟ୍ ବା ଆର୍ଏସ୍ୟୁ ମାଧ୍ୟମରେ ୧୨,୪୨,୭୩୬ ଷ୍ଟକ୍ ଅପ୍ସନ୍ ରିହାତି ମୂଲ୍ୟରେ ପ୍ରଦାନ କରାଯାଇଛି। ଏହିକ୍ରମରେ ଗତ ବର୍ଷ ଡିସେମ୍ବରରେ କମ୍ପାନୀ ଦେଇଥିବା ଷ୍ଟକ୍ ଅପ୍ସନକୁ ମଧ୍ୟ ଜାରି ରଖିଛି। ଏହି ଷ୍ଟକ୍ ଅପ୍ସନଗୁଡ଼ିକୁ ପ୍ରଦର୍ଶନ ଆଧାରରେ ୪ ବର୍ଷ ଧରି ଦିଆଯିବ। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ସିଏଚ୍ଆର୍ଓ (ମୁଖ୍ୟ ମାନବ ସମ୍ବଳ ଅଧିକାରୀ) ସୁଶୀଲ ବାଭେଜା କହିଛନ୍ତି, କର୍ମଚାରୀଙ୍କ ଅଭିବୃଦ୍ଧି ଉପରେ ଆମେ ଗୁରୁତ୍ୱ ଦେବା ସହ ମିଳିତ ସଫଳତା ପାଇଁ କମ୍ପାନୀ ସୁଯୋଗ ସୃଷ୍ଟି କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ ରହିଛି। ଏଭଳି ପଦକ୍ଷେପ ଆମ କର୍ମଚାରୀମାନଙ୍କ ସମ୍ପତ୍ତି ବୃଦ୍ଧିକୁ ସକ୍ଷମ କରିବା ସହ ମାଲିକାନାରେ ଅଂଶୀଦାର ହେବାରେ ମଧ୍ୟ ସହାୟକ ହେବ। ଏହା କାର୍ଯ୍ୟକ୍ଷେତ୍ରରେ ଅଧିକ ସମ୍ପୃକ୍ତି, ପ୍ରେରଣା ଏବଂ ଆନୁଗତ୍ୟକୁ ପ୍ରୋତ୍ସାହିତ କରିଥାଏ। ପ୍ରତିବଦଳରେ ସମସ୍ତ ଅଂଶୀଦାର ଏହାଦ୍ୱାରା ଲାଭାନ୍ୱିତ ଏବଂ ଉତ୍ପାଦକତା ବୃଦ୍ଧି ହେବା ସହ ଆମ କମ୍ପାନୀ ସଂସ୍କୃତି ସୁଦୃଢ଼ ହେବ। ଏହାଦ୍ୱାରା ଲୋକେ ଓ ସଂସ୍ଥା ଉଭୟ ଲାଭ ପାଇବେ। ଚଳିତ ବର୍ଷ ଜିନ୍ଦଲ ଷ୍ଟେନ୍‌ଲେସ୍ ପକ୍ଷରୁ ଏହା ଦ୍ୱିତୀୟ ଇଏସ୍ଓପି ଘୋଷଣା ହୋଇଛି। କର୍ମଚାରୀମାନଙ୍କୁ ସେମାନଙ୍କ ପ୍ରତିବଦ୍ଧତା ଏବଂ କାର୍ଯ୍ୟଦକ୍ଷତା ପାଇଁ ପୁରସ୍କୃତ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି।

## ଅଣସଙ୍ଗଠିତ କ୍ଷେତ୍ର ନିଯୁକ୍ତି ୧୦% ବୃଦ୍ଧି ସୃଷ୍ଟି ହେଲା ଅତିରିକ୍ତ ନିଯୁକ୍ତି ସୁଯୋଗ



**ନୂଆଦିଲ୍ଲୀ, ୩।୧:** ଆର୍ଥିକ ବର୍ଷ ୨୦୨୩-୨୪ରେ ଦେଶ ୪.୬୭ କୋଟିର ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସକ୍ଷମ ହୋଇଛି। ନିଯୁକ୍ତି ସୃଷ୍ଟିର ଏହି ଧାରା ଉଭୟ ସଙ୍ଗଠିତ ଓ ଅଣସଙ୍ଗଠିତ କ୍ଷେତ୍ରରେ ଜାରି ରହିଥିବା ସରକାରୀ ଡାଟାରୁ ଜଣାପଡିଛି। ଅକ୍ଟୋବର ୨୦୨୩ରୁ ସେପ୍ଟେମ୍ବର ୨୦୨୪ରେ ଅଣ ସଙ୍ଗଠିତ କ୍ଷେତ୍ର ନିଯୁକ୍ତି ୧୦.୦୧% ବୃଦ୍ଧି ହୋଇଥିବା ପରିସଂଖ୍ୟାନ ମନ୍ତ୍ରଣାଳୟର ବାର୍ଷିକ ସର୍ଭେରୁ ଜଣାପଡିଛି। ଅନ୍ୟ ସେବା କ୍ଷେତ୍ର ଗୁଡ଼ିକରେ ଅତିରିକ୍ତ ୧୨ କୋଟି ଲୋକଙ୍କୁ ରୋଜଗାର ମିଳିଛି। ଯାହା ପୂର୍ବ ଅବଧି ତୁଳନାରେ ୧ କୋଟି ଅଧିକ। ଅନ୍ୟ ସେବା କ୍ଷେତ୍ରର ଅଭିବୃଦ୍ଧି ୧୭.୮୬%। ବିନିର୍ମାଣ କ୍ଷେତ୍ରରେ ଏହା ୧୦.୦୩%। ଚଳିତ ଆର୍ଥିକ ବର୍ଷ ପ୍ରଥମ ୬ ମାସରେ ମଧ୍ୟ ସଙ୍ଗଠିତ କ୍ଷେତ୍ରର ଅଭିବୃଦ୍ଧି ଉନ୍ନତ ରହିଛି। ଚଳିତ ଆର୍ଥିକ ବର୍ଷ ପ୍ରଥମାର୍ଦ୍ଧରେ ଇପିଏଫ୍‌ଓରେ ୬.୧ ନିୟୁତ ଉପଭୋକ୍ତା ଯୋଡି ହୋଇଛନ୍ତି। ସେହିଭଳି ଇଏସ୍ଆଇସିରେ ୯.୩ ନିୟୁତ ନୂଆ ସଦସ୍ୟ ଏବଂ ଏନ୍‌ପିଏସ୍‌ରେ ୬.୮% ସବସ୍କ୍ରିପଶନ ବଢ଼ିଛି।

# ଶ୍ରମମନ୍ତ୍ରୀଙ୍କ ବଡ଼ ଦାବି: ୧୦ ବର୍ଷରେ ୧୭ କୋଟି ନିଯୁକ୍ତି



**ନୂଆଦିଲ୍ଲୀ, ୩।୧:** ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଗତ ୧୦ ବର୍ଷ(୨୦୧୪-୨୦୨୪)ରେ ଦେଶରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି। ୟୁପିଏ ଅମଳରେ ସୃଷ୍ଟି ହୋଇଥିବା ନିଯୁକ୍ତି ତୁଳନାରେ ଏହା ପ୍ରାୟ ୫ ଗୁଣା ଅଧିକ। କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଆଜି ଏକ ଗଣମାଧ୍ୟମ ସଂସ୍ଥାକୁ ଦେଇଥିବା ସାକ୍ଷାତ୍‌କାରରେ ଏଭଳି ଦାବି କରିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ର ତଥ୍ୟକୁ ଉଲ୍ଲେଖ କରି ସେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ, ୨୦୦୪ରୁ ୨୦୧୪ ମଧ୍ୟରେ ୨.୯ କୋଟି ନିଯୁକ୍ତି ସୃଷ୍ଟି ହୋଇଥିଲା। କିନ୍ତୁ କେବଳ ଗୋଟିଏ ବର୍ଷ ଅର୍ଥାତ୍ ୨୦୨୪ରେ ୪.୯ କୋଟି ନିଯୁକ୍ତି ସୃଷ୍ଟି ହୋଇଛି। ମୋଦୀ ସରକାରଙ୍କ ପ୍ରଥମ ୧୦ ବର୍ଷ ଅର୍ଥାତ୍ ୨୦୧୪ରୁ ୨୦୨୪ ମଧ୍ୟରେ ୧୭.୧୯ କୋଟି ନିଯୁକ୍ତି ସୃଷ୍ଟି ହୋଇଛି। ୟୁପିଏ ଅମଳରେ ନିଯୁକ୍ତି ଅଭିବୃଦ୍ଧି ୬ ପ୍ରତିଶତ ରହିଥିବାବେଳେ ବର୍ତ୍ତମାନର ଏନ୍‌ଡିଏ ସରକାରଙ୍କ ଅମଳରେ ଏହା ୩୬ ପ୍ରତିଶତ ରହିଛି। ୟୁପିଏ ସରକାରଙ୍କ ଅମଳରେ କୃଷି କ୍ଷେତ୍ରରେ ନିଯୁକ୍ତି ୧୬ ପ୍ରତିଶତ ହ୍ରାସ ଘଟିଥିଲା। କିନ୍ତୁ ୨୦୧୪ରୁ ୨୦୨୩ ମଧ୍ୟରେ ଏଥିରେ ୧୯ ପ୍ରତିଶତ ବୃଦ୍ଧି ଘଟିଛି। ବିନିର୍ମାଣ କ୍ଷେତ୍ରରେ ନିଯୁକ୍ତି ୟୁପିଏ ସରକାରଙ୍କ ଅମଳରେ ମାତ୍ର ୬ ପ୍ରତିଶତ ବଢ଼ିଥିଲା। ଏନ୍‌ଡିଏ ସରକାରଙ୍କ ଅମଳରେ ଏହା ୧୫ ପ୍ରତିଶତ ବୃଦ୍ଧି ଘଟିଛି। ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖୁଥିବା ସେବା କ୍ଷେତ୍ର ସଂପର୍କରେ ମନ୍ତ୍ରୀ କହିଛନ୍ତି ଯେ ୨୦୦୪ରୁ ୨୦୧୪ ମଧ୍ୟରେ ଏ କ୍ଷେତ୍ରରେ ନିଯୁକ୍ତି ୨୫ ପ୍ରତିଶତ ଅଭିବୃଦ୍ଧି ଘଟିଥିଲା। କିନ୍ତୁ ୨୦୧୪ରୁ ୨୦୨୩ ମଧ୍ୟରେ ଏକ୍ଷେତ୍ରର ନିଯୁକ୍ତିରେ ୩୬ ପ୍ରତିଶତ ବୃଦ୍ଧି ଘଟିଛି।

ଦେଶରେ ବେକାରି ହାର ୨୦୧୭-୧୮ରେ ୬ ପ୍ରତିଶତ ରହିଥିଲା। ୨୦୨୩-୨୪ରେ ଏହା ୩.୨ ପ୍ରତିଶତକୁ ଖସିଆସିଛି। ସ୍ନାତକମାନଙ୍କ ନିଯୋଜନୀୟତାରେ ଉଲ୍ଲେଖନୀୟ ଉନ୍ନତି ଆସିଛି। ୨୦୧୩ରେ ଏହା ୩୩.୯୫ ପ୍ରତିଶତ ଥିଲା ଏବଂ ୨୦୨୪ରେ ଏହା ୫୪.୮୧ ପ୍ରତିଶତରେ ପହଞ୍ଚିଛି। ଯୁବବର୍ଗ କ୍ଷେତ୍ରରେ ମଧ୍ୟ ନିଯୁକ୍ତିରେ ଯଥେଷ୍ଟ ଉନ୍ନତି ଆସିଛି। ୨୦୧୭-୧୮ରେ ଏହି ହାର ୩୧.୪ ପ୍ରତିଶତ ରହିଥିଲା। ୨୦୨୩-୨୪ରେ ଏହା ୪୧.୭ ପ୍ରତିଶତକୁ ବୃଦ୍ଧି ଘଟିଛି। ଏଥିସହିତ ୨୦୧୭ ସେପ୍ଟେମ୍ବରରୁ ୨୦୨୪ ସେପ୍ଟେମ୍ବର ମଧ୍ୟରେ ଆନୁଷ୍ଠାନିକ ନିଯୁକ୍ତି କ୍ଷେତ୍ରରେ ୧୮ରୁ ୨୮ ବର୍ଷ ବୟସ ବର୍ଗର ୪.୭ କୋଟିରୁ ଅଧିକ ବ୍ୟକ୍ତି ସାମିଲ ହୋଇଛନ୍ତି ବୋଲି ଇପିଏଫ୍‌ଓ ତଥ୍ୟରୁ ଜଣାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୦୪ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଦେଶରେ ୟୁପିଏ ସରକାରର ପ୍ରଧାନମନ୍ତ୍ରୀ ଡ ମନମୋହନ ସିଂହ ରହିଥିଲେ। ତାହା ପରଠାରୁ ଏନ୍‌ଡିଏ ସରକାରଙ୍କ ଅମଳରେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ରହିଛନ୍ତି।

# ଜିଲ୍ଲା ମହୋତ୍ସବ ଉଦଘାଟିତ

## ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ମଶାଲ ଶୋଭାଯାତ୍ରା




**ସୁନ୍ଦରଗଡ଼,୩।୧(ସଂଚାର ବ୍ୟୁରୋ):** ଗୁରୁବାର ଉଦଘାଟିତ ହୋଇଯାଇଛି ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ ଯତରା - ୨୦୨୫ । ସ୍ଥାନୀୟ ଯତରା ପଡ଼ିଆ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ମାନ୍ୟବର ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ଓଡ଼ିଶା ରବି ନାରାୟଣ ନାଏକ, ମାନ୍ୟବର ଉପ ବାଚସ୍ପତି, ଓଡ଼ିଶା ବିଧାନସଭା ଭବାନୀ ଶଙ୍କର ଭୋଇ,ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ସୁନ୍ଦରଗଡ଼ର ପୌରପରିଷଦ ଅଧ୍ୟକ୍ଷା ତନୟା ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ମହାଜନ ଯତରା ଏବଂ ପଲ୍ଲୀଶ୍ରୀ ମେଳା ଉପରେ ସମ୍ୟକ୍ ସୂଚନା ଦେଇଥିଲେ ଏବଂ ଏହି ପାଞ୍ଚ ଦିନିଆ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ମାନ୍ୟବର ମନ୍ତ୍ରୀ ଶ୍ରୀ ନାଏକ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ "ଆମେ ଯେତେ ଆଗକୁ ଗଲେ ମଧ୍ୟ ନିଜର ସଂସ୍କୃତି ଓ ପରମ୍ପରା ଆମକୁ ବାନ୍ଧି ରଖିଥାଏ । ବିଭିନ୍ନ ପ୍ରାନ୍ତର କଳା ଓ ସଂସ୍କୃତି ଏହି ମଞ୍ଚରେ ଶୋଭା ପାଇବ। ସୁନ୍ଦରଗଡ଼ ଯେମିତି ସୁନ୍ଦର ମାଟି ସମଗ୍ର ଓଡ଼ିଶା କୁ ମଧ୍ୟ ସେହି ଭଳି ସୁନ୍ଦର କରିବା କୁ ସମସ୍ତେ ପ୍ରୟାସ ଜାରି ରଖିବା "। ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଓରାମ ଏହି ଅବସରରେ ଯତରାରେ କିଭଳି ଅଧିକରୁ ଅଧିକ କଳାକାର ମାନଂକ ସମାଗମ ହେବ ତାହା ଉପରେ ନିଜ ବକ୍ତବ୍ୟ ରଖିଥିଲେ। ସେହିପରି ଶିଳ୍ପୀ, କାରିଗର ମାନଙ୍କ ଦ୍ୱାରା ଉଦପାଦିତ ସାମଗ୍ରୀ, ଉପକରଣ ଆଦିର ବଜାର ବ୍ୟବସ୍ଥା ଉପରେ ନିଜ ବକ୍ତବ୍ୟ ପ୍ରକାଶ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ସେହିଭଳି ପ୍ରଖ୍ୟାତ ବଲିଉଡ୍ ଗାୟକ ଶ୍ରୀ ସୁଦେସ ଭୋସଲେଙ୍କ ଦ୍ୱାରା ତାରକା ରାତ୍ରି ଅନୁଷ୍ଠିତ ହୋଇଥିଲା। ଗୁରୁବାର ସକାଳେ ସମଲେଇ ମନ୍ଦିର ଠାରୁ ଯତରା ପଡ଼ିଆ ପର୍ଯ୍ୟନ୍ତ ସାଂସ୍କୃତିକ ଶୋଭାଯାତ୍ରା ମାଧ୍ୟମରେ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ମଶାଲ ଶୋଭାଯାତ୍ରାକୁ ବିଭିନ୍ନ ଛକ ମାନଙ୍କ ରେ ଜିଲ୍ଲାର ବିଭିନ୍ନ ସଂଗଠନ, ଅନୁଷ୍ଠାନ ମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଧନା ଦିଆଯାଇଥିଲା।

# ମଦ ବେପାର ପାଇଁ ବେଆଇନ୍ ସେତୁ ନିର୍ମାଣ

## ଜଳ ସମ୍ପଦ ବିଭାଗ ତରଫରୁ ଥାନାରେ ଅଭିଯୋଗ



**କାକଟପୁର/ଅସ୍ତରଙ୍ଗ,୩।୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ରେ ଥିବା ଏକ ଠିପିଖୋଲା ବିଦେଶୀ ମଦଦୋକାନ ସାମ୍ନାରେ ପ୍ରବାହିତ ହେଉଥିବା କେନାଲ ଉପରେ ମନମାନୀ ସେତୁ ନିର୍ମାଣ, ଜଳ ସମ୍ପଦ ବିଭାଗ ତରଫରୁ ଅସ୍ତରଙ୍ଗ ଥାନାରେ ଗୁରୁବାର ଦିନ ଅଭିଯୋଗ। ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ଉପରେ ଥିବା ଠିପିଖୋଲା ବିଦେଶୀ ମଦ ଦୋକାନ କୁ ଯାତାୟାତ ପାଇଁ କିଛି ମୁଷ୍ଟିମେୟ ଲୋକ ନିଜକୁ ପ୍ରଭାବ ଶାଳୀ ମନେ କରି ସରକାରୀ କେନାଲ ଉପରେ ଜଳସମ୍ପଦ ବିଭାଗର ଅଜାଣତରେ ଠିପି ଖୋଲା ବିଦେଶୀ ମଦ ଦୋକାନକୁ ଯାତାୟାତ ପାଇଁ ସେତୁ ନିର୍ମାଣ କରୁଛନ୍ତି। ପୋଲ ନିର୍ମାଣ ଫଳରେ କେନାଲ ପାଣି ଜମିରେ ମାଡ଼ିବା ପାଇଁ ସମସ୍ୟା ହେବ। ପାଣି ଅଭାବରୁ ଅନେକ ଚାଷ ଜମିରେ ରୁଆ କାର୍ଯ୍ୟ ବାଧାପ୍ରାପ୍ତ ହେବ। ପ୍ରତିବର୍ଷ ଏହି କେନାଲ ଦେଇ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗାଁର ଚାଷ ଜମିକୁ ଜଳସେଚିତ କରିଥାଏ। ମାତ୍ର ସ୍ୱାଭାବିକ ଜଳସେଚନ ପ୍ରକ୍ରିୟା କୁ ମୁଷ୍ଟିମେୟ ବ୍ୟକ୍ତି ଅଣଦେଖା କରି ମଦ୍ୟପ ମାନଙ୍କ ଠିପି ଖୋଲା ମଦ ଦୋକାନ କୁ ଯାତାୟାତ ସୁଗମ ପାଇଁ ସରକାରୀ କେନାଲ ଉପରେ ଅଣଦେଖା କରି ପୋଲ ନିର୍ମାଣ ଫଳରେ କେନାଲ ପାଣି ଯାତାୟାତ ବାଧାପ୍ରାପ୍ତ ହେବ। ଏ ନେଇ ନିମାପଡା ଜଳସମ୍ପଦ ଅଧିକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳାଇ କହିଛନ୍ତି ବେଆଇନି ଭାବେ କେନାଲ ଉପରେ ସେତୁ ନିର୍ମାଣ ହେଉଥିବାରୁ ଯନ୍ତ୍ରୀ ଙ୍କ ନୀତିଶ କୁମାର ସାହୁ ଙ୍କ ମାଧ୍ୟମରେ ଅସ୍ତରଙ୍ଗ ଥାନାରେ ଗୁରୁବାର ଦିନ ଲିଖିତ ଅଭିଯୋଗ ଦିଆଯାଇଛି,ବେଆଇନି ଭାବେ ନିର୍ମାଣ କରିଥିବାରୁ ନିର୍ମାଣ କରୁଥିବା ବ୍ୟକ୍ତି ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ।କେନାଲ ନିର୍ମାଣ ବନ୍ଦ କରିବାକୁ ଚାଷୀ ମହଲରୁ ଦାବୀ ହୋଇଛି। ନଚେତ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ହେବା ସହ ନ୍ୟାୟଳୟର ଆଶ୍ରୟ ନେବେ ବୋଲି ଚାଷୀ ମହଲରୁ ମତ ପ୍ରକାଶ ପାଉଛି।

## ରାତି ଅଧରେ ଭାଇଭଉଣୀଙ୍କୁ ଗୁଳିମାଡ଼

**ଅନୁଗୁଳ,୩।୧(ସଂଚାର ବ୍ୟୁରୋ):** କିଶୋରନଗର ଥାନା ଭାଙ୍ଗମୁଣ୍ଡା ଗ୍ରାମରେ ଗତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ରାତି ଅଧରେ ଦୁର୍ବୃତ୍ତ ପଶି ଘରେ ଶୋଇଥିବା ନାବାଳକ ଭାଇଭଉଣୀଙ୍କୁ ଗୁଳିମାଡ଼ କରିଛନ୍ତି। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ତେବେ ଦୁର୍ବୃତ୍ତ ପତ୍ତା ମିଳି ପାରିନି। ଗୁଳିମାଡ଼ର ଶିକାର ହୋଇଥିବା ନାବାଳକ ଭାଇଭଉଣୀ ହେଲେ ପ୍ରଫୁଲ୍ଲ ମିର୍ଧାଙ୍କ ୧୫ ବର୍ଷୀୟା ଝିଅ ଜାଜ୍ଞସେନି ମିର୍ଧା ଓ ୧୧ ବର୍ଷୀୟ ପୁଅ ପ୍ରକାଶ ମିର୍ଧା। ଗତ ରାତିରେ ପରିବାର ଲୋକେ ଖାଇପିଇ ଶୋଇଥିବା ବେଳେ ଭାଇଭଉଣୀ ଗୋଟିଏ ରୁମ୍‌ରେ ଶୋଇଥିଲେ। ରାତି ଅଧରେ ହଠାତ୍ ଗୁଳି ମାଡ଼ ଶବ୍ଦ ଶୁଣି ପରିବାର ଲୋକେ ଉଠି ପଡ଼ିଥିଲେ। ଏହାପରେ ପୁଅଝିଅ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ବେଳେ ପରିବାର ଲୋକେ ତୁରନ୍ତ ଉଭୟଙ୍କୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କଟକ ବଡ଼ ମେଡିକାଲ ପଠାଇ ଦିଆଯାଇଛି। ଗୁଳିକାଣ୍ଡ କିଏ ଓ କଣ ପାଇଁ କରିଛି ତାହା ସ୍ପଷ୍ଟ ଭାବେ ଜଣା ପଡ଼ିନ ଥିବାବେଳେ , କିଶୋରନଗର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

## ରେଳ ଷ୍ଟେସନ ରାସ୍ତା ଉପରେ ପଡୁନି ପ୍ରସାଶନର ଦୃଷ୍ଟି



**ସୋନପୁର,୩।୧(ସଂଚାର ବ୍ୟୁରୋ):** ସୋନପୁର-ବଲାଙ୍ଗୀର ରେଲୱେ ପଥର ଖମ୍ବେଶ୍ୱରୀପାଲି ନିକଟରେ ଥିବା ନରସିଂଗଡ଼ ରେଲୱେ ଷ୍ଟେସନ ର ରାସ୍ତା ସାଙ୍ଘାତିକ, ରେଳଯାତ୍ରୀ ଅସନ୍ତୋଷ ନୂତନ ରାସ୍ତା ମରାମତି ପାଇଁ ଅଞ୍ଚଳବାସି ଦାବି କରିଛନ୍ତି, ରାସ୍ତା ନ ଥିବାରୁ ରେଳ ଯାତ୍ରୀ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ବାରମ୍ବାର ଅଭିଯୋଗ ସତ୍ୱେ ସୋନପୁର ଜିଲ୍ଲା ପ୍ରଶାସନ ନିରବ ଦ୍ରଷ୍ଟା ଆଗକୁ ଶୀଘ୍ର ରାସ୍ତା ମରାମତି ନ କଲେ ଏନଏଚ ରାସ୍ତା ଅବରୋଧ କରାଯିବ ବୋଲି ସୋନପୁର ଜିଲ୍ଲା ଯୁବ ସମାଜସେବୀ ମହାସଂଘ ସଭାପତି ମନୋଜ ପଳିଆ ସୂଚନା ଦେଇଛନ୍ତି ।

## ସିଲିଣ୍ଡରରୁ ଲାଗିଲା ନିଆଁ; ଜଳିଗଲେ ପତ୍ନୀ, ସରପଞ୍ଚ ଗୁରୁତର

**ବୌଦ୍ଧ,୩।୧(ସଂଚାର ବ୍ୟୁରୋ):** ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ଜଳିଗଲେ ସରପଞ୍ଚଙ୍କ ପତ୍ନୀ । ସରପଞ୍ଚ ବି ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଥିବା ବେଳେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଚାରିଛକରେ ଶ୍ରୀବନ୍ତ ମେହେର ଓ ତାଙ୍କ ପତ୍ନୀ ରହୁଥିଲେ। ଶ୍ରୀବନ୍ତ ବାଣିଭୂଷଣପୁର ପଞ୍ଚାୟତର ସରପଞ୍ଚ ଥିବା ବେଳେ ପତ୍ନୀ ବିଷ୍ଣୁପ୍ରିୟା ଶିକ୍ଷକତା କରୁଥିଲେ । ଗତକାଲି ବିଷ୍ଣୁପ୍ରିୟା ରୋଷେଇ କରୁଥିବା ବେଳେ ହଠାତ୍ ଗ୍ୟାସ ସିଲିଣ୍ଡରରୁ ନିଆଁ ବ୍ୟାପୀ ତାଙ୍କ ଦେହରେ ଲାଗି ଯାଇଥିଲା। ବିଷ୍ଣୁପ୍ରିୟା ଚିତ୍କାର କରିବାରୁ ତାଙ୍କ ସ୍ୱାମୀ ଶ୍ରୀବନ୍ତ ରକ୍ଷା କରିବାକୁ ଦୌଡ଼ି ଆସିଥିଲେ। ଫଳରେ ତାଙ୍କ ଦେହରେ ମଧ୍ୟ ନିଆଁ ଲାଗିଯାଇଥିଲା । ବିଷ୍ଣୁପ୍ରିୟାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଶ୍ରୀବନ୍ତଙ୍କୁ ପ୍ରଥମେ ପୁରୁଣାକଟକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସେଠାରୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି ।
ଖବର ପାଇ ପୁରୁଣାକଟକ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଘଟଣାର ତଦନ୍ତ କରୁଛି।

# ୩୦ କେଜି ସୁନା ସାଙ୍ଗକୁ ଲୁଟିନେଲେ ୩ ଲକ୍ଷ



**ସମ୍ବଲପୁର,୩।୧(ସଂଚାର ବ୍ୟୁରୋ):** ଦିବାଲୋକରେ ଅଫିସରେ ପଶିଲେ । କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ନିସ୍ତୁକ ପିଟିଲେ। ଏହାପରେ ପ୍ରାୟ ୩୦ କେଜି ସୁନା ସାଙ୍ଗକୁ ପ୍ରାୟ ୩ ଲକ୍ଷ ଟଙ୍କା ନେଇ ଚମ୍ପଟ ମାରିଲେ। ଏପରି ଏକ ବଡ଼ ଧରଣର ଲୁଟ୍ ଆଜି ସକାଳେ ସମ୍ବଲପୁରର ଅଇଁଠାପାଲି ଥାନା ଅନ୍ତର୍ଗତ ବୁଢାରଜା ଅଞ୍ଚଳରେ ଥିବା ମଣିପୁରମ ଫାଇନାନ୍ସ ଲିମିଟେଡ କାର୍ଯ୍ୟାଳୟରୁ ହୋଇଛି। ଆଜି ସକାଳ ୧୦ଟା ବେଳେ ମଣିପୁରମ ଫାଇନାନ୍ସ କାର୍ଯ୍ୟାଳୟ ଖୋଲିଥିଲା। ଅଫିସ ମଧ୍ୟରେ ସମୁଦାୟ ୩ କର୍ମଚାରୀ ଥିଲେ। କିଛି ସମୟ ମଧ୍ୟରେ ହଠାତ୍ ପ୍ରାୟ ୭ରୁ ୮ ଜଣ ଯୁବକ କାର୍ଯ୍ୟାଳୟରେ ପଶିଥିଲେ। ସେମାନେ ହେଲମେଟ୍ ପିନ୍ଧିଥିବା ବେଳେ ବନ୍ଧୁକ ଦେଖାଇ ଅଫିସ ଲକରରେ ଥିବା ସମସ୍ତ ସୁନାଗହଣା ଓ କାଉଣ୍ଟରରେ ଥିବା କ୍ୟାସ୍ ଦେବାକୁ କହିଥିଲେ। ପ୍ରଥମେ କର୍ମଚାରୀମାନେ ଏହାର ପ୍ରତିବାଦ କରିବାରୁ ଯୁବକମାନେ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ସେମାନଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ତେଣୁ କର୍ମଚାରୀମାନେ ଭୟଭୀତ ହୋଇ ଲକର ଖୋଲି ଦେଇଥିଲେ । ଫଳରେ ଦୁର୍ବୃତ୍ତମାନେ ଲକରରେ ଥିବା ପ୍ରାୟ ୩୦ କେଜିରୁ ଅଧିକ ସୁନା ଓ ନଗଦ ୩ ଲକ୍ଷ ଟଙ୍କା ନେଇ ବାଇକ୍ ଯୋଗେ ଅଇଁଠାପାଲି ଅଭିମୁଖେ ପଳାଇଥିଲେ। ଖବର ପାଇ ପୁଲିସ୍ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ୍ ସିସିଟିଭି ଫୁଟେଜ ଆଧାରରେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବାକୁ ପ୍ରୟାସ କରୁଛି। ତୁରନ୍ତ ଜିଲ୍ଲାର ସମସ୍ତ ପ୍ରବେଶ ପଥକୁ ସିଲ୍ କରାଯାଇ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ସମ୍ବଲପୁର ଏସ୍‌ପି ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତର ସମୀକ୍ଷା କରିଛନ୍ତି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ପୁଲିସ୍ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନକୁ ପଠାଯାଇଥିବା ଏସ୍‌ଡିପିଓ କହିଛନ୍ତି।

## ପ୍ରଶାସନ ନଜର ଆଢୁଆଳରେ ପର୍ଯ୍ୟଟନ ସ୍ଥଳୀ



**ଗଜପତି,୩।୧(ସଂଚାର ବ୍ୟୁରୋ):** ପର୍ଯ୍ୟଟନ ସ୍ଥଳୀର ବିକାଶ କରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଆଜି ମଧ୍ୟ ଅନେକ ପର୍ୟ୍ୟଟନ ସ୍ଥଳୀ ଲୁକାୟତ ଅବସ୍ଥାରେ ପଡ଼ି ରହିଛି । ଯାହା ଫଳରେ ଲୁକାୟତ ରେ ଥିବା ପର୍ୟ୍ୟଟନ ସ୍ଥଳୀକୁ ମାନ୍ୟତା ଦେବା ପାଇଁ ଆଗକୁ ବାହାରି ଆସିଛନ୍ତି ଗାଁ ଲୋକେ। ଏଭଳି ଏକ ପର୍ଯ୍ୟଟନ ସ୍ଥଳୀ ହେଉଛି ଗଜପତି ଜିଲ୍ଲା ମୋହନା ବ୍ଲକ ମଳାସପଦର ଗ୍ରାମ ପଞ୍ଚାୟତରେ ଥିବା ଦେଦେଙ୍ଗ ଜଳପ୍ରପାତ। ସୁନ୍ଦର ତୃପ୍ତିର ଅବସାଦ ନାହିଁ ... ଯେତେ ଦେଖିଲେ ବି ନୂଆ ଦିଶୁଥାଇ...। ସବୁଜ ବନାନୀ ଭିତରେ ଥିବା ଜଳପ୍ରପାତ ସୌନ୍ଦର୍ଯ୍ୟକୁ ଆହୁରି ଦୁଇ ଗୁଣିତ କରୁଛି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ପାହାଡି ଇଲାକାରେ ମୁଖ୍ୟ ଆକର୍ଷଣ ପାଲଟିଛି ଜଳ ପ୍ରପାତ । ମୋହନା ଠାରୁ ମାତ୍ର ୨୨ କିଲୋମିଟର ଦୂରରେ ରହିଥିବା ଦେଦେଙ୍ଗ ଜଳ ପ୍ରପାତ। ଜଳ ପ୍ରପାତଟି ଲୁକାୟିତ ଅବସ୍ଥାରେ ପଡ଼ି ରହିଥିବାରୁ ମଳାସପଦର ପଞ୍ଚାୟତର କେହେଲିଗୁଡା ଗାଁର ଲୋକେ ଏବେ ପର୍ଯ୍ୟଟନସ୍ଥଳୀ ପାଇଁ ଦାବି କରିଛନ୍ତି । ମନଲୋଭା ଜଳ ପ୍ରପାତ ଘଞ୍ଚ ଜଙ୍ଗଲ ଓ ସୁନ୍ଦର ପରିବେଶ ରେ ରହିଥିବା ହେତୁ ଏଠାରେ ଲୋକଙ୍କ ଭିଡ ଲାଗୁଛି । ଜଳ ପ୍ରପାତଟି ପାଖାପାଖି ୧୫୦ ଫୁଟ ଉପରୁ ପାଣି ପଡୁଥିବା ବେଳେ ପ୍ରକୃତି ର ଶୋଭାକୁ ଆହୁରି ଦୁଇ ଗୁଣିତ କରୁଛି । ହେଲେ ଏହା ଏବେ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି।

## ବୃଦ୍ଧଙ୍କୁ ଗୋଡ଼ାଇ ଗୋଡ଼ାଇ କଚାଡ଼ିଲା ଦନ୍ତା



**ସୁନ୍ଦରଗଡ଼,୩।୧(ସଂଚାର ବ୍ୟୁରୋ):** ରାତି ଅଧରେ ଜଙ୍ଗଲ ମଝିରେ ଦନ୍ତା ହାବୁଡ଼ରେ ପଡ଼ିଗଲେ ବୃଦ୍ଧ। ଦନ୍ତା ଗୋଡ଼ାଇ ଗୋଡ଼ାଇ କଚାଡ଼ି ଜୀବନ ନେଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି ସହ ଉକ୍ତ ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରି ଅନ୍ୟତ୍ର ଛାଡ଼ିବାକୁ ଦାବି କରି ସ୍ଥାନୀୟ ଲୋକେ ରାତି ସାରା ମୃତଦେହକୁ ଜଗି ବସିଛନ୍ତି। ଏପରି ଏକ ଘଟଣା ଗତ ରାତିରେ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ ବରସୁଆଁ ରେଞ୍ଜରେ ଘଟିଛି।
ମୃତକ ହେଲେ ବନ୍ଦଲ ଗାଁର ୫୫ ବର୍ଷୀୟ ବିଠଲ ନାୟକ । ବିଠଲ ଗତକାଲି ନିଜର ଜଣେ ସାଥିଙ୍କ ସହ ରେଙ୍ଗମା ଗାଁକୁ ଯାଇଥିଲେ। ସେଠାରୁ କାମ ସାରି ଉଭୟ ରାତିରେ ଜଙ୍ଗଲ ରାସ୍ତାରେ ଘରକୁ ଫେରୁଥିବା ବେଳେ ଏକ ଦନ୍ତା ହାବୁଡ଼ରେ ପଡ଼ି ଯାଇଥିଲେ।
ବିଠଲଙ୍କ ସାଙ୍ଗ ଦୌଡ଼ି ନିଜ ଜୀବନ ବଞ୍ଚାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ ବିଠଲ। ଦନ୍ତାଟି ତାଙ୍କୁ ଜଙ୍ଗଲ ମଧ୍ୟରେ ଗୋଡ଼ାଇ ଗୋଡ଼ାଇ ଶୁଣ୍ଢରେ କଚାଡ଼ି ଦେଇଥିଲା। ଏହାପରେ ତାଙ୍କୁ ପାଦରେ ଦଳି ଦେବାରୁ ଘଟଣାସ୍ଥଳରେ ବିଠଲଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଗ୍ରାମବାସୀ ଓ ବନ ବିଭାଗ ଅଧିକାରୀ ଜଙ୍ଗଲରେ ପହଞ୍ଚିଥିଲେ। ଉକ୍ତ ଦନ୍ତା ଗତ ୩ ବର୍ଷ ମଧ୍ୟରେ ପ୍ରାୟ ୩୦ରୁ ଅଧିକ ଜଣଙ୍କ ଜୀବନ ନେଇ ସାରିଥିବା ବେଳେ ୫୦ରୁ ଅଧିକ ଲୋକଙ୍କୁ ଆକ୍ରମଣ କରି ଗୁରୁତର କରିଛି। ତେଣୁ ତୁରନ୍ତ ବିଠଲଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ଉକ୍ତ ହାତୀକୁ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ଦାବି କରିଛନ୍ତି ଗ୍ରାମବାସୀ । ଏହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ମୃତଦେହ ଛାଡ଼ିବେନି ବୋଲି ନିଜ ଜିଦ୍‌ରେ ଗ୍ରାମବାସୀ ଅଡ଼ି ରହିଛନ୍ତି। ଅପରପକ୍ଷେ, ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଜଙ୍ଗଲ ମଝିରେ ନିଆଁ ଜାଳି ବସି ରହିବା ସହ ରାତି ସାରା ମୃତଦେହକୁ ଜଗିଛନ୍ତି। ଆଜି ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିବା ପରେ କ'ଣ ସମାଧାନ ହେଉଛି ତାହା ଉପରେ ସମସ୍ତଙ୍କ ନଜର।

## ପୋଖରୀ ତୁଠରେ ବିତୁଛି ସୋବୀଙ୍କ ସଂସାର

**ଡେଲାଙ୍ଗ,୩।୧(ସଂଚାର ବ୍ୟୁରୋ):** ଗରିବ ହେଲେ ମଲ । ଏ କଥା ଯିଏ କହିଛି ସେ ଠିକ୍ କହିଛି । ଅଭାବ ସାଙ୍ଗକୁ ଅବହେଳା ଜୀବନକୁ ଛନ୍ଦି ଦେଇଛି । ଶକ୍ତିହୀନ କରି ଦେଇଛି ଅର୍ଥାଭାବ। ଉଜୁଡା ଘରକୁ ସଜାଡ଼ିବା ଅସମ୍ଭବ ହେବାରୁ ଗାଁ ପୋଖରୀ ତୁଠରେ ବିତୁଛି ସମୟ । ଲୁଗା ବଦଳାଇବା ଘରେ ସୋବୀଙ୍କ ସଂସାର । ଚାରିଆଡ଼େ ବହଳ ଅନ୍ଧାର । ଡିବି ଜଳୁଥାଏ । ଶୀତୁଆ ରାତି । ରାସ୍ତାକଡ଼ ପୋଖରୀ ତୁଠର ଏକ ଛୋଟିଆ କୁଡ଼ିଆ। ଆଉ ଏକ ଛୋଟିଆ କୁଡ଼ିଆରେ ଛେଳି ଆଉ ମଣିଷ ଉଭୟ । ଆଜି ନୁହେଁ, ୬ ବର୍ଷ ହେଲାଣି ଏମିତି କଟୁଛି ଏମାନଙ୍କ ଜୀବନ । ବନ୍ୟା-ବାତ୍ୟା, ବର୍ଷା-ଶୀତ କାକର ସବୁ ଦିନ ସବୁ ରାତି ସେମାନଙ୍କ ପାଇଁ ସମାନ । ଏଇ ବାଟ ଦେଇ ସମସ୍ତଙ୍କ ଯା'ଆସ । ହେଲେ କେବେ କାହାରି ବି ନଜର ପଡ଼ିନି ଏମାନଙ୍କ ଉପରେ। ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଗଞ୍ଜେଇଗୋଡି ଗାଁର ଭିକାରୀ ସ୍ୱାଇଁ । ୨୦୧୯ ବାତ୍ୟା ଫନି ସେମାନଙ୍କୁ ବେଘର କରି ଦେଇଛି । ଝଡ଼ ମାଡ଼ରେ ଘର ଭାଙ୍ଗି ଯିବା ପରେ ସ୍ତ୍ରୀ ସୋବୀ ସ୍ୱାଇଁ ଓ ଭିନ୍ନକ୍ଷମ ପୁଅ ସହିତ ଏଇ କୁଡ଼ିଆ ଘର ହିଁ ପାଲଟିଛି ଏମାନଙ୍କ ଠିକଣା। ଏ ଦୁରବସ୍ଥା ସମ୍ପର୍କରେ ପ୍ରଶାସନ ଯେ ଜାଣିନାହିଁ ତା'ନୁହେଁ। ଭଙ୍ଗା



ଘରର ସ୍ଥିତି ଅନୁଧ୍ୟାନ କରିଛନ୍ତି ବ୍ଲକ ଅଧିକାରୀ, ତଥାପି ଏଯାଏଁ ସହାୟତା ମିଳିନାହିଁ। ଗୁହାରି କରିକରି ଥକିଗଲେଣି ଭିକାରୀ ଓ ସୋବୀ । କେବେ ଏହି ପରିବାର ଉପରେ ପ୍ରଶାସନର ନଜର ପଡ଼ିବ ଏବେ ତାକୁ ହିଁ ଅପେକ୍ଷା ।

## ଜିଲ୍ଲା ସାମ୍ବାଦିକ ସଂଘର ବନ୍ଧୁମିଳନ ଅନୁଷ୍ଠିତ



**ରାୟଗଡା,୩।୧(ସଂଚାର ବ୍ୟୁରୋ):** ପ୍ରତିବର୍ଷର ଭଳି ଏହିବର୍ଷ ରାୟଗଡାର ହାଲୁଆ ପଞ୍ଚାୟତର ହାଲୁଆ ତୋଟା ବୃଦ୍ଧା ଶ୍ରମ ଠାରେ ଜିଲ୍ଲା ସାମ୍ବାଦିକ ସଂଘର ବନ୍ଧୁମିଳନ - ୨୦୨୫ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହଇଥିଲା । ରାୟଗଡା ଜିଲ୍ଲାର ୧୧ ଗଟି ବ୍ଲକରୁ ପ୍ରାୟ ୧୦୦ ରୁ ଅଧିକ ସାମ୍ବାଦିକ ଅଂଶଗ୍ରହଣ କରିଥିଲେ ଓ ନିଜ ନିଜ ବ୍ଲକ ରଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ଚାଷୀ ମାନଙ୍କର ଓ ଗମନାଗମନା, ସମସ୍ୟା ସାଙ୍ଗ ରେ ଆଲଚନା କରାଗଲା । ସକାଳ ୧୦ ଟାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ଡକ୍ଟର ବାଦଲ କୁମାର ତା, ଉପଦେଷ୍ଟା ବିଜୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ରବିନ୍ଦ୍ର ପାଟଖଣ୍ଡଳ ଓ କୋଷାଦକ୍ଷ ବିଜୟ କୁମାର ଦାଶ ମଞ୍ଚାସିନ ହୋଇଥିଲେ। ସଭାର ଆରମ୍ଭରେ ରବିନ୍ଦ୍ର ପାଟଖଣ୍ଡଳ ସଂଘର ବିଗତ ବର୍ଷର କାର୍ଯ୍ୟର ସଫଳତା ଓ ସେବା ଗତିବିଧି ବିଷୟରେ ଆଲୋକ ପାତ କରିଥିଲେ । କୋଷାଦକ୍ଷ ବିଜୟ କୁମାର ଦାଶ ବର୍ଷର ଆର୍ଥିକ ବ୍ୟୟର ତାଲିକା ପ୍ରଦର୍ଶନ କରିଥିଲେ । ସଭାପତି ଡକ୍ଟର ତା ସାମ୍ବାଦିକ ମାନଙ୍କ ସମସ୍ୟା, ସରକାରୀ ଓ ପ୍ରଶାସନିକ ସହଯୋଗ ପ୍ରତି ବିଶେଷ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ । ଜିଲ୍ଲାର ଉନ୍ନତି ସହିତ ଶୋଷିତ, ପୀଡ଼ିତ, ବଞ୍ଚିତ ଓ ଅବହେଳିତ ଲୋକମାନଙ୍କ ପାଇଁ ସାମ୍ବାଦିକଙ୍କ ଭୂମିକା ଉପରେ ତାଙ୍କ ବକ୍ତବ୍ୟ ରହିଥିଲା । ସମାପନରେ ନୂତନ କମିଟିର ଘୋଷଣା ହୋଇଥିଲା । ଡକ୍ଟର ବାଦଲ କୁମାର ତାଙ୍କୁ ପୁନର୍ବାର ସଭାପତି ଭାବେ ଚୟନ କରାଗଲା । ଶ୍ୟାମ କୁମାର ଦାଶ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ ହେଲେ । ଜିଲ୍ଲା ଉପସଭାପତି ଭାବେ ତିରୁମୁଳା ପ୍ରସାଦ ପଟ୍ଟନାୟକ, ବ୍ରଜ ସୁନ୍ଦର ପାଢ଼ୀ ଓ ରଞ୍ଜନ ସ୍ୱାଇଁଙ୍କୁ ଚୟନ କରାଗଲା। ବିଦ୍ୟା ଭୂଷଣ ପଣ୍ଡା ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହେଲେ । ନୂତନ ନିଯୁକ୍ତ କମିଟିରେ ମନୋଜ ଜେନା କୋଷାଦକ୍ଷ ଭାବେ ଓ ସନ୍ତୋଷ ଗୁରୁ, ଗୋପୀନାଥ ଗୌଡ଼, ଗୋଲକ ବିହାରୀ ସାମାନ୍ତରାୟ, ପ୍ରସାଦ ଲିମା ସମ୍ପାଦକ ଭାବେ ଦାୟିତ୍ୱ ନେବେ । ସଙ୍ଘର ସଦସ୍ୟମାନେ ନୂତନ କମିଟିକୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ ।



## ଚଢାଉ ବେଳେ ବିପୁଳ ପରିମାଣର ବ୍ରାଉନସୁଗାର ସହ ଗଞ୍ଜେଇ ଜବତ

**ରାଉରକେଲା,୩।୧(ସଂଚାର ବ୍ୟୁରୋ):** ନିଶା କାରବାରକୁ ନେଇ ଆକ୍ସନ ମୋଡରେ ରାଉରକେଲା ପୋଲିସ । ମୀନାପଡାରେ ପୋଲିସ ଅଚାନକ ଚଢାଉ କରି ବିପୁଳ ପରିମାଣର ବ୍ରାଉନ ସୁଗାର ଓ ଗଞ୍ଜେଇ ଜବତ କରିବା ସହ ୪ଜଣଙ୍କୁ ଅଟକ ରଖିଛି । ଘଟଣା ସ୍ଥଳରୁ ବ୍ରାଉନ ସୁଗାର ୧୧୪ଟି ପ୍ୟାକେଟ, ୪୦ କେଜି ଗଞ୍ଜେଇ ଜବତ ହୋଇଛି । ବ୍ରାଉନ ସୁଗାର ଭଳି ମାରାତ୍ମକ ନିଶା କାରବାରର ଚେର କେଉଁଠି ? କିଏ କିଏ ଏସବୁ ନିଶା ନେଉଥିଲେ ? ଏସବୁର ଖୋଳତାଡ଼ କରୁଛି ପୋଲିସ । ଆଜି ସକାଳୁ ପୋଲିସର ଏକ ଟିମ୍ ପ୍ଲାଣ୍ଟ ସାଇଟ ଥାନା ମୀନାପଡା ଓ ମହତାବ ରୋଡ଼ରେ ଅଚାନକ ଚଢାଉ କରି ଆଠଟି ଘରେ ସର୍ଚ୍ଚ ଅପରେସନ ଚଳାଇଥିଲା, ଏହି ସମୟରେ ୩ ମହିଳାଙ୍କ ସହ ୪ ଜଣଙ୍କୁ ଧରିଥିଲା ପୋଲିସ ।

## ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କୁନି କଳାକାରଙ୍କ କମାଲ

**ବୈଶିଙ୍ଗା,୩।୧(ସଂଚାର ବ୍ୟୁରୋ):** ତୃତୀୟ ବର୍ଷରେ ପଦାର୍ପଣ କରିଥିବା ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ କୁନି କୁନି କଳାକାର ମାନେ ନିଜ ନିଜର ଜଲୱା ଦେଖାଇ ଦର୍ଶକ ମାନଙ୍କୁ ବିମୋହିତ କରିପାରିଛନ୍ତି ।ଆଜିର ଉଦଘୋଷକ ଭାବେ କମିଟୀର ସଦସ୍ୟ ଜୟନ୍ତ କୁମାର ପ୍ରଧାନ ଶୃଙ୍ଖଳିତ ପରିଚାଳନା କରିଥିଲେ । ସଭାପତି ଦେବେନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ଦେବା ପରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା କମିଟୀର କୋଷାଧ୍ୟକ୍ଷ ସୀତାନାଥ ବେହେରା ସମସ୍ତଙ୍କ ପ୍ରଚେଷ୍ଟାରେ ଗଢି ଉଠିଥିବା ଏହି ମହୋତ୍ସବ ପାଇଁ ଅଞ୍ଚଳବାସୀ ଙ୍କ ଆଶୀର୍ବାଦ ରହିଲେ ଆଗକୁ ଆହୁରି ଅଧିକ ସୁନ୍ଦର ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ସଦସ୍ୟ ବିଶ୍ୱମ୍ବର ରାଉତ ଅତି ସୁନ୍ଦର ଭାବେ କଳାର ମାଟି ମୟୂରଭଞ୍ଜ ତଥା ଏହି ମହୁରୀ ଗ୍ରାମ କଳାର ସ୍ରଷ୍ଟା ବୋଲି ଉଦାହରଣ ମାଧ୍ୟମରେ ବଖାଣିଥିଲେ । ସମ୍ପାଦକ ସତ୍ୟ ପ୍ରକାଶ ପ୍ରଧାନ ଜୟ ଜଗନ୍ନାଥ ଧୂନୀ ରେ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ ।ପରେ ପରେ କୁନି କଳାକାର ଲିପସା ମହାପାତ୍ର, ରାଜନନ୍ଦିନୀ କମିଳା, ପ୍ରତିଭା ବିଶ୍ୱାଳ, ରାଧା ପରିଡା, କ୍ରୀସ୍,ବର୍ଷା ପତି, ସ୍ମୃତିଶ୍ରୀ ସାହୁ, ଦର୍ଶନା ସାହୁ, ଓମ୍ ପ୍ରକାଶ ନାୟକ,ଲିରିଶା ପାତ୍ର, ରୋଜାଲିନ୍ ସାସମଲ ,ଦ୍ରକ୍ଷାନୀ ମିଶ୍ର,ନିତେଶ ସାମଲ ପ୍ରମୁଖ ନାଚ ଗୀତରେ ମନ ମୋହି ଦେଇଥିଲେ ।ଏହାପରେ ରୟାଲ ରିଭେଞ୍ଜ ମେୟୋତି ଗ୍ରୁପ୍ ତାଙ୍କର ନୃତ୍ୟ ଗୀତ ପରିବେଷଣ କରିଥିଲେ । ହଜାର ହଜାର ଦର୍ଶକ ପ୍ରଚୁର ଶୀତ ସତ୍ତ୍ୱେ ଆନନ୍ଦରେ ଉପଭୋଗ କରିଥିଲେ ।



## ରକ୍ଷକ ସାଜିଲେ ଭକ୍ଷକ, ନିଲମ୍ବନ କଲେ ଏସ୍‌ପି

**ରାୟଗଡା,୩।୧(ସଂଚାର ବ୍ୟୁରୋ):** ରାସ୍ତି ମଝିରେ କଲେ ମାରପିଟ। ଭୁଲିଗଲେ ବର୍ଦ୍ଦିର ମର୍ଯ୍ୟାଦା, ମନେ ରହିଲାନି ଶାଳିନତା। ପୁଲିସ୍‌ର ଏପରି କାର୍ଯ୍ୟକଳାପକୁ ବିଭିନ୍ନ ମହଲରୁ ସମାଲୋଚନା କରାଯିବା ପରେ କଡ଼ା ପଦକ୍ଷେପ ନେଇଛନ୍ତି ଏସ୍‌ପି। ବିଶୃଙ୍ଖଳିତ ଆଚରଣ ପାଇଁ ନୟାଗଡ଼ ଏସପି ୪ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି । ଡିସେମ୍ବର ୩୧ ତାରିଖ ରାତିରେ ନୟାଗଡ ତ୍ରିନାଥ ବଜାର ରାସ୍ତା ଉପରେ ପୁଲିସ ସଂଘର ଦୁଇ ଗୋଷ୍ଠୀ କର୍ମଚାରୀଙ୍କ ମଧ୍ୟରେ ଏକ କାର୍ଡ ଛପାକୁ କେନ୍ଦ୍ର କରି ଯୁକ୍ତି ତର୍କ ହୋଇଥିଲା। ପରେ ଉଭୟ ପକ୍ଷଙ୍କ ମଧ୍ୟରେ ମାଡ଼ପିଟ ହୋଇଥଲା। ଏନେଇ ଉଭୟ ପକ୍ଷରୁ ନୟାଗଡ ଟାଉନ ଥାନାରେ ଏତଲା ଦିଆଯାଇଛି । କର୍ତ୍ତବ୍ୟରେ ଅବହେଳା ଓ ଅଶୋଭନୀୟ ଆଚରଣ ପାଇଁ ନୟାଗଡ଼ ରିଜର୍ଭର ୪ ଜଣ ପୁଲିସ କର୍ମଚାରୀଙ୍କୁ ନୟାଗଡ଼ ଏସପି ତୁରନ୍ତ ନିଲମ୍ବନ କରିଛନ୍ତି। ନିଲମ୍ବିତ ପୁଲିସ କର୍ମଚାରୀମାନେ ହେଲେ ଦିଲ୍ଲୀପ ବେହେରା, ମୁନା ବେହେରା, ସଞ୍ଜୟ ମହାପାତ୍ର, ଦୁର୍ଗା ମାଧବ ଦୋରା। ଏପରି ଏକ ବଡ଼ ପଦକ୍ଷେପ ନେଇଥିବା ନେଇ ନୟାଗଡ ଏସପି ସୂଚନା ଦେଇଛନ୍ତି।